

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୨୯ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 29 APRIL 2022
Vol.No. 33 ■ No. 111 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ତୈଳ ଉପରେ ଭାଟ କମାଇବାକୁ ବିରୋଧ କଲେ ୮ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୮/୦୪ : ବୁଧବାର ରାଜ୍ୟମାନଙ୍କୁ ଭାଟ ହ୍ରାସ କରିବା ପାଇଁ ପରାମର୍ଶ ଦେଇଥିଲେ ପ୍ରଧାନମନ୍ତ୍ରୀ ମୋଦି । ଏଥିସହ ଭାଟ ହ୍ରାସ ନହେବା ଯୋଗୁଁ କିଭଳି ତେଲ ଦର ବୃଦ୍ଧି ପାଉଛି ଓ ସାଧାରଣ ଜନତାଙ୍କ ଉପରେ ଏହାର ବୋଝ ପଡ଼ିଛି ସେନେଇ ରାଜ୍ୟ ସରକାରଙ୍କୁ ଅପିଲ କରିଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ସହଜରେ ଗ୍ରହଣ କରିପାରିନାହାଁନ୍ତି ୮ଟି ରାଜ୍ୟର ସରକାର । ବୟାନକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଭିନ୍ନ ଭିନ୍ନ ତରିକାରେ ସମାଲୋଚନା ଆରମ୍ଭ କରିଛନ୍ତି ୮ ରାଜ୍ୟର ମୁଖ୍ୟମନ୍ତ୍ରୀ । ବୁଧବାର କୋଭିଡସ୍ଥିତି ସମୀକ୍ଷା ବୈଠକରେ ରାଜ୍ୟମାନଙ୍କୁ ପେଟ୍ରୋଲ ଓ ଡିଜେଲ ଦର ଉପରେ ଭାଟ ହଟାଇବାକୁ ପରାମର୍ଶ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କେନ୍ଦ୍ର ସରକାର ଏକ୍ସାଇଜ ଡ୍ୟୁଟି କମାଇବା ସତ୍ତ୍ୱେ




କିଛି ରାଜ୍ୟ ଟ୍ୟାକ୍ସ କାଟିଲେ ନାହିଁ ଫଳରେ ତୈଳ ଦର ବୃଦ୍ଧି ପାଇଥିବା ରାଜ୍ୟମାନଙ୍କୁ କହିଥିଲେ ମୋଦି । ପ୍ରଧାନମନ୍ତ୍ରୀଙ୍କ ଏହି କଥାକୁ ସହଜରେ ଗ୍ରହଣ କରିପାରିନାହାଁନ୍ତି ଅଣ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ । ଏବେ ଜଣଙ୍କ ପରେ ଜଣେ ମୁଖ୍ୟମନ୍ତ୍ରୀ ମୋଦିଙ୍କ ବୟାନକୁ ସମାଲୋଚନା କରି ନିଜ ନିଜର କଡ଼ା ପ୍ରତିକ୍ରିୟା ରଖୁଛନ୍ତି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଏହି ପ୍ରସଙ୍ଗରେ ସିଧାସଳଖ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିଛନ୍ତି । କେସିଆର କହିଛନ୍ତି ରାଜ୍ୟମାନଙ୍କୁ ପର୍ରାମଶ ଦେବା ବଦଳରେ କେନ୍ଦ୍ର ଟିକସ କାଟ କଣ ପାଇଁ କରୁନି ? କେନ୍ଦ୍ର କେବଳ ଟିକସ ବୃଦ୍ଧି କରିନି ବଂର ସେସ୍ ମଧ ଆଦାୟ କରୁଛି । ବର୍ଦ୍ଧିତ ଟିକସର ସୂଚନା ଦିଅନ୍ତୁ କେନ୍ଦ୍ର ସରକାର । ସେପଟେ ମମତା ବାନାର୍ଜୀ କହିଛନ୍ତି ଯେ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ରିହାତି ଦେବା ପାଇଁ ଗତ ୩ ବର୍ଷରେ ୧୫ଶହ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏଭଳି ବୟାନ ଏକତରଫା ଓ ବିଭ୍ରାନ୍ତିକରକ ଅଟେ । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ସମାଲୋଚନା କରି କହିଛନ୍ତି ଯେ ଇନ୍ଧନ ଦର ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରାଯିବା ଅନୁଚିତ । ଲିଟର ପିଛା ପେଟ୍ରୋଲ ଉପରେ କେନ୍ଦ୍ର ୩୧ ଟଙ୍କା ୫୮ ପଇସା ଟିକସ ଲାଗୁ କରିଛନ୍ତି ଓ ରାଜ୍ୟ ସରକାର ୩୨ଟଙ୍କା ୫୫ ପଇସା ଲାଗୁ କରିଛନ୍ତି । ତେଣୁ ରାଜ୍ୟ ସରକାରଙ୍କ ପାଇଁ ନୁହେଁ ବଂର କେନ୍ଦ୍ର ପାଇଁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି । ଟୁଇଟ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଇନ୍ଧନ, କୋଇଲା, ପେଟ୍ରୋଲ ଦର ବୃଦ୍ଧି ସହ ଅକ୍ସିଜେନ ଅଭାବ ପାଇଁ ମୋଦି ସରକାର ରାଜ୍ୟମାନଙ୍କୁ ଉପରେ ଦୋଷ ଲଦୁଛନ୍ତି । ପ୍ରକୃତରେ କିନ୍ତୁ ୬୦ ପ୍ରତିଶତ ଟକସ କେନ୍ଦ୍ର ନିଏ । ତଥାପି ପ୍ରଧାନମନ୍ତ୍ରୀ ନିଜ ଦାୟିତ୍ୱରୁ ଓହରି ରାଜ୍ୟଉପରେ ଦୋଷ ଲଦୁଛନ୍ତି । ସେସ ମାଧ୍ୟମରେ କେନ୍ଦ୍ର ପାଉଥିବା ରାଜସ୍ୱ ରାଜ୍ୟକୁ ମିଳୁନଥିବା କହିଛନ୍ତି ▶▶ପୃଷ୍ଠା ୭

# ରାଜଧାନୀରୁ ମିଳିଲା ୫୦ କେଜିର ହେରୋଇନ ଓ ୩୦ ଲକ୍ଷ ଟଙ୍କା

ନୂଆଦିଲ୍ଲୀ, ୨୮/୦୪ : ଦେଶର ରାଜଧାନୀ ଦିଲ୍ଲୀରୁ ମିଳିଛି ବିପୁଳ ପରିମାଣର ହେରୋଇନ ଓ ନଗଦ ଟଙ୍କା । ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଦିଲ୍ଲୀର ଶାହୀନ ବାଗରୁ ୫୦ କେଜି ଓଜନର ଦାମୀ ହେରୋଇନ, ୪୭ କେଜି ଓଜନର ଅନ୍ୟ ସନ୍ଦିଗ୍ଧ ଡ୍ରଗ୍ସ ଓ ନଗଦ ୩୦ ଲକ୍ଷ ଟଙ୍କା ଜବତ କରିବାରେ ସକ୍ଷମ ହୋଇଛି । ଶାହୀନ ବାଗର ଜାମିଆ ନଗରରୁ ଏତେ ପରିମାଣର ଜିନିଷ ଜବତ ହୋଇଥିବା ଏନସିବି ଆଜି ସୂଚନା ଦେଇଛି । ଏହି ଘଟଣାରେ ଜଣଙ୍କୁ ଗିରଫ ମଧ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ପୂରା ଅପରେସନ ବୁଧବାର ରାତିରେ କରାଯାଇଥିଲା । ରେଡ୍ ବେଳେ ଏକାଧିକ କାନ୍ଧ ଗଳା ବ୍ୟାଗ, ଝୋଟ ଅଖା ଓ ଇ-କର୍ମସ ଲୋଗ ଥିବା କିଛି ପ୍ୟାକେଟ ଜବତ କରାଯାଇଥିଲା । ଏଗୁଡ଼ିକ



ମଧ୍ୟରୁ ହେରୋଇନ ଏବଂ ନଗଦ ଟଙ୍କା ମିଳିଛି । ଘଟଣା ପଛରେ ଥିବା ଭାରତ-ଆଫଗାନିସ୍ତାନ ନିଶାବେପାରୀ ଗ୍ୟାଙ୍ଗର ହାତ ରହିଛି । ଏହାକୁ ପର୍ଦ୍ଦାଫାସ କରାଯାଇଛି । ହେଲେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଏନସିବି କହିଛି । ବୁଧବାର ଏନସିବି ଓ ଗୁଜରାଟ ଏଟିଏସ ମିଳିତ ଭାବେ ଅପରେସନ କରି ଉତ୍ତର ପ୍ରଦେଶର ମୁଜାଫରନଗର ଜିଲ୍ଲାରୁ ୩୫ କେଜି ଓଜନର ହେରୋଇନ ଜବତ କରିଥିଲେ । ଗୋଟିଏ ବିବୃତିରେ ଏନସିବି କହିଛି ଯେ ଗୁଜରାଟ ଏଟିଏସ୍‌କୁ ପ୍ରଥମେ ଡ୍ରଗ୍ସ ସିଣ୍ଡିକେଟ ସମ୍ପର୍କରେ ସୂଚନା ମିଳିଥିଲା । ଏହାପରେ ଦୁଇ ଏଜେନ୍ସି ମିଳିତ ଭାବେ ଦିଲ୍ଲୀରେ ରହୁଥିବା ୨ ଜଣ ମୁଜାଫରନଗର ବାସିନ୍ଦାଙ୍କୁ ଟ୍ରାକ୍ କରିଥିଲେ । ଏହି ସମୟରେ ସେମାନଙ୍କ ଗାଡ଼ିରୁ ୧ କେଜି ଓଜନର ହେରାଇନ ଜବତ ହୋଇଥିଲା । ଏହି ରେଡ୍ ପରେ ମୁଜାଫରଗନରରେ ଥିବା ଗୋଟିଏ ଷ୍ଟୋର ହାଉସରୁ ୩୪ କେଜି ଓଜନର ହେରୋଇନ ଓ ୨.୭୫ କେଜି ଓଜନର ଡ୍ରଗ୍ସ ତିଆରି ପାଇଁ ବ୍ୟବହୃତ ହେଉଥିବା କେମିକାଲ ଜବତ କରାଯାଇଥିଲା ।

## ଓଡ଼ିଶା ସମେତ ୫ ରାଜ୍ୟକୁ ହିଟୱେଭ ୱାର୍ଣ୍ଣିଂ

ନୂଆଦିଲ୍ଲୀ, ୨୮/୦୪ : ଦିନକୁ ଦିନ ଦେଶର ବିଭିନ୍ନ ପ୍ରାନ୍ତରେ ମୁଣ୍ଡଫଟା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ଓଡ଼ିଶା ଠାରୁ ଆରମ୍ଭ କରି ଉତ୍ତର ଓ କେନ୍ଦ୍ର ଭାରତର ଅଧିକାଂଶ ସ୍ଥାନରେ ପାରଦ ପ୍ରାୟ ୪୫ ଡିଗ୍ରୀ ଡେଇଁଲାଣି । ଆଗକୁ ତାପମାତ୍ରା ଆହୁରି ବଢ଼ିବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଓଡ଼ିଶା ସମେତ ୫ ରାଜ୍ୟ ପାଇଁ ହିଟୱେଭ ସତର୍କ ସୂଚନା ଜାରି କରାଯାଇଛି । ଏହାର ଅର୍ଥ ପ୍ରଚଣ୍ଡ ରୌଦ୍ରତାପ ଦେଖିବାକୁ ମିଳିବ । ହିଟୱେଭ ୱାର୍ଣ୍ଣିଂ ଜାରି ହୋଇଥିବା ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରୀ କିମ୍ବା ତା' ଠାରୁ ଅଧିକ ରହିବ । ଆଇଏମଡିର ଆକଳନ ଅନୁଯାୟୀ, ଆସନ୍ତା ୩ ଦିନ ଯାଏ ଉତ୍ତରପଶ୍ଚିମ ରାଜ୍ୟଗୁଡ଼ିକରେ ଦିନର ସର୍ବୋଚ୍ଚ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବାର ଆଶଙ୍କା ରହିଛି । ଏହାପରେ ୨ ଡିଗ୍ରୀ ସେଲସିୟସ କମିବ । କିନ୍ତୁ ଗ୍ରୀଷ୍ମ ପ୍ରବାହରୁ ନିସ୍ତାର ମିଳିବା ସମ୍ଭାବନା ବହୁତ କମ । ଆଇଏମଡି ବୈଜ୍ଞାନିକ ଆରକେ ଜେନାମଣି କହିଛନ୍ତି ଯେ ରାଜସ୍ଥାନ, ଦିଲ୍ଲୀ, ଓଡ଼ିଶା, ହରିଆଣା ଓ ୟୁପି ପାଇଁ ହିଟୱେଭ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ୫ ରାଜ୍ୟର କିଛି ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରୀ ପାର କରିସାରିଲାଣି । ଏପରି ପ୍ରଚଣ୍ଡ ଖରା ମେ' ପ୍ରଥମ ସପ୍ତାହମ ଯାଏ ଜାରି ରହିବ । ଏହାପରେ ବର୍ଷା ହେବାର ସମ୍ଭାବନା ରହିଛି । ଏପରି ହେଲେ ଦିନର ତାପାମାତ୍ରା ହ୍ରାସ ପାଇବ ବୋଲି ସେ କହିଛନ୍ତି ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ: ରାଜନୀତି ଜୋର୍, ଦ୍ୱନ୍ଦ୍ୱରେ ଶ୍ରଦ୍ଧାଳୁ, ୯ରେ ଶୁଣାଣି

ଭୁବନେଶ୍ୱର, ୨୮/୦୪ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ୧୦୦ମିଟର ନିଷେଧା ଅଞ୍ଚଳରେ ଖନନ ଓ ନିର୍ମାଣ କାର୍ଯ୍ୟକୁ ନେଇ ରାଜନୀତି ଜୋର ଧରିଥିବାବେଳେ ହାଇକୋର୍ଟ ଏହି ପ୍ରସଙ୍ଗରେ ଦାଏର ମାମଲାର ଶୁଣାଣି ମେ' ୯ତାରିଖରେ କରିବା ପାଇଁ ସାନି ତାରିଖ ଧାର୍ଯ୍ୟ କରିଛନ୍ତି । ଏଏସଆଇକୁ ମଧ ମିଳିତ ଅନୁଧାନ ରିପୋର୍ଟ ସତ୍ୟପାଠ ଆକାରରେ ଦାଖଲ କରିବା ନିମନ୍ତେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିଜେଡି, ବିଜେପି ଓ କଂଗ୍ରେସର ନେତାମାନଙ୍କ ମଧ୍ୟରେ ଚାଲିଥିବା ବୟାନବାଜି ଓ ନିର୍ମାଣ କାର୍ଯ୍ୟ ବନ୍ଦ ନହେବା ଏବଂ ଏଏସଆଇର ନିରବତା ଏବେ କୋଟିକୋଟି



ଶ୍ରଦ୍ଧାଳୁଙ୍କୁ ଚିନ୍ତାରେ ପକାଇଛି । ପ୍ରକୃତ ସତ କ'ଣ ତାହା ସାଧାରଣ ଭକ୍ତ ଜାଣି ନପରି ଦ୍ୱନ୍ଦ୍ୱରେ ରହିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ହାଇକୋର୍ଟରେ ଦାଏର ମାମଲାର ପରବର୍ତ୍ତୀ ଶୁଣାଣି ମେ' ୧୬ତାରିଖ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ ମୁରଲୀଧରଙ୍କୁ ଖଣ୍ଡପୀଠ ତାରିଖ ଧାର୍ଯ୍ୟ କରିଥିଲେ । କିନ୍ତୁ ଆବେଦନକାରୀ ଦିଲ୍ଲୀପ କୁମାର ବରାଳଙ୍କ ଓକିଲ ମାମଲାର ତ୍ୱରିତ୍ ଶୁଣାଣି ପାଇଁ କେତେକ ଦସ୍ତାବିଜ ଦାଖଲ କରିବା ପରେ ହାଇକୋର୍ଟ ମାମଲାକୁ ୯ତାରିଖରେ ଶୁଣାଣି କରିବା ନିମନ୍ତେ ଦିନ ଧାର୍ଯ୍ୟ କରିଛନ୍ତି । ଏହା ସହିତ ରାଜ୍ୟ ସରକାରଙ୍କ ସହ ମିଶି ମିଳିତ ଅନୁଧାନ ରିପୋର୍ଟ ଅତିକମରେ ଶୁଣାଣିର ▶▶ପୃଷ୍ଠା ୭

# ଆଜିଠୁ ମାଟ୍ରିକ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର, ୨୮/୦୪ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ଠାରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା । ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି । ଏପ୍ରିଲ ୨୯ ରୁ ମେ ୭ ଯାଏଁ ସକାଳ ୮ ଟା ରୁ ୧୦ଟା ଯାଏଁ ମାଟ୍ରିକ ପରୀକ୍ଷା ହେବ । ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ୨୯ରୁ ମେ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଖରା ପାଇଁ ସକାଳ ସିଟିଂରେ ପରୀକ୍ଷା ହେବ । ପ୍ରତ୍ୟେକ ବିଷୟ ପାଇଁ ପିଲାଙ୍କୁ ୨ ଘଂଟା ସମୟ ମିଳିବ । କେବଳ ଗଣିତ ବିଷୟ ପାଇଁ ଅଧିକ ୧୫ ମିନିଟ୍ ସମୟ ମିଳିବ । ଖରାକୁ ଦେଖି ମଧମା ଓ ଓପନ ସ୍କୁଲ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତନ କରାଯାଇଛି । କେବଳ ପ୍ରଥମ ସିଟିଂରେ ପରୀକ୍ଷା ହେବ । ମେ ୨ ଓ ୪ ତାରିଖରେ ହେବାକୁ ଥିବା ମଧମା ସେକେଣ୍ଡ ସିଟିଂ ପରୀକ୍ଷା ୯



ଓ ୧୦ ତାରିଖ ପ୍ରଥମ ସିଟିଂରେ ହେବ । ସେହିପରି ଓପନ ସ୍କୁଲର ୩ଟି ସେକେଣ୍ଡ ସିଟିଂ ପରୀକ୍ଷା ଆସନ୍ତା ମାସ ୮, ୯ ଓ ୧୦ ତାରିଖ ପ୍ରଥମ ସିଟିଂରେ ହେବ । ତେବେ ହାଇସ୍କୁଲ ସାର୍ଟିଫିକେଟ ବା ମାଟ୍ରିକ ପରୀକ୍ଷା ସୂଚୀରେ ପରିବର୍ତନ ହୋଇନାହିଁ । ଚଳିତ ବର୍ଷ ୫,୮୫,୭୩୦ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରୁ ୫,୭୧,୯୦୯ ଜଣ ହାଇସ୍କୁଲ, ୪,୪୪୩ ଜଣ ମଧମା ଏବଂ ୯,୩୭୮ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ । ମାଟ୍ରିକ୍ ପରୀକ୍ଷା ପାଇଁ ସମୁଦାୟ ୩୫୪୦ ଟି କେନ୍ଦ୍ର ଏବଂ ୩୧୫ ଟି ନୋଡ଼ାଲ୍ କେନ୍ଦ୍ର କରାଯାଇଛି । ଯାହା ଭିତରୁ ୨୧ଟି ଥାନାକୁ ନୋଡାଲ ସେଂଟର କରାଯାଇଛି । ୬୫ଟି ଫ୍ଲାଇଂ ସ୍କାର୍ଡ ପରୀକ୍ଷା ଉପରେ ନଜର ରଖିବାକୁ ମୁତୟନ ହେବେ । ପରୀକ୍ଷା ଦିନ ନୋଡାଲ ସେଂଟରରୁ ପ୍ରଶ୍ନପତ୍ର ଗୁଡିକ ସକାଳ ୫ ଟାରୁ ବାହାରି ୭ଟା ସୁଦ୍ଧା ପରୀକ୍ଷା କେନ୍ଦ୍ର ଗୁଡିକରେ ପହଂଚିବ ।

# ଓଡିଶାରେ ୩ ରୁ ୪ ସପ୍ତାହ ପରେ ବଢିପାରେ କୋଭିଡ୍ ସଂକ୍ରମଣ

ଭୁବନେଶ୍ୱର, ୨୮/୦୪ (ନି.ପ୍ର): ରାଜ୍ୟରେ ଆସନ୍ତା ୩ ରୁ ୪ ସପ୍ତାହ ପରେ କୋଭିଡ୍ ସଂକ୍ରମଣ ବଢିବାର ଆଶଙ୍କା ରହିଛି । ଦିଲ୍ଲୀରେ ସଂକ୍ରମଣ ବଢୁଥିବାରୁ ବିପଦ ରହିଛି । ଏହା କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ କହିଛନ୍ତି ରାଜ୍ୟ ସରକାର କରୋନା ଲଢେଇ ପାଇଁ ପ୍ରସ୍ତୁତ ଅଛନ୍ତି । ସ୍ୱାସ୍ଥ୍ୟ ଭିତିଭୂମିକୁ ପ୍ରସ୍ତୁତ କରାସରିଛି । ତା ସହ ହସ୍ପିଟାଲ ମଧ ପ୍ରସ୍ତୁତ ହୋଇଛି । ଯଦି ସଂକ୍ରମଣ ବଢେ ତାହାଲେ କୋଭିଡ୍ ହସପିଟାଲ ସବୁକୁ ତୁରନ୍ତ ଖୋଲାଯିବ । ସବୁ ଜିଲାକୁ ମଧ ରାଜ୍ୟ ସରକାର ସ୍ଥିତି ଉପରେ କଡ଼ା



ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପଟେ ରାଜ୍ୟରେ ସଂକ୍ରମଣ ୧୦ରୁ ୨୦ ଭିତରେ ରହିଛି । କେହି ଜଣେ ମଧ ଡ଼ାକ୍ତରଖାନାରେ ନାହାନ୍ତି । ରାଜ୍ୟ ସରକାର କୋଭିଡ ଜଗିବା ପାଇଁ ସବୁ ପ୍ରକାର ପ୍ରୋସେସକୁ ଆପଣାଇଛନ୍ତି । ଟୀକାକରଣ ବଢ଼ାଯାଉଛି । ହେଲେ ସମସ୍ତଙ୍କୁ କରୋନା କଟକଣା ମାନିବାକୁ ପଡ଼ିବ । ଭିଡ଼ ସ୍ଥାନରେ ମାସ୍କ ପିନ୍ଧନ୍ତୁ । ସାମାଜିକ ଦୂରତା ଅବଲମ୍ବନ କରନ୍ତୁ । ଦରକାର ନ ଥିଲେ ଘରୁ ବାହାରକୁ ଯାଆନ୍ତୁ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ।

## ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୨୮/୦୪ (ନି.ପ୍ର): ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଗୁରୁବାର ଦିନ ଯାଜପୁର ଆରଏମସିର ମାର୍କେଟ ସରକାର ଭାବେ କାର୍ଯ୍ୟରତ ଗୟାଧର ସାହୁଙ୍କ ଓ ଅନ୍ୟ ସ୍ଥାନରେ ଚଢାଉ କରିଥିବା ଜଣା ପଡ଼ିଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଚଢାଉ କାର୍ଯ୍ୟରେ ତିନି ଜଣ ଡିଏସପି, ୬ ଜଣ ଇନିସ୍ପେକ୍ଟର ଓ ଅନ୍ୟ କର୍ମଚାରୀ ମାନେ ସାମିଲ ଅଛନ୍ତି । ମୋଟ ଚାରୋଟି ସ୍ଥାନରେ ଚଢାଉ କରାଯାଇଥିବା ନେଇ ସୂଚନା ଦିଆଯାଇଛି ।

# ଆହୁରି ୩ ଦିନ ତାତିବ, ମେ ପ୍ରଥମ ସପ୍ତାହରେ କମିବ ତାପମାତ୍ରା

ଭୁବନେଶ୍ୱର,୨୮/୦୪ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ଲହର ଜାରି ରହିଛି । ଆହୁରି ୩ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ । ୩ ଦିନ ପରେ ମେ ପହିଲାରେ ତାପମାତ୍ରାରେ ହ୍ରାସ ଘଟିବ ବୋଲି ;ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆରସି) ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କାଳବୈଶାଖୀ ପ୍ରଭାବରେ ହିଟ ୱେଭ୍ ରେ ସାମାନ୍ୟ ବ୍ରେକ୍ ଲାଗିବ । ଆଗାମୀ ୩ ଦିନ ପରେ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ମେ' ମାସ ୧ରୁ ୨ ତାରିଖରେ ୨ ଡିଗ୍ରୀ ଯାଏଁ ତାପମାତ୍ରା ତଳକୁ ଖସିବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ଏହାପୂର୍ବରୁ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ୧୧ଟି ଜିଲ୍ଲାରେ ହିଟ୍ ୱେଭ୍ ନେଇ ସତର୍କ ସୂଚନା ମଧ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡ଼ିକ ହେଉଛନ୍ତି- ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୂଭଭଞ୍ଜ, ଅନୁଗୋଳ, ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗିର । ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଅନ୍ୟପକ୍ଷରେ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଆଧାରରେ ଏସ୍ଆରସି ପକ୍ଷରୁ ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଂଜ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଚିଠି ଲେଖଯାଇଛି । ଏହି ସବୁ ଜିଲ୍ଲାଗୁଡ଼ିକରେ ଆଗାମୀ ୨ ଦିନ ମଧ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି କୁହାଯାଇଛି । ଏସ୍ଆରସି ପକ୍ଷରୁ କୁହାଯାଇଛି ଯେ, ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ନେଉ । ତାପମାତ୍ରା ବଢ଼ିବାକୁ ଥିବା ବେଳେ ଶିଶୁ ଓ ବୟସ୍କଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପଡ଼ିବ । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟାରେ ଲୋକଙ୍କୁ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ଆବଶ୍ୟକ ଅନୁସାରେ ପଦକ୍ଷେପ ନେବା ପାଇଁ ଏସ୍ଆରସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ଅଖିଳେଶଙ୍କୁ ମାୟାବତୀଙ୍କ କାଉଣ୍ଟର : କହିଲେ ରାଷ୍ଟ୍ରପତି ନୁହେଁ, ପ୍ରାଧାନମନ୍ତ୍ରୀ ହେବାକୁ ସ୍ୱପ୍ନ

ଲକ୍ଷ୍ନୌ, ୨୮/୦୪ (ନି.ପ୍ର): ସାମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବଙ୍କୁ କାଉଣ୍ଟର କରିଛନ୍ତି ବିଏସ୍‌ପି ସୁପ୍ରିମୋ ମାୟାବତୀ । ସମାଜବାଦୀ ପାର୍ଟି ପକ୍ଷରୁ ମାୟାବତୀ ରାଷ୍ଟ୍ରପତି ହେବାକୁ ଚାହୁଁଥିବା ଗୁଜବ ପ୍ରଚାର କରାଯାଉଛି ବୋଲି ସେ କହିଛନ୍ତି । ଏଥିସହ ସେ ରାଷ୍ଟ୍ରପତି ନୁହେଁ ବରଂ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଆଶା ରଖିଛନ୍ତି ବୋଲି ମାୟାବତୀ ଗୋଟିଏ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଆଜି ମାୟବତୀଙ୍କ ଅତ୍ୟନ୍ତ ଘନିଷ୍ଠ ତଥା ଦଳର ସାଧାରଣ ସମ୍ପାଦକ ଏସ୍‌ସି ମିଶ୍ରା ଓ ଦଳର ଏକମାତ୍ର ବିଧାୟକ ଉମା ଶଙ୍କର ସିଂହ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଛନ୍ତି । ଏହାକୁ ନେଇ ନୂଆ ରାଜନୀତିକ ସମୀକରଣ କଥା କୁହାଯାଉଥିବା ବେଳେ ମାୟାବତୀ ଏହାକୁ ଖଣ୍ଡନ କରିଛନ୍ତି । ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବାକୁ ଉଭୟ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଥିବା ସେ କହିଛନ୍ତି । ବୁଧବାର ମୈନପୁରରେ ଅଖିଳେଶ ଯାଦବ ସିଧାସଳଖ ମାୟାବତୀଙ୍କୁ ଟାର୍ଗେଟ କରିଥିଲେ । ସେ କହିଥିଲେ ଯେ ନିକଟରେ ଶେଷ ହୋଇଥିବା ୟୁପି ବିଧାନସଭା ନିର୍ବାଚନ ବେଳେ ମାୟାବତୀ ନିଜ ଦଳର ଭୋଟକୁ ବିଜେପି ଖାତାକୁ ସ୍ଥାନାନ୍ତର କରିଥିଲେ । ଏହା ବଦଳରେ ବିଜେପି ତାଙ୍କୁ ଦେଶର ରାଷ୍ଟ୍ରପତି କରୁ ବୋଲି ମୟାବତୀ ଚାହୁଁଥିବା ଅଖିଳେଶ ଅଭିଯୋଗ କରିଥିଲେ । ଏହି ବୟାନ ପରେ ମୟାବତୀ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, "ମୋତେ ରାଷ୍ଟ୍ରପତି କରି ଉତ୍ତର ପ୍ରଦେଶରେ କ୍ଷମତା ଦଖଲ ପଥକୁ ପରଷ୍କାର କରିବାକୁ ସ୍ୱପ୍ନ ଦେଖୁଥିବା ସମାଜବାଦୀ ପାର୍ଟି ଏହାକୁ ଭୁଲି ଯାଉ । ମୁଁ କେବେ ହେଲେ ରାଷ୍ଟ୍ରପତି ହେବାକୁ ସ୍ୱପ୍ନ ଦେଖିନି । କାରଣ ମୁଁ ସହଜ ନୁହେଁ, ସଂଘର୍ଷପୂର୍ଣ୍ଣ ଜୀବନ ଚାହେଁ । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ପୁଣି ହେବାକୁ ମୁଁ ସ୍ୱପ୍ନ ଦେଖିଛି । ଏଥିସହ ଦେଶର ପ୍ରଧାନମନ୍ତ୍ରୀ ହେବାକୁ ବି ମୋର ଇଚ୍ଛା । ଆମ ଶାସନ କାଳରେ ତିଆରି ହୋଇଥିବା ସ୍ମାରକୀଗୁଡ଼ିକୁ ଅବହେଳା କରାଯାଉଛି । ଉଭୟ ସପା ଓ ବିଜେପି ସମୟରେ ଏପରି ଘଟଣା ଘଟିଥିଲା ।

# ଏନକାଉଣ୍ଟରରେ ୨ ଅତଙ୍କବାଦୀ ନିପାତ

ନୂଆଦିଲ୍ଲୀ, ୨୮/୦୪ : ପୁଲବାମା ଜିଲ୍ଲାର ମିତ୍ରିଗମ୍ ଇଲାକାରେ ବୁଧବାର ସାରାରାତି ଜାରି ହୋଇଥିବା ଏନକାଉଣ୍ଟରରେ ୩ ଆତଙ୍କବାଦୀ ନିପାତ ହୋଇଛନ୍ତି । ଅଲ ବନ୍ଦ୍ର ସଂଗଠନର ଏହି ଦୁଇ ଆତଙ୍କବାଦୀ ହେଉଛନ୍ତି ଏଜାଜ ହଫିଜ୍ ଓ ଶହିଦ୍ ଅୟୁବ । ଏମାନଙ୍କ ପାଖରୁ ୨ଟି ଏକେ ୪୭ ରାଇଫଲ୍ସ ମଧ ଜବତ ହୋଇଛି । କାଶ୍ମୀର ପୋଲିସର ମହାନିରୀକ୍ଷକ ବିଜୟ କୁମାରଙ୍କ କହିବା ମୁତାବକ, ଏପ୍ରିଲ ମାସରେ ଏଠାରେ ପ୍ରବାସୀ ଶ୍ରମିକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଏମାନେ ସାମିଲ ଥିଲେ । ଗତକାଲିର ଏହି ଏନକାଉଣ୍ଟର ଯୋଗୁଁ ପୁଲୱାମାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଥିଲା । ଏକ ବଡ ବଟିଚାରେ ଆତଙ୍କବାଦୀମାନେ ଲୁଚିଥିବା ଖବର ପାଇବା ପରେ କାଶ୍ମୀର ପୋଲିସ ଓ ସୁରକ୍ଷା ବଳ ମିଳିତ ଭାବେ ଏମାନଙ୍କୁ ଟାର୍ଗେଟ କରିଥିଲେ । ଫଳରେ ପୁରା ମିତ୍ରିଗମ ଗାଁକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ବଗିଚାକୁ ଘେରାବନ୍ଦୀ କରିବା ପରେ ଆତଙ୍କବାଦୀମାନେ ଗୁଳିମାଡ ଆରମ୍ଭ କରିଥିଲେ । ସୁରକ୍ଷାବଳର ପାଲଟା ଗୁଳିମାଡରେ ୨ ଆତଙ୍କବାଦୀ ନିହତ ହୋଇଥିବାବେଳେ ଜଣେ ସୁରକ୍ଷାବଳର ଜଣେ ସୈନିକ ଆହତ ହୋଇଥିବା ଜଣାପଡିଛି ।

# ୮୪୪ କେଜି ଗଞ୍ଜେଇ ଜବତ : ୫ ଗିରଫ

ମାଲକାନଗିରି,୨୮/୦୪ (ନି.ପ୍ର): କାଲିମେଳା ପୁଲିସକୁ ମିଳିଛି ପୁଣି ଏକ ବଡ ସଫଳତା। ଗୋଟିଏ ଗଞ୍ଜେଇ ଚୋରା ଚାଲାଣ ରାକେଟକୁ ଠାବ କରିବାରେ ସକ୍ଷମ ହୋଇଛି ପୁଲିସ। ବିଗତ କିଛିଦିନ ଧରି କାଲିମେଳା ପୋଲିସ ଲଗାତାର ଭାବେ ଗଞ୍ଜେଇ ମାଫିଆଙ୍କୁ ଗିରଫ କରି ଏନଡିପିଏସ କେସ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରୁଛି । ଅନୁରୂପ ଭାବେ ଗତକାଲି ରାତ୍ରିରେ ଗଞ୍ଜେଇ ଚୋରାଚାଲାଣରେ ସଂପୃକ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ମିଳିଥିବା ସୂଚନାନୁସାରେ, ଗୋଟିଏ ଧଳାରଙ୍ଗର ପିକଅପ ଭ୍ୟାନରେ ପ୍ଲାଇଉଡ ସହିତ ଗଞ୍ଜେଇ ଚୋରା ଚାଲାଣ ସମୟରେ କାଙ୍ଗୁରକୋଣ୍ଡା ଗ୍ରାମ ଛକ ନିକଟରେ ଗତକାଲି କାଲିମେଳା ପୁଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଗାଡିକୁ ଅଟକାଇ ଯାଂଚ୍ କରିଥିଲା। ଯାଂଚ୍ ବେଳେ ଉକ୍ତ ପିକଅପରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ଗାଡିକୁ ଜବତ କରିବା ସହ ଏହି ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚୁରା କରି ଶେଷରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏମାନଙ୍କ ପାଖରୁ ଗୋଟିଏ ବଜାଜ ପଲସର ବାଇକ ମଧ୍ୟ ଜବତ କରିଛି କାଲିମେଳା ପୋଲିସ। ଗିରଫ ୫ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ୩ ଜଣ ତେଲେଙ୍ଗାନା ରାଜ୍ୟର ଏବଂ ୨ ଜଣ ଓଡିଶାର ବୋଲି ଜଣାପଡିଛି। ଏମାନଙ୍କ ଠାରୁ ୮୪୪ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇ ଓଡ଼ିଶାରୁ ପଡୋଶୀ ରାଜ୍ୟ ତେଲେଙ୍ଗାନା, ମହାରାଷ୍ଟ୍ରକୁ ଚାଲାଣ ହେଉଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ତେଲେଙ୍ଗାନା ରାଜ୍ୟ ସଙ୍ଗାରେଡ଼ି ଜିଲ୍ଲାର ଆକାଶ ଗାୟକୱାଡ (୨୮), ଯାଦବ ସଞ୍ଜିପ (୨୧), ରାଥୋଡ ବିରବଲ (୨୬) ଏବଂ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପପଲୁର ଗ୍ରାମ ନିକଟସ୍ଥ ଏନଗୁରାଇ ଗ୍ରାମର ପ୍ରଧାନ ଖରା(୨୬), କପାଠୁଟି ନିକଟସ୍ଥ ମାଳାଗୁଡା ଗ୍ରାମର ଚିନ୍ନାରାଓ ପାଣ୍ଡରୁ (୫୫) ବୋଲି ଜଣାପଡିଛି। ଏନେଇ କାଲିମେଳା ପୋଲିସ ଏକ ମାମଲା ରୁଜୁ କରି କେସ ନଂ ୧୧୨/୨୨ ପ୍ରକାରେ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଧର୍ମଶାଳା ବିଜେଡି ପକ୍ଷରୁ ଇଫତାର ପାର୍ଟି

ଧର୍ମଶାଳା,୨୮/୦୪ (ନି.ପ୍ର): ଯାଜପୁର ଜିଲା ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଇଫତାର ପାର୍ଟି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମୁସଲମାନ ଭାଇମାନଙ୍କୁ ଇଫତାର ପାର୍ଟିର ଶୁଭେଚ୍ଛା ଜଣାଇବା ସହ ଧର୍ମଶାଳାରେ ଭାଇଚାରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ପବିତ୍ର ରମାଜନ ମାସରେ ମୁସଲମାନ ଭାଇମାନେ ଅତ୍ୟନ୍ତ ନିଷ୍ଠାର ଉପବାସ କରି ଏହି ପର୍ବକୁ ପାଳନ କରୁଥିବାରୁ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ଯୁବନେତା ଇନ୍ତେକାବ ଆଲାମଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଂଜନ ରାଉତ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଧର୍ମଶାଳାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭାଇଚାରା ଅତୁଟ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାଲର୍ସ ଉଇଙ୍ଗର ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବହୁ ମୁସଲମାନ ଭାଇ ଓ ଦଳୀୟ କର୍ମୀ ଯୋଗଦେଇଥିଲେ।

# ମାଲକାନଗିରି ମହାବିଦ୍ୟାଳୟର ୪୧ତମ କ୍ରୀଡା ମହୋତ୍ସବ ଉଦ୍‌ଯାପିତ

ମାଲକାନଗିରି,୨୮/୦୪ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ୪୧ ତମ ବାର୍ଷିକ କ୍ରୀଡା ମହୋତ୍ସବ ମହାବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡା ମହାକୁମ୍ଭ ମହା ଆଡମ୍ବର ସହକାରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇ କ୍ରୀଡା ମହୋତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ପ୍ରାଧାପକ ଲିଙ୍ଗରାଜ ମିଶ୍ର ଯୋଗଦେଇଥିଲେ। ଦୁଇ ଦିନ ଧରି ପୁରୁଷ ଓ ମହିଳା ବର୍ଗରେ ୧୦୦ ମିଟର ଦୌଡ, ସଟ ଫୁଟ, ହାଇ ଜମ୍ପ, ଜାଭଲିନ ଥ୍ରୋ, ୨୦୦ ମିଟର ଦୌଡ଼, ୪୦୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ମ୍ୟୁଜିକ ଚେୟାର କ୍ରୀଡାପ୍ରତିଯୋଗିତା ହୋଇଥିଲା। ଏହି କ୍ରୀଡା ଉତ୍ସବରେ ପୁରୁଷ ବର୍ଗରେ ଲିଙ୍ଗରାଜ ଦୋରା ଓ ମହିଳା ବର୍ଗରେ ଆରତୀ ମାଢି ଚମ୍ପିୟାନ ହୋଇଥିଲେ। ଏହି ଅବସରରେ ପ୍ରଥମ ଥର ମହାବିଦ୍ୟାଳୟ ର ଇତିହାସ ବିଭାଗ ଅଧ୍ୟାପକ ଡ଼ଃ. ଗୋକୁଳାନନ୍ଦ ପାତ୍ର ନିଜ ମାତା ପିତାଙ୍କ ସ୍ମୃତି ଉଦ୍ଦ୍ୟେଶରେ ପୁରୁଷ ବର୍ଗ ପାଇଁ ଚନ୍ଦ୍ରଶେଖର ପ୍ରତିଭା ସମ୍ମାନ ଓ ମହିଳା ବର୍ଗ ପାଇଁ ଲଳିତା ଦେବୀ ପ୍ରତିଭା ସମ୍ମାନ ପ୍ରତିବର୍ଷ ପ୍ରଦାନ କରିବା ସହିତ ଉଭୟ ଚମ୍ପିୟାନ ପାଇଁ ୧ ହଜାର ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷ ସମାରି ଟାଙ୍ଗୁଲୁ, ସମ୍ମାନିତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ଜିଲ୍ଲା ଅଧିକାରୀ ହରିଶ ରୁପାଲ ଯୋଗଦେଇ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କ୍ରୀଡା ମହୋତ୍ସବକୁ କ୍ରୀଡା ସଂଘର କର୍ମକର୍ତା, କ୍ରୀଡା ଶିକ୍ଷକ ଅଭିମନ୍ୟୁ ଦଳବେହେରା, ଅଧାପିକ ପ୍ରେମରେଖା ଭତ୍ରା, ନମିତା ଦଣ୍ଡସେନା, ଅଧାପକ ଜିମୂତ ନାୟକ, ସୁଶାନ୍ତ ମାଝୀ ଓ ଅଧାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

# ଭବାନୀପାଟଣାଠାରେ ପ୍ରଥମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ

ଭବାନୀପାଟଣା,୨୮/୦୪ (ନି.ପ୍ର): ସ୍ଥାନୀୟ ଡିଆରଡିଏ ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ପୁଷ୍ପେନ୍ଦ୍ର କୁମାର ସିଂହଦେଓଙ୍କ ଅଧକ୍ଷତାରେ ପ୍ରଥମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ ପଣ୍ଡା, ଜିଲ୍ଲାପାଳ ଡ଼ ଗାଭାଲି ପରାଗ ହର୍ଷଦ, ପି.ଡି. ଡି ଆର୍ ଡି ଏ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲା ପରିଷଦ ଉପାଧକ୍ଷ ଶ୍ରୀମତୀ ସୁଧିରା ମେହେର, ବିରୋଧୀ ଦଳ ନେତା ପ୍ରତିନିଧି ମନୋଜ ସାହୁ, ନର୍ଲା ବିଧାୟକ ପ୍ରତିନିଧି ସୁଧିର ମହାନ୍ତିଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବ୍ଲକ ଅଧକ୍ଷ/ଅଧକ୍ଷା, ଜିଲ୍ଲା ସ୍ତରୀୟ ବିଭାଗିୟ ଅଧିକାରୀ ଉପସ୍ଥିତ ଥିଲେ।

ଡି ପି ଓ ପ୍ରହ୍ଲାଦ ପ୍ରଧାନ ସଭା ପରିଚାଳନା ସହ ଏଜେଣ୍ଡା ଅନୁଯାୟୀ ସଂଚାଳନ କରିଥିଲେ । ପ୍ରଥମେ ପିଡି ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୋମେଶ ଉପାଧାୟ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାର ବିକାଶ ନିମନ୍ତେ ପ୍ରଶାସନକୁ ସହଯୋଗ ଓ ସ୍ୱମନ୍ୱୟ ରକ୍ଷା କରି ବିକାଶ ପ୍ରକ୍ରିୟାକୁ ତ୍ୱରାନିତ କରିବାକୁ ନିବେଦନ କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ସିଂଦେଓ ଉପସ୍ଥିତ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ କରି ଜିଲ୍ଲାର ଉନ୍ନତି ସକାଶେ ଓ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବୈଠକକୁ ଶାନ୍ତିପୂର୍ଣ୍ଣ ଭାବେ ଗଠନମୂଳକ ସହାୟତା କରିବାକୁ ଆହ୍ୱାନ ଦେଇଥିଲେ ଓ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ନିର୍ବାଚିତ ପ୍ରତିନିଧିଙ୍କ ଉପସ୍ଥାପିତ ଦାବୀ ଓ ସମସ୍ୟାକୁ ଶୀଘ୍ର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ଆଶା କରିଥିଲେ। ଲୋକସଭା ସାଂସଦ ଶ୍ରୀ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଲୋକଙ୍କ ପ୍ରତିନିଧି ହିସାବରେ ନିଜ ଅଂଚଳର ବିକାଶକୁ ପ୍ରାଧାନ୍ୟ ଦିଅନ୍ତୁ ବୋଲି କହିଥିଲେ । ଜିଲ୍ଲାପାଳ ଡ଼ଃ. ଗାଭାଲି ପରାଗ ହର୍ଷଦ ନିଜ ବକ୍ତବ୍ୟରେ ସମସ୍ତଙ୍କୁ ସ୍ୱାଗତ କରି ସମସ୍ତେ ନିଜ ଅଂଚଳର ଉନ୍ନତି ପାଇଁ ଗଠନମୂଳକ ପ୍ରସ୍ତାବ ଦେବା ସଙ୍ଗେ ସଙ୍ଗେ ବଡ଼ ପ୍ରକଳ୍ପର ପରିକଳ୍ପନାକୁ ସାକାର କରିବା ପାଇଁ ପ୍ରଶାସନ ସଦାବେଳେ ପ୍ରସ୍ତୁତ ଅଛି ବୋଲି କହିଥିଲେ।

ପ୍ରଥମ ବୈଠକରେ ମୁଖ୍ୟତଃ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ସି ଏଫ୍ ସି ଓ ଏସ ଏଫ୍ ସି ଅନୁଦାନ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ପରିଷଦ ସଭ୍ୟ ଓ ବ୍ଲକ ଅଧକ୍ଷ ନିଜ ନିଜ ଅଂଚଳର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ବିଭାଗୀୟ ଅଧିକାରୀଙ୍କ ଠାରୁ ଉତର ଓ ସମାଧାନ ସକାଶେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଆର୍ ଡବ୍ଲୁ ଏସ ଏସ, ଏସ୍ ଇ ଙ୍କ ସୂଚନା ଅନୁଯାୟୀ, ଜିଲ୍ଲାର ୬ ଟି ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି ଏବଂ ସେଥିରୁ ଥୁଆମୂଳ ରାମପୁର ଓ କୋକସରାରେ କାର୍ଯ୍ୟ ପାଇଁ ଟେଣ୍ଡର ଡକାଯାଇଛି । ଏହା ବ୍ୟତୀତ ଅନ୍ୟ ୭ ଟି ବ୍ଲକରେ ଘରେ ଘରେ ପାଣିର ବ୍ୟବସ୍ଥା, ୩୨୪ ଟି ସୋଲାର ପାନୀୟ ଜଳ ପଏଂଟର ବ୍ୟବସ୍ଥା, ଅଚଳ ନଳକୂପକୁ ମରାମତି ପାଇଁ ପ୍ରତ୍ୟେକ ବ୍ଲକରେ ନଳକୂପ ଅଭିଯୋଗ ରେଜିଷ୍ଟର, ମୋବାଇଲ ଭ୍ୟାନ ଦ୍ୱାରା ୨୪ ଘଂଟା ମଧ୍ୟରେ ଷ୍ଟାଫ୍ ଯାଇ ମରାମତି କରିବାର ବ୍ୟବସ୍ଥା ଉପରେ କହିଥିଲେ। ଜୟପାଟଣା, ଗୋଲାମୁଣ୍ଡା, ଲାଞ୍ଜିଗଡ ଓ ଧର୍ମଗଡ ଜିଲ୍ଲା ପରିଷଦ ସଭ୍ୟ ନିଜ ନିଜ ଅଂଚଳର ପାନୀୟ ସମସ୍ୟା ସମ୍ପର୍କରେ ଏସ ଇ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଭଳି କଳାହାଣ୍ଡି ଜିଲ୍ଲାରେ ୨୯୩ ଟି ହାଇସ୍କୁଲ ରହିଛି ଏବଂ ଅନେକ ସ୍କୁଲରେ ଶିକ୍ଷକ ଅଭାବ ରହିଛି। କିନ୍ତୁ ବର୍ତମାନ ସରକାରଙ୍କ ଦ୍ୱାରା ଅତିଶିଘ୍ର ୬୪୯ ଟି ଶିକ୍ଷକ ପଦବୀ ପୂରଣ ହେଲେ ଅନେକ ସଭ୍ୟ ଓ ଅଧକ୍ଷଙ୍କ ଅଭିଯୋଗର ସମାଧାନ ହୋଇଯିବ ବୋଲି ଡି.ଇ.ଓ. କହିଥିଲେ । ସେଭଳି ୧୫୦ ଟି ହାଇସ୍କୁଲ ରୂପାନ୍ତିକରଣ କାର୍ଯ୍ୟ ସମାପ୍ତ ହେଲେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହେବ । ଅନେକ ସଭ୍ୟ ନିଜ ଅଂଚଳର ସ୍କୁଲ ମାନଙ୍କରେ ଶ୍ରେଣୀ ଗୃହ ଓ ଶିକ୍ଷକ ଅଭାବ ଉପରେ କହିଥିଲେ।

ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁସାରେ, ଜିଲ୍ଲାରେ ବର୍ତମାନ ୩୩୯ ଟି ଡାକ୍ତର ପଦବୀ ଆବଶ୍ୟକ ସତ୍ତ୍ୱେ କେବଳ ୧୭୨ ଟି ଅଛି ଏବଂ ୧୬୭ ଟି ଖାଲି ପଡ଼ିଛି। ବିଶେଷଜ୍ଞ ପଦବୀ ୧୦୭ ଜାଗାରେ କେବଳ ୩୭ ଜଣ ଅଛନ୍ତି ଓ ୭୦ ପଦବୀ ଖାଲି ପଡ଼ିଛି। ସେଭଳି ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ, ଟେକନିସିଆନ୍ ପଦବୀ ଖାଲି ପଡିଛି। ଏଣୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଅସୁବିଧା ହେଉଛି ବୋଲି ସି.ଡି.ଏମ.ଓ. ପ୍ରକାଶ କରିଥିଲେ । ଗତ ଏପ୍ରିଲ୍ ୧୫ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୧୩ ଟି ବ୍ଲକରେ ସ୍ୱାସ୍ଥ୍ୟ ମେଳା ଆୟୋଜନ କରାଯାଇ ୯୦୦୦ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଦ୍ୱାରା ପୁଣି ଜିଲ୍ଲାରେ ଆସନ୍ତା ୨୯ ଓ ୩୦ ତାରିଖରେ ଜିଲ୍ଲା ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯିବ। ଅନେକ ସଭ୍ୟ ନିଜ ଅଂଚଳର ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା, ଡାକ୍ତର ଅଭାବ ଉପରେ ଅସନ୍ତୋଷ ପ୍ରକାଶ କରି ଶୀଘ୍ର ସମାଧାନ ପାଇଁ କହିଥିଲେ। ଏହା ଉପରେ ନିଜର ମତ ରଖି ସାଂସଦ ଶ୍ରୀ ପଣ୍ଡା ଡାକ୍ତର ମାନଙ୍କୁ ନିୟମିତ ଡେପୁଟେଶନରେ ଡାକ୍ତର ନ ଥିବା କେନ୍ଦ୍ରକୁ ପଠାଯାଇ ଚିକିତ୍ସା ବ୍ୟବସ୍ଥା କରାଯାଉ ବୋଲି କହିଥିଲେ। ସଭାଟିକୁ ସଫଳ ଆୟୋଜନରେ ଜିଲ୍ଲାପରିଷଦ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅଧକ୍ଷ ଶ୍ରୀ ସିଂହଦେଓ ସମସ୍ତଙ୍କ ସହଯୋଗକୁ ପ୍ରଶଂସା କରି ଧନ୍ୟବାଦ୍ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜିରେ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର

ବଲାଙ୍ଗୀର ,୨୮/୦୪ (ନି.ପ୍ର): ଅନେକ ସମୟରେ କଣ୍ଟାବାଞ୍ଜି ରେ ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା ଅନେକ ଜନ୍ ହିତକର କାର୍ଯ୍ୟ କରିଆସୁଛନ୍ତି। ଜନ୍ ମଙ୍ଗଳ କାର୍ଯ୍ୟ ରେ ମାରୱାଡ଼ି ଯୁବା ମଞ୍ଚ ସବୁବେଳେ ଆଗରେ। ଆଜି କଣ୍ଟାବାଞ୍ଜି ସ୍ଥିତ ହରିଭାବନ୍ ଠାରେ ୩ ଦିନିଆ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ର ଆୟୋଜନ ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା ତରଫରୁ କରାଯାଇଛି । ଏହି ଶିବିର ୨୯ ତାରିଖ ଯାଏ ଚାଲିବ । ଏହି ଶିବିର ରେ ଆସିଥିବା ସମସ୍ତ ରୋଗୀ ଏବଂ ତାଙ୍କ ସହିତ ଥିବା ଜଣେ ସହ ଯୋଗୀ ଙ୍କ ପାଇଁ ରହିବା ଏବଂ ଖାଇବା ର ସମସ୍ତ ବ୍ୟବସ୍ଥା ମାରୱାଡ଼ି ଯୁବା ମଞ୍ଚ ତରଫରୁ ସୁବିଧା କରାଯାଇଛି । ଏହି ଶିବିର ଉଦଘାଟନ କରିଥିଲେ ଟିଟଲାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶ୍ରୀମତୀ ମମତା ଜୈନ, , ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଜ୍ଞାପତ ଅଞ୍ଚଳ ପରିଷଦ ଅଧକ୍ଷ ବରୀୟାମ ସିଂ ସାଲୁଜା , ଏବଂ ଡାକ୍ତର ଗୋବିନ୍ଦ ଅଗ୍ରୱାଲ, ରାଜ୍ୟ ସଂଯୋଜକ ଆଶିଷ ଖେତାନ, ମନୀଷ ଜୈନ, ସଭାପତି ଅନୁପ ଜୈନ, ଅଗ୍ରୱାଲ ସଭା ଟ୍ରଷ୍ଟ ସଭାପତି ସୁରେଶ ଆର୍ଯ୍ୟ,ସମ୍ପାଦକ ପୀୟୁଷ ଜିନ୍ଦଲ ମଂଚ ରେ ଉପସ୍ଥିତ ଥିଲେ, ମଂଚ ପରିଚାଳନା ସୁମିତ ଜୈନ କରିଥିଲେ, ଏହି ଅବସର ରେ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ଏହା ସହ ବିକାଶ ଶାଖା ର , ଆନନ୍ଦ ମୋଟେ , ମୟଙ୍କ ଜୈନ, ବଜରଙ୍ଗ ଜିନ୍ଦଲ,ଅରିହନ୍ତ ଜୈନ, ଅଜୟ ଅଗ୍ରୱାଲ, ଅରୁଣ ଆର୍ଯ୍ୟ, ସଞ୍ଜୟ ଗାନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନ ରେ ୬୨ ଜଣ ଙ୍କ ଚିହ୍ନିତ କରା ଯାଇଥିଲା, ଏହି ଅବସରରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ନବ କିଶୋର ସାହୁ ଯୋଗ ଦେଇଥିଲେ ।

## ଟ୍ରାକଟର ସହିତ କାଠଗଣ୍ଡି ଜବତ : ୨ ଗିରଫ

ବଲାଙ୍ଗୀର ,୨୮/୦୪ (ନି.ପ୍ର): ଗତ କାଲି ରାତିରେ ଲୋଇସିଂହା ରେଞ୍ଜ କର୍ମଚାରୀ ମାନେ ରାତ୍ରି ପେଟ୍ରୋଲିଂ ସମୟରେ କପିଲ ବାହାଲ ଗ୍ରାମ ପାଖରେ ରାତି ୯.୩୦ ବେଳେ ଏକ ଟ୍ରାକଟର ନମ୍ବର ଓଡି ୦୩ ଭି ୦୩୨୩ ଗାଡିରେ ସାହାଜ ଲିମ୍ବ ଓ କୁସୁମ ଗୋଲାକାର ୮ ଟି ଗଣ୍ଡି (୪୪.୮୭ ସି ଏଫ୍ ଟି) ଜବତ କରିବା ସହିତ ମୁକେଶ ଠାକୁର ଓ ସୋମନାଥ ଠାକୁର ଙ୍କୁ ଗିରଫ କରିଛନ୍ତି। ଏହି ଚଢାଉରେ ଲୋଇସିଙ୍ଗା ରେଞ୍ଜ ଅଧିକାରୀ ପଉଲ ହରପାଲ, ଥନସୁନ୍ଦର ହରପାଲ ବନପାଳ, ଚିନ୍ମୟ କୁମାର ପ୍ରଧାନ,ଅଶୋକ କୁମାର ତ୍ରିପାଠୀ ବନରକ୍ଷୀ ଙ୍କ ସମେତ ଲୋଇସିଙ୍ଗା ପାରା ବନକର୍ମଚାରୀ ସ୍କ୍ୱାର୍ଡ ଏହି ଚଢାଉରେ ଭାଗ ନେଇ ଥିଲେ । ଆଗକୁ ଏସମ୍ପର୍କରେ ତଦନ୍ତ ଜାରି ରହିଛି। ଲୋଇସିଂହା ରେଞ୍ଜ କର୍ମଚାରୀ ଙ୍କ ଏହି କାର୍ଯ୍ୟକୁ ଜିଲ୍ଲା ବନଅଧିକାରୀ ନୀତିଶ କୁମାର ପ୍ରସଂସା କରିଛନ୍ତି।

## ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ଜୟପୁର ,୨୮/୦୪ (ନି.ପ୍ର): ପ୍ରଥମେ ପ୍ରେମ , ସମ୍ପର୍କ ଓ ପରେ ପ୍ରତାରଣା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଏହି ମାମଲାରେ ଜଣେ ଯୁବକକୁ ଗରଫ କରିଛି ମହିଳା ଥାନା ପୋଲିସ୍। ଗିରଫ ଅଭିଯୁକ୍ତ ଜଣ ହେଲେ କୁମୁଲିପୁଟ ଗ୍ରାମର ସାନ୍ତୁନ କୁମାର ମାଝୀ । ପୋଲିସ ସୂଚନା ଅନୁଯାୟୀ କୁମୁଲିପୁଟ ଗ୍ରାମର ସାନ୍ତୁନ ବୋରିଗୁମ୍ମା ଥାନା ଅନ୍ତର୍ଗତ ଡାଙ୍ଗରା ଗ୍ରାମର ଜଣେ ଯୁବତୀକୁ ପ୍ରଥମେ ପ୍ରେମ ଓ ପରେ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ବିବାହ ପାଇଁ ରାଜି ନହେବାରୁ ଯୁବତୀ ଜଣକ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଗୁରୁତର ସହ ନେଇ ମହିଳା ପୋଲିସ ୪୭/୨୨ ରେ ମାମଲା ରୁଜୁ କରି ଯୁବତୀର ବୟାନ ରେକର୍ଡ କରିଛି । ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ମହିଳା ଥାନା ଅଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ଜିଲ୍ଲାର ବିକାଶ ପାଇଁ ନିଷ୍ଠାପର ସାମୁହିକ ଉଦ୍ୟମ ଆବଶ୍ୟକ : ବିଧାୟକ ଶଶି ଭୂଷଣ

କେନ୍ଦ୍ରାପଡ଼ା,୨୮/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିକାଶ ପାଇଁ ନିଷ୍ଠାପର ଭାବେ ସାମୁହିକ ଉଦ୍ୟମ ଆବଶ୍ୟକ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡା ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ସବୁବେଳେ ସକାରାତ୍ମକ ପଦକ୍ଷେପ ନେଇ ଆସିଛନ୍ତି । ବିଭିନ୍ନ ପ୍ରକଳ୍ପର ଉନ୍ନତିକରଣ ଉଦ୍ଦେଶ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ୱତନ୍ତ୍ର ଦୃଷ୍ଟି ଥିବାରୁ ଅର୍ଥ କେବେହେଲେ ବାଧକ ହୋଇନାହିଁ । ନିର୍ବାଚିତ ପ୍ରତିନିଧି ମାନେ ସେମାନଙ୍କ ଅଂଚଳର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆଗ୍ରହର ସହିତ ଉଦ୍ୟମ କରିବା ଆବଶ୍ୟକ । ପ୍ରଶାସନ ପକ୍ଷରୁ ସେମାନଙ୍କୁ ସବୁ ପ୍ରକାର ସହଯୋଗ ମିଳିପାରିବ ବୋଲି ସ୍ପଷ୍ଟ ଜିଲ୍ଲା ପରିଷଦର ପ୍ରଥମ ବୈଠକରେ ଉଦ୍‌ବୋଧନ ଦେଇ ବିଧାୟକ ଶଶି ଭୂଷଣ ବେହେରା ଏହିଭଳି ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀଙ୍କ ସଭାପତିତ୍ୱରେ ଡିଆରଡିଏ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା । ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲପାଳ ଅମ୍ରିତ ଋତୁରାଜ, ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାରେ ମୋଟ ୨୪୯ ଗ୍ରାମ ପଂଚାୟତର ୧୪୧୪ ଗ୍ରାମରେ ୧୭୨୩୮ଟି ନଳକୂପ ଥିବାବେଳେ ସେଥିରୁ ଅନେକ ଭାଙ୍ଗି ରୁଜି ଅଚଳ ହୋଇ ପଡିଛି । ତାହାକୁ ତୁରନ୍ତ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟକ୍ଷମ କରାଯାଇ ଜନ ସାଧାରଣଙ୍କୁ ପାନୀୟ ଜଳ ଯୋଗାଇବାକୁ ଆଲୋଚନା ହୋଇଥିଲା । ଏହା ସହ ଅଚଳ ହୋଇଥିବା ଓଭର ହେଡ ପାଣି ଟାଙ୍କିକୁ ମରାମତି କରି ସଚଳ କରାଯାଇ କାମରେ ଲଗାଇବା ପାଇଁ ନିଷ୍ପତି ନିଆଯାଇଛି । ବଙ୍ଗାଳପୁର ଠାରୁ ଚଁଫୁର ପର୍ଯ୍ୟନ୍ତ ସଡକ ନିର୍ମାଣ, ଖାଲିଥିବା ଡାକ୍ତରୀ ପଦବୀ ପୁରଣ, ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାଚେରୀ ନିର୍ମାଣ ଓ କେନ୍ଦ୍ରାପଡାରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରସ୍ତାବ ରଖା ଯାଇଛି । କୃଷି ପାଇଁ ପାଟନାଳି ପ୍ରଦାନ, ସୁଇସ୍ ଗେଟ ମରାମତି, ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଓ ମା ଛୁଆଳୀଆ ପୀଠକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ ପାଇଁ ଦାବି ରଖାଯାଇ ଥିଲା । ଉପାଧକ୍ଷ ଅଶୋକ ପଢିଆରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଂଚାୟତସ୍ତରୀୟ ଶିକ୍ଷକ ସମ୍ମିଳନୀ

ଭବାନୀପାଟଣା,୨୮/୦୪ (ନି.ପ୍ର): ପଂଚାୟତ ସ୍ତରୀୟ ଶିକ୍ଷକ ସମ୍ମିଳନୀ, ସ୍ଥାନୀୟ ଘଂଟମାଳ ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଘଂଟମାଳ ଗ୍ରାମପଂଚାୟତର ସରପଂଚ ଦେବେନ୍ଦ୍ର କୁମାର ସାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ପରିଚାଳନା କରିଥିଲେ ପଂଚାୟତ ନିର୍ବାହୀ ଅଧିକାରୀ ବାନାମ୍ବର ଦାଶ। କିଭଳି ଶିକ୍ଷା ଉନ୍ନତ ହୋଇପାରିବ, ସେ ବିଷୟରେ ସରପଂଚ ସମସ୍ତ ଶିକ୍ଷକ ମାନଙ୍କ ସହିତ ଆଲୋଚନା କରିଥିଲେ ଓ ସ୍କୁଲ ରେ ଶିକ୍ଷା ଦାନ କେମିତି ଚାଲିଛି ବୋଲି ସମସ୍ତ ସ୍କୁଲର ଶିକ୍ଷକଙ୍କୁ ପଚାରି ବୁଝିଥିଲେ ଏବଂ ସ୍କୁଲରେ ଅସୁବିଧା କଣ ରହିଛି, ସେ ବିଷୟରେ ସରପଂଚ ସମସ୍ତ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ଏଠାରେ ସରକାରଙ୍କ ଶିକ୍ଷା ନୀତି ଏବଂ ବିଭିନ୍ନ ପାଠ ପଢାକୁ ନେଇ ଆଲୋଚନା ହେଇଥିଲା । ଏଥିରେ ଘଂଟମାଳ ପଂଚାୟତର ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ତ୍ରିବିକ୍ରମ ଷଡ଼ଙ୍ଗୀ, ଘଂଟମାଲ ପ୍ରଧାନ ଶିକ୍ଷକ, ଶ୍ରୀ ହରି ଅର୍ଜୁନ ସିଂ କେଶପଲା ପ୍ରଧାନ ଶିକ୍ଷକ, ଶ୍ରୀମତୀ ଅହଲ୍ୟା ଦେଇ ବୁରାଟ ପ୍ରଧାନ ଶିକ୍ଷକ, ଅନୁସୟା ବେହେରା ଅଲାବୁଲା ପ୍ରଧାନ ଶିକ୍ଷକ, ଶରତ ସା ନୂଆପଡା ପ୍ରଧାନ ଶିକ୍ଷକ, ଶ୍ରୀମତୀ ସାନ ନାଏକ ଇନ୍ଦ୍ରମାଲ ପ୍ରଧାନ ଶିକ୍ଷକ, ବିଘ୍ନରାଜ ମିଶ୍ର ତିଳେମାଲ ପ୍ରଧାନ ଶିକ୍ଷକ, ଏହା ସହିତ ପଂଚାୟତର ସମସ୍ତ ସ୍କୁଲର ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଏଥିରେ ଭାଗ ନେଇଥିଲେ।

ପଂଚାୟତ ସ୍ତରୀୟ ଏହି ଶିକ୍ଷକ ସମାବେଶର ଶେଷରେ ଷଡ଼ଙ୍ଗୀ ସାର ଘଂଟମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝର ଚମ୍ପୁଆ ରେଞ୍ଜରେ ହାତୀପଲଙ୍କ ଆତଙ୍କ : ଭୟଭୀତ ଅବସ୍ଥାରେ ଅଂଚଳବାସୀ

କେନ୍ଦୁଝର ,୨୮/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ବଣୁଆ ହାତୀ ପଲଙ୍କ ଆତଙ୍କ ଲାଗି ରହିଥିବା କାରଣରୁ ଅଂଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ଏହି ହାତୀପଲ କେତେବେଳେ କେଉଁଠି ପହଂଚି ଯାଉଛନ୍ତି ତାହା ଆକଳନ କରିବା ମୁସ୍କିଲ ହୋଇ ପଡୁଛି । ଏବେ ତୁରୁମୁଙ୍ଗା ରେଞ୍ଜ ପରେ କିଛି ଦିନର ବ୍ୟବଧାନ ପରେ ଜିଲ୍ଲାର ଚମ୍ପୁଆ ରେଞ୍ଜକୁ ଧସେଇ ପଶି ଆସିଛନ୍ତି ଏକ ୨୦ ଟିକିଆ ହାତୀପଲ । ଗତକାଲି ବିଳମ୍ବିତ ରାତ୍ରୀରେ ମୟୁରଭଞ୍ଜ ଜିଲ୍ଲାରୁ ଏହି ୨୦ ଟିକିଆ ହାତୀପଲ ଆସି ଚମ୍ପୁଆ ରେଞ୍ଜକୁ ଧସେଇ ପଶି ଆସିଛନ୍ତି । ଏହି ହାତୀପଲ ମୟୁରଭଞ୍ଜ ଜିଲ୍ଲାରୁ ଆସି ଆଦିପୁର ନିକଟରେ ବୈତରଣୀ ନଦୀ ପାର ହୋଇ ଚମ୍ପୁଆ ରେଞ୍ଜର ଜ୍ୟୋତିପୁର ବିଟ ଅଂଚଳକୁ ପ୍ରବେଶ କରିଛନ୍ତି ।ଏହି ହାଚୀପଲ ବର୍ଦ୍ଧନା ଜଙ୍ଗଲରେ ଡେରା ପକାଇଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି । ହାତୀପଲ ପଦ୍ମପୁର ମାଳିପଶି , ଜ୍ୟୋତିପୁର ଆଦି ଅଂଚଳରେ ହୋଇଥିବା ଏକର ଏକର ଡାଳିଆ ଧାନ ଫସଲ ଦଳି ମକଚି ନଷ୍ଟ କରି ପକାଇଛନ୍ତି । ଏହି ହାତୀ ପଲରେ ୭ ଟି ମାଇ ହାତୀ , ୫ ଟି ଦନ୍ତା ହାତୀ , ଓ ୮ ଟି ଛୁଆ ହାତୀ ଛୁଆ ରହିଥିବା ଜଣା ପଡିଛି । ଗାଁ ନିକଟରେ ହାତୀପଲ ରହିତିବାରୁ ସମସ୍ତେ ଭୟଭୀତ ଅବସ୍ଥାରେ ରହିଛନ୍ତି । ବନ ବିଭାଗ ହାତୀପଲକୁ ଘଉଡାଇବାକୁ ଉଦ୍ୟମ ଜାରି ରଖିଛନ୍ତି ।

## ଅବକାରୀ ବିଭାଗର ଚଢ଼ଉ : ମଦ ଜବତ , ୬ ଗିରଫ

ଜୟପୁର ,୨୮/୦୪ (ନି.ପ୍ର): ଜୟପୁର ଅବକାରୀ ବିଭାଗ ଚଢାଉ କରି ୯୦ ଲିଟର ଦେଶୀ ମଦ ଜବତ କରିବା ସହ ୬ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସୌରାଗୁଡାର ଅନିତା ସୌରା, ନିଲିଗୁଡାର ଜିନୁଦୁଆରୁ, ବଙ୍ଗଳାବାଡର ଗୌରାଙ୍ଗ ନାୟକ ଓ ସନ୍ତୁ ନାୟକ । କୁନ୍ଦାରିଗୁଡାର କୁଷ ନାୟକ ଓ ନୂଆସାହି ୫ ଲାଇନର ସୁରେନ୍ଦ୍ର ଅନକା । ଗିରଫ ଅଭିଯୁକ୍ତ ମାନେ ଦେଶୀ ମଦ ଚାଲାଣ କରୁଥିବା ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ଦେଶି ବିଷାକ୍ତ ମଦ କୁ ଜବତ କରି ୬ ଜଣ ଙ୍କ ନାମରେ ମାମଲା ରୁଜୁକରି କୋର୍ଟଚାଲାଣ କରିଛି। ଏହି ଚଢାଉ ରେ ଅବକାରୀ ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

## ନିଜ ଗ୍ରାମରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ବଂଟନ ନେଇ ଗ୍ରାମବାସୀ ବିଡ଼ିଓଙ୍କୁ ଭେଟିଲେ

ନୂଆପଡ଼ା,୨୮/୦୪ (ନି.ପ୍ର): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜାତୀୟ ଖାଦ୍ୟ ସାମଗ୍ରୀ ଏବଂ ଜାତୀୟ ବାର୍ଦ୍ଧକ୍ୟ ଭତା ନିଜ ଗ୍ରାମରେ ପ୍ରଦାନ ପାଇଁ ବୟସ୍କ ଗ୍ରାମବାସୀମାନେ ଖଡ଼ିଆଲ ବିଡ଼ିଓଙ୍କୁ ଭେଟି ଦାବି ଜଣାଇଛନ୍ତି।

ଏହି ତାତିରେ ପାଖାପାଖି ଗ୍ରାମର ହିତାଧିକାରୀ ମାନେ ଚଚରାଭଟ୍ଟା ପଚାଂୟତକୁ ଯାଇ ସାମଗ୍ରୀ ଏବଂ ଭତା ଆଣିବା ସମ୍ଭବ ନୁହେଁ। କିନ୍ତୁ, ପଚାଂୟତ ଅଧିକାରୀମାନେ ଏହାର ବ୍ୟତିକ୍ରମ କରି ପଚାଂୟତ କାର୍ଯ୍ୟାଳୟରେ ବଂଟନ କରିବା ଯୋଗୁ ହିତାଧିକାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହିତାଧିକାରୀଙ୍କୁ ଯୋଜନାର ସୁଫଳ ମିଳିବା ବେଳେ ତାଙ୍କ ପାଇଁ ଦ୍ୱାର ମୁହଁରେ ସେବା ଯୋଗାଣ ନ ହେବା କଷ୍ଟସାଧ ଅଟେ। ତେଣୁ ଗ୍ରାମର ବୟସ୍କ ମହିଳା ଏବଂ ପୁରୁଷ ମାନେ ବିଡ଼ିଓଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଗୁହାରି ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ପୁରୀ,୨୮/୦୪ (ନି.ପ୍ର): ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା ଏଥିରେ ଅଧକ୍ଷତା କରିଥିଲେ । ଜାତୀୟ ରାଜପଥ ୩୧୬ରେ ଥିବା ୪୩ଟି ଦୁର୍ଘଟଣା ପ୍ରବଣ ସ୍ଥାନ ସଂପର୍କରେ ପଦକ୍ଷେପ, ୧୦ଟି ସ୍ଥାନରେ ଗତି ନିୟନ୍ତ୍ରଣ ଫଳକ ଲଗାଇବା, ବେଆଇନ ଅବରୋଧ ହଟେଇବା, ସତ୍ୟବାଦୀ, ସାତଶଙ୍ଖ, ପଟ୍ଟନାୟିକା ଛକ, ମାଳତୀପାଟପୁର ଏବଂ ହରେକୃଷ୍ଣପୁର ଠାରେ ଆଲୋକୀକରଣ ବ୍ୟବସ୍ଥା ଗ୍ରହଣ କରିବା ଉପରେ ଆଲୋଚନା ହୋଇଛି । ଅବରୋଧ ହଟେଇବା ବେଳେ ସ୍ଥାନୀୟ ପୁଲିସ ଅଧିକାରୀ ଏବଂ ମାଜିଷ୍ଟ୍ରେଟଙ୍କ ସହାୟତା ପ୍ରଦାନ କରାଯିବ । ନବକଳେବର ରୋଡ ମରାମତି, ଚକ୍ରତୀର୍ଥ ରୋଡରେ ସକାଳ ସମୟରେ ଯାନବାହାନ ପାର୍କିଂ ନିୟନ୍ତ୍ରଣ, ସଡକ ଦୁର୍ଘଟଣାରେ ଆହତଙ୍କୁ ୪୮ ଘଂଟା ପର୍ଯ୍ୟନ୍ତ ମାଗଣା ଚିକିତ୍ସା, ଟେଷ୍ଟିଂ ଟ୍ରାକ ପାଇଁ ଯାଗା ଚିହ୍ନଟ, ସ୍କୁଲ ବସ ଯାଂଚ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ।

# ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଘିଅ




ଘିଅ ହେଉଛି ଭାରତର ଏକ ସାତ୍ତ୍ୱିକ ଖାଦ୍ୟ ଯାହା ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ନି୍ଚୟ ଦେଖିବାକୁ ମିଳିଥାଏ । ଆପଣ ଜାଣନ୍ତି କି ? ଏହା ରୋଗପବ୍ରତିରୋଧକ ଶକ୍ତି ବଢ଼ାଇବାଠାରୁ ଆରମ୍ଭ କରି ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଓ ସୌନ୍ଦର୍ଯ୍ୟ ପାଇଁ ବେଶ୍ ଉପକାରୀ ମଧ୍ୟ । ଘିଅରେ ଓମେଗା-୩, ଫ୍ୟାଟି ଏସିଡ୍ ଓ ଭିଟାମିନ୍ -ଏ ବ୍ୟୁଟ୍ରିକ୍ ଏସିଡ୍ ଆଦି ରହିଥାଏ । ଯାହା ବିଭିନ୍ନ ରୋଗ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । କେଉଁ କେଉଁ ରୋଗ ପାଇଁ ଘିଅ ଅମୃତତୁଲ୍ୟ ।



### ହଜମ ପ୍ରକ୍ରିୟାକୁ ତୀବ୍ର କରେ

ଘିଅରେ ପ୍ରଚୁର ମାତ୍ରାର ବ୍ୟୁଟ୍ରିକ୍ , ସିଡ୍ ରହିଥାଏ ଯାହା ଶରୀରର ପ୍ରଦାହକ କମ୍ କରିବା ସହ ପାଚନତନ୍ତ୍ରରେ ସୁଧାର ଆଣିଥାଏ । ଏପରିକି ଏସିଡ୍ ସମସ୍ୟାକୁ ମଧ୍ୟ କମ୍ କରିଥାଏ ।

### ଡାର୍କ ସର୍କଲ କମ୍ କରେ

ଅନେକ ସମୟରେ ନିଦ ନହେବା ବା ଚିନ୍ତାଗ୍ରସ୍ତ ହେବାଦ୍ୱାରା ଆଖି ଚାରିପଟେ ଡାର୍କ ସର୍କଲ ଦେଖା ଦେଇଥାଏ । ଏହାକୁ କମ କରିବା ପାଇଁ ଶୋଇବା ପୂର୍ବରୁ ଆଖି ଚାରିପଟେ ହାଲକା ଘିଅ ଲଗାଇ ପାରିବେ ।

### ଜଳାପୋଡ଼ାଜନିତ ଯନ୍ତ୍ରଣାରୁ ମୁକ୍ତି ଦିଏ

ଶରୀରରେ ଜଳାପୋଡ଼ା ହେଲେ, ଏହା ସବୁଠାରୁ ଲୋକପ୍ରିୟ ପ୍ରାକୃତିକ ଔଷଧ । ପୋଡ଼ି ଯାଇଥିବା ସ୍ଥାନରେ ଘିଅ ଲଗାଇଲେ ଉଭୟ ଯନ୍ତ୍ରଣା ଓ ଫୁଲା କମିଥାଏ ।

### ରୋଗପ୍ରତିରୋଧକ ଶକ୍ତି ବଢ଼ାଏ

ଘିଅରେ ପ୍ରଚୁର ମାତ୍ରାରେ ଆଣ୍ଟି-ଅକ୍ସିଡାଣ୍ଟ ସହ ଲୌହ ମଧ୍ୟ ରହିଥାଏ । ତା' ସହିତ ଭିଟାମିନ୍ ଓ ଖଣିଜ ପଦାର୍ଥ ରହିଥିବାରୁ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହା ସହାୟକ ହୋଇଥାଏ ।

### ପେଟ କମାଏ

ଘିଅରେ ଥିବା ଆମିନୋ ଏସିଡ୍ ପେଟର ଚର୍ବି କମାଏ ଓମେଗା-୩, ଓମେଗା-୬ ଓ ଫ୍ୟାଟି ଏସିଡ୍ ଶରୀରର ଆକାର କମ୍ କରିବା ସହ ଚର୍ବିକୁ ମଧ୍ୟ କମାଇଥାଏ ।

### ତ୍ୱଚା ସୁସ୍ଥ ଓ ଚମକ୍‌ଦାର ରୁହେ

ଘିଅ ତ୍ୱଚା ପାଇଁ ଆବଶ୍ୟକ ଫ୍ୟାଟି ଏସିଡ୍ ଓ ପୁଷ୍ଟିକର ଖାଦ୍ୟ ଯୋଗାଇଥାଏ, ଯାହା ଫଳରେ ତ୍ୱଚା ସୁସ୍ଥ ଓ ଚମକ୍‌ଦାର ରୁହେ ।

# ଖାଆନ୍ତୁ ମୁଠାଏ ଅଖରୋଟ୍



ଜଣେ ସୁଇମର ନିଜ ଶରୀରକୁ ଫିଟ୍ ରଖିବା ପାଇଁ ଫାଷ୍ଟଫୁଡ୍ ଓ ବିୟର ବ୍ୟବହାର କରିଥାଏ । ସେହିପରି ବିଭିନ୍ନ କ୍ଷେତ୍ରରେ ପୁରୁଷମାନେ ନିଜକୁ ଫିଟ୍ ରଖିବା ପାଇଁ ଭିନ୍ନ ଖାଦ୍ୟ ବ୍ୟବହାର କରିଥାନ୍ତି । କିନ୍ତୁ ଜାଣନ୍ତି କି ? କ'ଣ ଖାଉଛନ୍ତି, କ'ଣ ପିଉଛନ୍ତି ଓ କେତେ ବ୍ୟାୟାମ କରୁଛନ୍ତି, ଏସବୁର ପ୍ରଭାବ ଆପଣଙ୍କ ପ୍ରଜନନ କ୍ଷମତା ଉପରେ ପଡ଼ିଥାଏ । ଯଦି ନିୟମିତ ମୁଠାଏ ଲେଖାଁଏ ଅଖରୋଟ ଖାଆନ୍ତି, ତେବେ ଆପଣଙ୍କ ଶୁକ୍ରାଣୁ ସୁସ୍ଥ ରହିବା ସହ ତା'ର ଗୁଣବତ୍ତା ମଧ୍ୟ ବଢ଼ିଥାଏ ।

ଅଖରୋଟ ହେଉଛି ଓମେଗା-୩ ଫ୍ୟାଟି ଏସିଡର ମୁଖ୍ୟସ୍ରୋତ, ଯାହା ଅନ୍ୟ ପଲିଅନସାଚୁରେଟେଡ ଫ୍ୟାଟି ଏସିଡ୍ ସହ ମିଶି ଶୁକ୍ରାଣୁକୁ ପରିପକ୍ୱ କରିବା ସହ ଠିକଭାବରେ କାମ କରିବାପାଇଁ ଆବଶ୍ୟକ ହୋଇଥାଏ । ଅନ୍ୟ ଖାଦ୍ୟଗୁଡ଼ିକ ମଧ୍ୟରେ ମାଛତେଲ ଓ ଅଳସୀ ବୀଜରେ ମଧ୍ୟ ଏହି ତତ୍ତ୍ୱ ରହିଛି, କିନ୍ତୁ ଅଖରୋଟ ବଜାରରେ ସୁବିଧାରେ ଉପଲବ୍ଧ ।

'ବାୟୋଲୋଜି ଅଫ୍ ରିପ୍ରଡକ୍ସନ୍'ରେ ପ୍ରକାଶିତ ହୋଇଥିବା ଏକ ରିପୋର୍ଟ ଅନୁସାରେ, ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ଗବେଷକମାନେ ଅଖରୋଟର କ୍ଷମତା ପରୀକ୍ଷଣ କରି ଜାଣିପାରିଥିଲେ ଯେ, ଏହା ଶୁକ୍ରାଣୁକୁ ସୁସ୍ଥ ମଧ୍ୟ ରଖିଥାଏ ।

ଅଧ୍ୟୟନ ପାଇଁ କେତେଜଣ ପୁରୁଷଙ୍କୁ ଦିନକୁ ୭୫ଗ୍ରାମ ଅଖରୋଟ ଦିଆଯାଇଥିଲା ଓ ୧୨ ସପ୍ତାହ ପରେ ସେମାନଙ୍କ ରକ୍ତରେ ଓମେଗା-୬ ଓ ଓମେଗା-୩ ଫ୍ୟାଟି ଏସିଡର ମାତ୍ରା ବଢ଼ିଥିବା ଦେଖିବାକୁ ମିଳିଛି । ସେମାନଙ୍କ ଶୁକ୍ରାଣୁର କ୍ଷମତା ଓ ଆକାର ବଢ଼ିଥିବା ଦେଖିବାକୁ ମିଳିଥିଲା । ସେହିପରି ଅନ୍ୟ ଏକ ପରୀକ୍ଷାରେ ପୁରୁଷମାନଙ୍କୁ ଅଖରୋଟ୍ ଛଡ଼ି ସାଧାରଣ ବାଦାମ ଦିଆଯାଇ ୧୨ସପ୍ତାହ ପରେ ପରୀକ୍ଷଣରୁ ଜଣାପଡ଼ିଲା ଯେ, ସେମାନଙ୍କ ଶୁକ୍ରାଣୁରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ ।

ଆଗାମୀ ଦିନରେ ଆଉ ଏକ ଗବେଷଣାର ଆବଶ୍ୟକତା ରହିଛି- ଅଖରୋଟ କ'ଣ ପୁରୁଷ ବାଛା ପଣକୁ ଦୂର କରିପାରିବ କି ? କେବଳ ଗବେଷଣା ପରେ ଏହା ଜଣାପଡ଼ିବ ।

# ଓଜନ କମାଇବାକୁ ଚାହୁଁଥିଲେ...

ବଢୁଥିବା ଓଜନ ନେଇ ଧୀରେ ଧୀରେ ଲୋକଙ୍କୁ ଭିତରେ ବଢୁଛି ସଚେତନତା । ଯାହାଫଳରେ ଏବେ ଓଜନ କମାଇବା ଚିନ୍ତା ସମସ୍ତଙ୍କୁ ଘାରିଛି । ତେଣୁ କିଏ କମ ଯାଉଛି ତ ଆଉ କିଏ ମର୍ଣ୍ଣିଂଓ୍ୱାକ୍ କରିବାରେ ବ୍ୟସ୍ତ । ପୁଣି କିଏ ଖାଇବା କମାଇଲାଣି ତ କିଏ ରାତ୍ରୀଭୋଜନ ଛାଡ଼ିଦେଲାଣି । ସାମାନ୍ୟ ସଚେତନ ହୋଇପାରିଲେ ନିଜର ଓଜନକୁ ନିୟନ୍ତ୍ରଣରେ ରଖିବା ଖୁବ୍ ସହଜ । ତେବେ ନିୟମିତ ବିଜଣିତ କରନ୍ତୁ ନିମ୍ନଲିଖିତ ଅଭ୍ୟାସ ।





### ପାଣି ପିଇବା:

ରାତିରେ ଶୋଇଥିବା ସମୟରେ ଆମ ଶରୀର ଖାଦ୍ୟ ଓ ପାନୀୟ ଗ୍ରହଣ କରିନଥାଏ । ତେଣୁ ସକାଳେ ଉଠିବା ବେଳକୁ ଆମ ଶରୀରର ଜଳାଭାବ ଦେଖାଦେଇଥାଏ । ତେଣୁ ସକାଳୁ ଉଠିବା ସହ ୪୦୦-୫୦୦ ମିଲିଲିଟର ପାଣି ପିଇବା ଆବଶ୍ୟକ । ଏଥିପାଇଁ ଆବଶ୍ୟକ ପାଣି ପୂର୍ବ ରାତିରୁ ନିଜ ଶୋଇବା ଘରେ ରଖନ୍ତୁ, ଯାହା ସେହି ଘରର ତାପମାତ୍ରା ଅନୁଯାୟୀ ନିୟନ୍ତ୍ରିତ ହୋଇଥିବ । ଏହି ପାଣି ପିଇବା ଦ୍ୱାରା ଶରୀରରେ ଥିବା ସମସ୍ତ ବିଷାକ୍ତ ପଦାର୍ଥ ବାହାରକୁ ବାହାରିଯାଏ । ତା ସହିତ ଶରରରେ ମୋଟାବୋଲିଜିମ ବଢ଼ିଥାଏ । ମୋଟାବୋଲିଜିମ୍ ବଢ଼ିଲେ ଶରୀରର ଓଜନ କମିବାରେ ସାହାଯ୍ୟ କରିଥାଏ ।



### ଧ୍ୟାନ:

ସମସ୍ତେ ଜାଣନ୍ତି ଯେ 'ଧ୍ୟାନ' ଚିନ୍ତା ସୃଷ୍ଟିକାରୀ ହରମୋନକୁ ନିୟନ୍ତ୍ରିତ କରିଥାଏ । ଯଦି ଆପଣଙ୍କ ଓଜନ ଚିନ୍ତା ଯୋଗୁ ବଢୁଥାଏ, ତେବେ ଧ୍ୟାନ ଆପଣଙ୍କ ପାଇଁ ବହୁତ ଜରୁରି । ଷ୍ଟ୍ରେସ୍ ହରମୋନ୍ ଶରୀରର ବଢୁଥିବା ଫ୍ୟାଟକୁ ଜମିବାରେ ସାହାଯ୍ୟ କରେ । ତେଣୁ ନିୟମିତ ୧୦ମିନିଟ୍ ଧ୍ୟାନ କରିବା ଆବଶ୍ୟକ । ଫଳରେ ଚିନ୍ତା କମିବା ସହ ଓଜନ ମଧ୍ୟ ହ୍ରାସ ପାଇଥାଏ ।

### କଫି ପରିବର୍ତ୍ତେ ନିଅନ୍ତୁ :

ଏକକପ୍ ଗରମ ପାଣିରେ ଲେମ୍ବୁ, ମହୁ ସହ ଚିମୁଟାଏ ହାଲଚିନି ପକାଇ ପିଅନ୍ତୁ। ଏହା ଆଣ୍ଟିଅକ୍ସିଡାଣ୍ଟରେ ପରିପୂର୍ଣ,ଯାହା ମେଟାବୋଲିଜିୟମକୁ ବଢ଼ାଇଥାଏ । କିଛି ଭୃସଙ୍ଗପତ୍ର ଚୋବାଇ ଅଳ୍ପ ଗରମପାଣି ପିଇପାରିବେ । ଏହା ଶରୀରର ସମସ୍ତ ବିଷାକ୍ତ ପାର୍ଥକୁ ବାହାର କରିଦେଇଥାଏ । ତା ସହିତ ରକ୍ତରେ ଶର୍କରାର ମାତ୍ରା କମାଇଥାଏ । ଲେମ୍ବୁରସ ଓ ଜିରା ଚୋବାଇବା ସହ ଉଷୁମପାଣି ପିଇପାରିବେ । ଯଦି ଚାହିଁବେ ଜିରାକୁ ରାତିରେ ପାଣିରେ ଭିଜାଇ ସକାଳେ ସେହି ପାଣି ସହ ଲେମ୍ବୁ ରସ ମିଶାଇ ପିଇପାରିବେ । ଜିରା ଶରୀରରେ ପୋଟାସିୟମ ଓ ମ୍ୟାଗ୍ନେସିୟମ କୁ କମ୍ କରି ମେଟାବେଲିଜିୟମକୁ ବଢ଼ାଇଥାଏ । ଏଥିସହିତ ଭୋକ ମଧ୍ୟ ବଢ଼ାଇଥାଏ ।




# ଆବର୍ଜନା ଆମଦାନୀ



ସ୍ୱିଡେନ୍ ଆବର୍ଜନାକୁ ବ୍ୟବହାର କରି ତାର ରିସାଇକ୍ଲିଙ୍ଗ ପ୍ଲାଣ୍ଟ ଚଲାଇଥାଏ । କିନ୍ତୁ କିଛି ଦିନ ହେବ ଦେଶରୁ ଆବର୍ଜନା ସରିଯାଇଛି । ଏଥିପାଇଁ ପ୍ଲାଣ୍ଟକୁ ଚଲାଇବା ପାଇଁ ସ୍ୱଡେନକୁ ବାହାର ଦେଶରୁ ଆବର୍ଜନା କିଣିବାକୁ ପଡୁଛି । ରିସାଇକ୍ଲିଙ୍ଗ ପ୍ଲାଣ୍ଟ ଏହି ଆବର୍ଜନାକୁ ଜଳାଇ ଶକ୍ତି ଉତ୍ପନ୍ନ କରିପାରିବ । ଏହି ଶକ୍ତି ସାହାଯ୍ୟରେ ଥଣ୍ଡା ପରିବେଶରେ ଘରମାନଙ୍କରେ ଘରୋଇ ହିଟିଙ୍ଗ ସିଷ୍ଟମ ଚଲାଇବାରେ ସାହାଯ୍ୟ ମିଳିବ । ସ୍ୱିଡେନର ଏହି ରସାଇକ୍ଲିଙ୍ଗ ସିଷ୍ଟମ ଅତ୍ୟାଧୁନିକ ଟେକ୍‌ନିକ୍ ।

# ଯୌନାକାଂକ୍ଷା ବଢ଼ାଏ ଡାଳିମ୍ବ ରସ



ଆମେ ନିୟମିତ ଅନେକ ପ୍ରକାରର ଫଳମୂଳ ଖାଇଥାଉ । ସେହି ଫଳମୂଳ ମଧ୍ୟରେ ଏମିତି କିଛି ରହିଛି, ଯାହା ଆମ ଯୌନ ଜୀବନକୁ ଖୁସିରେ ଭରିଦେଇପାରିବ । ସେଥିମଧ୍ୟରୁ ଅନ୍ୟତମ ହେଉଛି ଡାଳିମ୍ବ । ଏଥିରେ ଭରପୂର ମାତ୍ରାରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି: ଯାହା ରକ୍ତ ସଞ୍ଚାଳନକୁ ତୀବ୍ର କରିଥାଏ । ଏଥିସହିତ ହାଳିମ୍ବ ଜୁସ ହୃଦୟ ରୋଗକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ । ଠିକ୍ ସେହିପରି ନିୟମିତ ଡାଳିମ୍ବ ଜୁସ ପିଇବା ଦ୍ୱାରା ଆପଣଙ୍କ ସେକ୍ସଜୀବନରେ ଆନନ୍ଦ ଭରିଯାଇଥାଏ । ଡାଳିମ୍ବ ଜୁସ୍ କୁ ବଢ଼ାଇଥାଏ । ଆପଣ ନିୟମିତ ଭାବେ ୮ରୁ ୧୨ ଆଉନ୍ସ ଜୁସ୍ ଖାଲି ପେଟରେ ପିଇପାରିବେ । ଏହାଦ୍ୱାରା ପୁରୁଷଙ୍କର ଟେଷ୍ଟୋଷ୍ଟେରେନ୍ ହରମୋନ୍ ବୃଦ୍ଧି ପାଇଥାଏ, ଯାହାଫଳରେ ସେମାନଙ୍କ ଯୌନକାଂକ୍ଷା-ବୃଦ୍ଧିପାଇଥାଏ । ଯଦି ଡାଳିମ୍ବ ମଞ୍ଜିରୁ ଜୁସ୍ ବାହାର କରିବା ପରିବର୍ତ୍ତେ ଏହାକୁ ସିଧାସଳଖ ଖାଇପାରିବେ, ତେବେ କୋଷ୍ଠକାଠିନ୍ୟରୁ ମଧ୍ୟ ରକ୍ଷା ମିଳିବ ।

# ନି ଗୁଣିଆ ନିମ୍ବ



*ଭାରତୀୟ ସଂସ୍କୃତିରେ ନିମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ନିମପତ୍ରରେ ଭରିରହିଛି ସ୍ୱାସ୍ଥ୍ୟ ଓ ତ୍ୱଚା ପାଇଁ ବହୁ ଔଷଧୀୟ ଗୁଣ । ନିମପତ୍ରକୁ ପେଷ୍ଟ କରି ମୁହଁରେ ଲଗାଇପାରିବେ ଓ ସତେଜ ନିମପତ୍ର ଗଛରୁ ଆଣି ଚୋବାଇ ଖାଇପାରିବେ । ଏହାର ଔଷଧୀୟ ଗୁଣକୁ ଦକ୍ଷିଣ-ପୂର୍ବ ଏସିଆର ବହୁପୂର୍ବରୁ ଗ୍ରହଣ କରାଯାଇଥିବା ବେଳେ ଏବେ ପାଶ୍ଚାତ୍ୟ ଦେଶମାନେ ମଧ୍ୟ ଧୀରେଧୀରେ ସ୍ୱୀକାର କଲେଣି । ଆୟୁର୍ବେଦରେ କୁହାଯାଇଛି ଯେ ନିମ୍ବ ପିତା, କିନ୍ତୁ ନ୍ୟୁରୋମସ୍କୁଲାର ବିକାରକୁ ସନ୍ତୁଳିତ କରିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଏହା ରକ୍ତରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ । ତେଣୁ ନିୟମିତ ନିମପତ୍ର ଚୋବାଇବା ଦ୍ୱାରା ନିମ୍ନୋକ୍ତ ଉପକାର ମିଳିଥାଏ ।*

### ତ୍ୱଚା ପାଇଁ ଉପକାର:

ନିମପତ୍ର ଚୋବାଇବା ଦ୍ୱାରା ରକ୍ତରୁ ବିଷାକ୍ତ ପଦାର୍ଥ ବାହାରିଥାଏ, ଯାହାଫଳରେ ତ୍ୱଚା ଦାଗବିହୀନ ହୋଇଥାଏ । ଏହାବ୍ୟତୀତ ପତ୍ରରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଯୋଗୁ ସଂକ୍ରମଣ ଓ ବିଭିନ୍ନ ପ୍ରକାର ତ୍ୱଚା ସମସ୍ୟା ମଧ୍ୟ ଦୂର ହୋଇଥାଏ । କୁଣ୍ଡିଆ, କୀଟ କାମୁଡ଼ିଥିଲେ, ଏଗଜିମା ଆଦି ହୋଇଥିଲେ ନିମପେଷ୍ଟ ସହ ହଳଦୀ ମିଶାଇ ବ୍ୟବହାର କଲେ ଉପଶମ ମିଳିବ ।

### ଆଖି:

ଆୟୁର୍ବେଦରରେ କୁହାଯାଇଛି ନିମପତ୍ର ଆଖି ପାଇଁ ମଧ୍ୟ ବେଶ୍ ଉପକାରୀ । ନିୟମିତ ନିମପତ୍ର ଚୋବାଇବା ଦ୍ୱାରା ବେଶ୍ ଉପକାରୀ । ନିୟମିତ ନିମପତ୍ର ଚୋବାଇବା ଦ୍ୱାରା ଦୃଷ୍ଟିଶକ୍ତି ତୀକ୍ଷଣ ହୋଇଥାଏ । ଯଦି କୌଣସି ପ୍ରକାର ଜ୍ୱଳନ, ଥକ୍କାପଣ ଓ ଆଖି ଲାଲ୍ ଦେଖାଦିଏ, ତେବେ ନିମପତ୍ରକୁ ପାଣିରେ ଫୁଟାଇ ଏହାକୁ ଥଣ୍ଡା କରିବା ପରେ ଆଖି ଧୋଇଦେଲେ ଆରାମ ଲାଗିବ ।

### ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି:

ନିମ ଆଣ୍ଟିମାଇକ୍ରୋବାୟଲ, ଆଣ୍ଟିଭାଏରାଲ୍ ଓ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱରେ ଭରପୂର । ତେଣୁ ଏହାର ପତ୍ର ଚୋବାଇ ଖାଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଯାଏ । ନିମପତ୍ର ଖାଇବା ଦ୍ୱାରା ସାଧାରଣ ଫ୍ଲୁ ଓ କର୍କଟ ରୋଗର ଆଶଙ୍କା ମଧ୍ୟ ଜମିଥାଏ । ନିମପତ୍ର ଶରୀରରୁ ବ୍ୟାକ୍ଟେରିଆ ନଷ୍ଟ କରିବା ସହ ରୋଗପ୍ରତିରୋଧ ଶକ୍ତି ବଢ଼ାଇଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ଅପ୍ରେଲ ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁଣି କରୋନାର ପଦଧ୍ୱନି...

ଦେଶରେ ପୁଣି କରୋନାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । କରୋନା ମହାମାରୀକୁ ପ୍ରତିହତ କରିବା ସକାଶେ କ୍ରମାଗତ ପ୍ରୟାସ ଚାଲିଥିବା ଭିତରେ ଏହା କିଭଳି ବାରମ୍ବାର ମୁଣ୍ଡ ଟେକିଚାଲିଛି ତାହା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି । ରାଜଧାନୀ ଦିଲ୍ଲୀରେ ସଂକ୍ରମଣରେ ଚକ୍ରବୃଦ୍ଧି ଘଟୁଛି। ନିଜେ ପ୍ରଧାନମନ୍ତ୍ରୀ ସବୁ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଭର୍ଚୁଆଲ ମୋଡରେ ବିଚାର ବିମର୍ଶ କରିଛନ୍ତି । ଲହର ପରେ ଲହର ସଂକ୍ରମଣକୁ ଦୃଷ୍ଟିରେ ରଖି ଶିଶୁମାନଙ୍କ ପାଇଁ କରୋନା କବଚ ସେବା ଲାଗି ଅଣ୍ଟା ଭିଡ଼ିବା ଆରମ୍ଭ କଲେଣି । ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢିବା ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ହେଲାଣି । ପାଞ୍ଚରୁ ବାର ବର୍ଷର ଛୁଆମାନଙ୍କୁ ଟିକାଦାନ ସକାଶେ କର୍ତ୍ତୃପକ୍ଷ ମଂଜୁରୀ ଦେଇଛନ୍ତି । କେର୍ବେଭାକ୍ସ ଓ କୋଭାକ୍ସିନକୁ କର୍ତ୍ତୃପକ୍ଷ ସଂଜୁରି ଦେବା ସହ ବାରବର୍ଷରୁ ଅଧିକଙ୍କୁ ଜାଇକୋଭ-ଡି ଟିକାକୁ ମଂଜୁର ଦେଇଛନ୍ତି । ମାତ୍ର ଏକ ସପ୍ତାହରେ ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ସଂକ୍ରମଣ ବଢିବାରେ ଲାଗିଛି । ମାତ୍ର ଚବିଶି ଘଣ୍ଟା ଭିତରେ ପ୍ରାୟ ୨୫ଶହ ନୂଆ ପଜିଟିଭ ମାମଲା ସାମ୍ନାକୁ ଆସିଥିବା ଚିନ୍ତା ବଢାଇ ଦେଇଛି । ମୃତ୍ୟୁ ସଂଖ୍ୟା ବି ଊଣା ହେଉନାହିଁ । ଚୀନ୍ ରାଜଧାନୀ ବେଜିଂ ଓ ସାଂଘାଇରେ ସଂକ୍ରମଣ ତଥା ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଦର୍ଶାଉଛିଯେ ତାହା ସିଙ୍ଗାପୁର ଭଳି ଦେଶକୁ ବ୍ୟପିବାରେ ଲାଗିଛି। ବୟସ୍କମାନଙ୍କୁ ଏହା ଭିତରେ ବୁଷ୍ଟର ଡୋଜ୍ ପରିମାଣ ବୃଦ୍ଧି ସହିତ ବିଭିନ୍ନ ପର୍ଯ୍ୟାୟରେ ଟିକାକରଣକୁ ସାର୍ବଜନୀନ କରାଯିବାରେ ଭାରତ ବିଶ୍ୱ ରେକର୍ଡ କରିଛି । କିନ୍ତୁ ଗୋଦରା କୋଡେ ଯେତେ ମାଡ଼େ ସେତେ ନ୍ୟାୟରେ ଯେତେ ଟିକାଦାନ ପାଇଁ ବ୍ୟବସ୍ଥା ହେଉଛି, ସେତେ ସଂକ୍ରମଣ ବଢିବାରେ ଲାଗିଛି । ସଂକ୍ରମଣରୁ ରକ୍ଷା ପାଇବା ଲାଗି ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପରିଧାନ, ହାତ ଧୋଇବା ଓ ଭିଡ଼ ନଜମାଇବା ଲାଗି ଯେଉଁ କୋଭିଡ଼ପ୍ରୋଟୋକଲ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଥିଲା, ତାହାର ପୁନଃପରିବର୍ତ୍ତନ ଜରୁରି ହୋଇ ପଡ଼ିଲାଣି । କେବଳ ପ୍ରତିଷେଧକ ଟିକା ନେଲେ ସବୁ କିଛି ହୋଇଗଲା ବୋଲି ଭାବିବା ଉଚିତ ନୁହେଁ । ତାହା ପ୍ରତିଷେଧକ କବଚ ହୋଇଥାଇପାରେ, ନୂତନ ପ୍ରଜାତିର ସଂକ୍ରମଣକୁ ଦେଖିଲେ ଆନୁସଙ୍ଗିକ ସତର୍କତା ଉପରେ ଆମ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ । ଦେଶ ବାହାରୁ ଚତୁର୍ଥ ଲହର କୁହାଯାଉଥିବା ଭାରଆଣ୍ଟ ଆସି ରାଜଧାନୀରେ ସଂକ୍ରମଣକୁ ବ୍ୟପକ କରିଦେଲାଣି । ବିଭିନ୍ନ ବୟଗୋଷ୍ଠୀର ଲୋକଙ୍କୁ ଟିକାକରଣ ପରେ ଏଥର ଅଧିକ ସମ୍ବେଦନଶୀଳ କୁହାଯାଉଥିବା ଶିଶୁମାନଙ୍କୁ ଟିକା ଦିଆଯିବା ସକାଶେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ତାହା ଯେଉଁ ସବୁ କମ୍ପାନିକୁ ଅନୁମତି ପ୍ରଦାନ କରାଯାଇଛି, ସେଗୁଡ଼ିକ କେତେ ପରିମାଣର ଟିକା କେବେ ଯୋଗାଇ ପାରିବେ, ତାହା ଦେଖାଯିବା କଥା। । କରୋନା ପାଇଁ କେବଳ ଆମ ଦେଶ ନୁହେଁ, ତମାମ ବିଶ୍ୱ ଅର୍ଥନୀତି ବିଗିଡ଼ି ଯାଇଥିବା ବେଳେ ପୂର୍ବ ଅବସ୍ଥାକୁ ଫେରାଇ ଆଣିବା ଦିଗରେ ଉପାୟ ବାହାର କଲା ବେଳକୁ ପୁଣି ସଂକ୍ରମଣ ଚିନ୍ତା ବଢାଇ ଦେଲାଣି । ସରକାର ବିଭିନ୍ନ କୋଭିଡ଼ ପ୍ୟାକେଜ୍ ଦେଇ ଅବସ୍ଥା ସମ୍ଭାଳିବାକୁ ଉପାୟ ବାହାର କଲା ବେଳକୁ ନୂଆ ପ୍ରଜାତି ନୂଆ କରି ସମସ୍ୟା ସୃଷ୍ଟି କଲାଣି । କିଏ ଜାଣେ ଏହି ଭଳି ସ୍ଥିତି କେତେକାଳ ଚାଲିବ। ତେଣେ ଋଷ-ୟୁକ୍ରେନ୍ ଯୁଦ୍ଧକୁ ଦୁଇମାସ ବିତିବାକୁ ବସିଲାଣି । ପେଟ୍ରୋଲ-ଡିଜେଲ୍ ଦର ବୃଦ୍ଧି ଦ୍ୱାରା ଅର୍ଥନୀତିକୁ ବିଗାଡ଼ି ସାରିଲାଣି । ତୈଳନିର୍ଭର ଅର୍ଥନୀତି ଉପରେ ସମଗ୍ର ଯୋଗାଣ ଚେନ୍ ନିର୍ଭରଶୀଳ । ପନିପରିବାଠାରୁ ଆରମ୍ଭ କରି ଖାଇବା ତେଲ,ଆଳୁ ଭଳି ଜିନିଷର ଦର ବୃଦ୍ଧି ଘଟିଛି । ପରିବା ବଜାରକୁ ଗଲେ ବ୍ୟାଗ ଭର୍ତ୍ତି କରିବା ସହଜ ହେଉନାହିଁ । ସୀମିତ ଆୟ ଥିବା ବ୍ୟକ୍ତି ନିଜ ପରିବାରର ଖର୍ଚ୍ଚ ସମ୍ଭାଳିବା ସହଜ ହେଉନାହିଁ । ଦୁଇବର୍ଷରୁ ଅଧିକ କାଳ ଧରି ହନ୍ତସନ୍ତ କରି ରଖିଥିବା କରୋନା ବାରମ୍ବାର ଅବତାର ବଦଳାଉଥିବା ଦୃଷ୍ଟିରୁ କିଭଳି ତାହାର ମୁକାବିଲା କରିହେବ, ସେ ନେଇ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ବିଚାର ଆଲୋଚନା ଚଳାଇଛନ୍ତି । ଓଡ଼ିଶାରେ ସର୍ବଶେଷ ସଂକ୍ରମଣ ସେତେ ବେଶୀ ଦେଖାଯାଇନାହିଁ । ତଥାପି ରାଜ୍ୟ ସରକାର ସାମାଜିକ ସର୍ଭ ଅନୁପାଳନ ଉପରେ ପ୍ରାଥମିକତା ଦେଇ ଆସୁଛନ୍ତି । ଓଡ଼ିଶା ଟିକାକରଣ ଓ ସଂକ୍ରମଣ ନିୟନ୍ତ୍ରଣରେ ଆଦର୍ଶ ହୋଇଥିବାର ପ୍ରଧାନମନ୍ତ୍ରୀ ବିଭିନ୍ନ ସମୟରେ ଓଡ଼ିଶାର ନଜିର ଦେଇ ଆସୁଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ସହଳ ପ୍ରଧାନମନ୍ତ୍ରୀଙ୍କ ବିଚାର ବିମର୍ଶ ଫଳପ୍ରସୂ ଉପାୟ ବାହାର କରିବା ଦିଗରେ ସହାୟକ ହେବବୋଲି ଆଶା କରାଯାଉଛି ।

## ସମ୍ପର୍କ ଉପରେ ଭାରିପଡୁଛି ବଜାରବାଦ



**ଗୋପାଳ ମହାପାତ୍ର**

ଆଜିର ଉପଭୋକ୍ତାବାଦୀ ସମାଜରେ ସବୁ ବସ୍ତୁ ବିକ୍ରୀ ହୋଇପାରିବ ଓ ବିକ୍ରୀ ହୋଇପାରୁଛି। କୁହାଯାଏ ଯେ ବଜାରର କୌଣସି ନିଜସ୍ୱ ନିୟମ ନାହିଁ। ଏଣୁ ସବୁ ଜିନିଷ ଏପରିକି ମଣିଷର ଭାବନା ଏବଂ ସମ୍ପର୍କ ମଧ ଉପଭୋଗର ବସ୍ତୁ ପାଲଟିଯାଇଛି। ଇଛା ହେଲେ ମୂଲ୍ୟ ନିର୍ଦ୍ଧାରଣ କରି କ୍ରୟ ବା ବିକ୍ରୟ କରାଯାଇପାରେ। ଦୁନିଆ ଏବେ ଦୃତଗତିରେ ବଦଳୁଛି ଏଣୁ ପରିବାର, ଶିକ୍ଷା, ରାଜନୀତି ଏବଂ ଅର୍ଥବ୍ୟବସ୍ଥା ମଧ ସମୟ ଅନୁସାରେ କଡଲେଉଟାଇବାରେ ଲାଗିଛି। ଦୃତଗତିରେ ପରିବର୍ତ୍ତିତ ହେଉଥିବା ସମୟ ମଣିଷର ବୟସର ସବୁ ଅବସ୍ଥାକୁ ପ୍ରଭାବିତ କରୁଛି। ବାଲ୍ୟାବସ୍ଥା କଥାକୁ ଦେଖିଲେ ସ୍ପଷ୍ଟ ଯେ ସେ ଅବସ୍ଥା କୁଆଡେ ହଜିଯାଇଛି ଅଥବା ଆଜିର ସମୟରେ ସେଭଳି ଅବସ୍ଥା କିଛି ନାହିଁ। ପିଲାମାନେ ସିଧାସଳଖ କୈଶରାବସ୍ଥା ବା ଯୁବାବସ୍ଥାରେ ପାଦ ରଖିଲେଣି। ଏବେ ପିଲାମାନେ ଆଉ ଖେଳନାରେ ଖେଳୁନାହାଁନ୍ତି, ମୋବାଇଲ ବା କମ୍ପ୍ୟୁଟରରେ ଖେଳୁଛନ୍ତି। ଏଣୁ ସେମାନେ ବାସ୍ତବିକ୍‌ଭାବେ ସମାଜର ଅଙ୍ଗ ହୋଇପାରୁନାହାନ୍ତି। ଏମାନେ କେଉଁ ଅଦୃଶ୍ୟ ଦୁନିଆକୁ ଚାଲିଯାଉଛନ୍ତି। କମ୍ପ୍ୟୁଟର ଗେମ୍ (ଖେଳ)ର ଦୁନିଆ ପିଲାମାନଙ୍କ ବ୍ୟକ୍ତିତ୍ୱକୁ ପୁରାପୁରି ବଦଳାଇ ଦେଇଛି। ସଂଖ୍ୟାଧିକ କିଶୋର କମ୍ପ୍ୟୁଟରଗେମ୍, ସୋସିଆଲ ମିଡିଆ ଆଦିରେ ଅଧିକ ସମୟ ବିତାଇବାରେ ଲାଗିଛନ୍ତି। ପରିବାର ଏବଂ ସମାଜ ଉପରେ ଏବେ ଏହି ବଜାରବାଦ ଏବଂ ଉପଭୋକ୍ତାବାଦ ଭାରି ପଡିବାରେ ଲାଗିଛି।

ବଜାରର ଏକମାତ୍ର ଲକ୍ଷ ହେଉଛି ଅଧିକରୁ ଅଧିକ ଲାଭ କମାଇବା। ଏଥିପାଇଁ ମନୁଷ୍ୟର ଭାବନା, ସମ୍ପର୍କ, ସୁଖ-ଦୁଃଖ ଓ ଖୁସି ସବୁର ବ୍ୟବସାୟ ହେଉଛି। ନିକଟରେ ଇଣ୍ଟରନେଟ୍‌ରେ ପ୍ରସାରିତ ଏକ ଖବର ଅନୁସାରେ ଜାପାନର ଜଣେ ଧନୀବ୍ୟକ୍ତି ମଣିଷର ଭାବନାକୁ ବୁଝିବା ଏବଂ ମଣିଷର ଏକୁଟିଆପଣକୁ ଦୂରକରିବା ପାଇଁ ନିର୍ମାଣ କରାଯାଉଥିବା ଏକ ରୋବର୍ଟ କମ୍ପାନୀରେ ପୁଞ୍ଜିନିବେଶ କରିଛନ୍ତି। ଏହି ଯେଉଁ ରୋବର୍ଟ ନିର୍ମାଣ କରାଯାଉଛି ତାର ନାମ ହେଉଛି ଲୋବର୍ଟ। ଜାପାନର ଧନୀକ ବ୍ୟକ୍ତି ଜଣକଙ୍କ ମତରେ ରୋବର୍ଟ ମଣିଷର ସବୁ ଭାବନାକୁ ବୁଝିପାରେ ଏବଂ ମଣିଷକୁ ସୁସ୍ଥ ଏବଂ ସକ୍ଷମ ରଖିପାରେ। ତାଙ୍କ ମତରେ କୋରନା ସମୟରେ ଏହିଭଳି ରୋବର୍ଟ ରୋଗୀମାନଙ୍କ କ୍ଷେତ୍ରରେ ସକରାତ୍ମକ ଭୂମିକା ନିର୍ବାହ କରିଥିଲା। ଏକଥା ମଧ ସତ୍ୟ ଯେ ଯେତେବେଳେ ସମାଜରେ ମଣିଷର ଭୂମିକା ଉପରେ ପ୍ରଶ୍ନ ଉଠିଥାଏ ଅଥବା ମଣିଷ ନିଜର ଭୂମିକା ଠାରୁ ଦୂରେଇ ଯାଇଥାଏ ସେତେବେଳେ ମେସିନ୍‌ର ସହାୟତାର ଆବଶ୍ୟକତା ପଡିଥାଏ। ଏବେ ଲାଭର ବଜାର ବ୍ୟାପକ ହେବାରେ ଲାଗିଛି। ବ୍ୟକ୍ତି ବା ମଣିଷର ଅନ୍ତରଙ୍ଗ ମୁହୂର୍ତ୍ତ ମଧ ବଜାରର ଅଂଶ ପାଲଟିଯିବାକୁ ବସିଲାଣି ଯାହା କେବଳ ତାର ପରିବାର ମଧରେ ସିମୀତ ଥିଲା।

ସିନେମା ଏବଂ ଧାରାବାହିକଗୁଡ଼ିକ ମଧ ବ୍ୟକ୍ତିଗତ ଜୀବନକୁ ବଜାର ପର୍ଯ୍ୟନ୍ତ ପହଞ୍ଚାଇବାରେ ବଡ ଭୂମିକା ନିର୍ବାହ କରିଥାନ୍ତି। ଏବେ ବିବାହ ପୂର୍ବରୁ ପତି-ପତ୍ନୀ ଦାମୀ ଶାଢୀ ଓ ଗହଣା ପିନ୍ଧି ଫଟୋ (ଫିଲ୍ମ) ଉଠାଉଛନ୍ତି ଏବଂ ଯେପରି କାର୍ଯ୍ୟକ୍ରମ ସବୁ କରାଯାଉଛି ତାର ବାସ୍ତବିକ୍ ଦୁନିଆ ସହ ସମ୍ପର୍କ ନଥିବା ଭଳି ଜଣାପଡେ। ଆଜିକାଲି ମାତୃତ୍ୱ (ଗର୍ଭଧାରଣ) ଅବସ୍ଥାରେ ସ୍ମୃତିକୁ ସାଇତି ରଖିବା ପାଇଁ ମ୍ୟାଟ୍ରିନିଟି ଫଟୋଶୁଟ୍ କରାଯାଉଛି। ବସ୍ତୁ ଏବଂ ସେବାକୁ ବିକ୍ରୀ କରୁକରୁ ଭାବନା ମଧ ବଜାରକୁ ବିକ୍ରୀହେବା ପାଇଁ ଚାଲିଆସୁଛି। କ୍ଷଣିକ ଆନନ୍ଦ ପାଇଁ ମଣିଷ ନିଜର ସବୁକିଛି ବାଜିଲଗାଇ ଦେବା ପାଇଁ ପ୍ରସ୍ତୁତ ହୋଇଯାଉଛି। ଏଥିପାଇଁ ଦରକାର ପଡିଲେ ମଧ ଋଣ ବା କରଜ କରିବାକୁ ପଡିଲେ ମଧ ମଣିଷ ପଛାଉନାହିଁ।

ଉପଭୋକ୍ତାବାଦୀ ସଂସ୍କୃତି ଏବଂ ବଜାରର ବିସ୍ତାର ଆବଶ୍ୟକତା ସ୍ଥାନରେ ଲାଳସା ଏବଂ ଦେଖେଇହେବାକୁ ଅଧିକ ଗୁରୁତ୍ୱ ଦେଉଛି। ଏଥିପାଇଁ ବଜାରବାଦୀ ଶକ୍ତିମାନେ ପିଲାଙ୍କ ଆଗରେ ଦେଖାଯାଉଥିବା ସଙ୍କଟର ସ୍ଥିତିକୁ ମଧ ଏକ ବ୍ୟବସାୟୀକ ଅବସର ଭାବେ ଦେଖୁଛନ୍ତି। ପିଲାମାନେ ସମୟ ପୂର୍ବରୁ ବଡହୋଇଯାଉଥିବା କଥାକୁ ଏମାନେ ଗୁରୁତ୍ୱ ଦେଉନାହାଁନ୍ତି। ଏଭଳି କାରଣରୁ ପିଲାମାନଙ୍କ ମଧରେ ଅପରାଧ ପ୍ରବଣତା ବଢ଼ିବାରେ ଲାଗିଛି। ସାମାଜିକ ଗଣମାଧମ ଏବଂ କମ୍ପ୍ୟୁଟରଖେଳ କାରଣରୁ ବିଗତ କିଛି ବର୍ଷ ମଧ ପିଲା (ଶିଶୁ) ଓ କିଶୋରମାନଙ୍କର ଅପରାଧିକ ଗତିବିଧିରେ ସହଭାଗିତା ବଢିଚାଲିଛି। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ବିଗତ ବର୍ଷକ ମଧ ଅପ୍ରାପ୍ତ ବୟସ୍କମାନଙ୍କ ଦ୍ୱାରା ୮୪୨ଟି ହତ୍ୟା ଘଟଣା, ୭୨୫ ଅପହରଣ ଘଟଣା, ୬ ହଜାରରୁ ଅଧିକ ଚୋରୀଲୁଟ୍ ଏବଂ ଡକାୟତି ଘଟଣା ଘଟିଛି। ଖେଳିବା ଏବଂ ପଢିବା ବୟସର ଶିଶୁ ଓ କିଶୋରମାନଙ୍କ ଦ୍ୱାରା ଏତେ ପରିମାଣର ଅପରାଧ ଘଟଣା ଚିନ୍ତାର ବିଷୟ ନିଶ୍ଚୟ।

ମୋବାଇଲ ଖେଳରେ ବହୁ ପରିମାଣର ଅର୍ଥ ହାରିଯିବା ପରେ ଶିଶୁ ଓ କିଶୋରମାନେ ଘରୁ ଚୋରୀ କରିବା ଭଳି ଘଟଣା ମଧ ଘଟୁଛି। ଲାଗୁଛି ସମାଜ ଏବେ ପିଲାଙ୍କ ପ୍ରତି ନିଜର ଦାୟୀତ୍ୱ କଥା ଭୁଲିଯାଇଛି ଓ ପିଲାଙ୍କର ଏଭଳି ଘଟଣାକୁ ଅସହାୟ ଭାବରେ ଦେଖୁଛି। ଦୁଃଖର କଥା ହେଉଛି ଏଭଳି ଘଟଣା ସବୁକୁ ରୋକିବା ଦିଗରେ ଶିକ୍ଷା ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରୁନାହିଁ। ପରିବାର ଏବଂ ବିଦ୍ୟାଳୟ ମଧ ମୁକ ଦର୍ଶକ ସାଜିଛି। ଶିକ୍ଷାର ଉଦ୍ଦେଶ୍ୟ ହେଉଛି ପିଲାଙ୍କୁ ଆତ୍ମନିର୍ଭର କରାଇବା, ସେମାନଙ୍କୁ ସେମାନଙ୍କ ଅଧିକାର ଏବଂ କର୍ତ୍ତବ୍ୟ ବାବଦରେ ସଚେତନ କରାଇବା। ଫଳରେ ସେମାନେ ସ୍ୱାଧୀନ ଭାବରେ ନିଷ୍ପତ୍ତି ନେଇପାରିବେ ଏବଂ ସମାଜ ଓ ଦେଶର ଉତ୍‌ଥାନ ପାଇଁ ନିଜକୁ ସମର୍ପିତ କରିପାରିବେ। କିନ୍ତୁ ଆଜିର ଶିକ୍ଷା ପିଲାମାନଙ୍କୁ କେବଳ ପ୍ରତିଯୋଗୀତାର ଅଂଶ ଭାବେ ଠିଆ କରାଇଛି କାରଣ ପ୍ରତିଯୋଗିତାରେ ବିଜୟୀ ହେବା ସେମାନଙ୍କର ଅସ୍ତିତ୍ୱର ପରିଚୟ ବୋଲି କୁହାଯାଉଛି। ପ୍ରତିଯୋଗିତାରେ ବିଜୟୀ ହେବା ପାଇଁ ପିଲାମାନଙ୍କୁ ବିଭିନ୍ନ ଶିକ୍ଷଣ ଉଦ୍ୟୋଗରେ ନାମ ଲେଖାଇବାର ଆବଶ୍ୟକତା ପଡୁଛି। ଏସବୁ ଶିକ୍ଷଣ ଏବଂ କୋଚିଙ୍ଗ ସଂସ୍ଥା (ଉଦ୍ୟୋଗ) କେବଳ ଅଭିଭାବକଙ୍କ ଖର୍ଚ୍ଚ କରିବାର କ୍ଷମତା ଦେଖିଥାନ୍ତି, ପିଲାମାନଙ୍କର ରୁଚି ଅଥବା ଯୋଗ୍ୟତାକୁ ଦେଖିନଥାନ୍ତି। ଯେଉଁ ପିଲାମାନେ ପ୍ରତିଯୋଗିତାରେ ଭାଗ ନେଇଥାନ୍ତି ସେମାନଙ୍କୁ ଜୀବନରେ ହାର ର ସାମନା କରିବାକୁ ପଡିଥାଏ।

ଶିକ୍ଷା ଏକଥା ଶିଖାଇ ନଥାଏ ଯେ ଜୀବନ କୌଣସି ଏକ ପ୍ରତିଯୋଗିତାରେ ସିମୀତ କିମ୍ବା ପ୍ରତିଷ୍ପର୍ଦ୍ଧାର ଅନ୍ୟନାମ ହେଉଛି ଜୀବନ ବରଂ ନିଜକୁ ଜିତିବା ହେଉଛି ଜୀବନ। ଦେଖାଯାଉଥିବା ସାମାଜିକ ସଙ୍କଟ ପାଇଁ ପରିବାର ମଧ ଅଧିକ ଭାବେ ଦାୟୀ। ଅନେକ ସମାଜ ବିଜ୍ଞାନୀମାନଙ୍କ ମତ ହେଉଛି ପରିବାରର ଅବଧାରଣାରେ ଏମିତି କିଛି ତତ୍ତ୍ୱ ରହିଛି ଯାହା ପରିବାରକୁ ସମାଜ ବିରୋଧୀ କରାଇ ଦେଇଥାଏ। ମହିଳମାନଙ୍କ ଶୋଷଣକୁ ବୈଧ କରିବା ଏବଂ ପରିବାରର ପରିବେଶ ବାହାରକୁ ମହିଳାମାନଙ୍କୁ ଯିବା ପାଇଁ ସୁଯୋଗ ନଦେବା ଭଳି ଅନେକ ଏମିତି ଘଟଣା ରହିଛି ଯାହା ପରିବାରକୁ ସମାଜ ବିରୋଧୀ କରିଦେଇଥାଏ। ବିଭିନ୍ନ ବିଜ୍ଞାପନ ଏବଂ ଗଣମାଧମରେ ମହିଳାମାନଙ୍କୁ ସୌନ୍ଦର୍ଯ୍ୟର ବସ୍ତୁ ଭାବରେ ପ୍ରସ୍ତୁତ କରିବା ଦ୍ୱାରା ବଜାରର ବିସ୍ତାର ହୋଇଥାଏ ଓ ମୁନାଫା ମଧ ମିଳିଥାଏ କିନ୍ତୁ ମହିଳା ଶସକ୍ତିକରଣ ହୋଇନଥାଏ। ବଜାରର ଚରିତ୍ର କଲ୍ୟାଣକାରୀ ନୁହେଁ ବରଂ ବ୍ୟକ୍ତିବାଦୀ। ଏଣୁ ଲାଭ ପାଇଁ ଆୟ କରିବା ବ୍ୟତୀତ ବଜାରର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ।

ବଜାରର ଶକ୍ତିମାନେ କେବଳ ଲାଭ ପାଇଁ କାମ କରିଥାନ୍ତି ଏଣୁ ଭଲ କିଛି ଆଶା କରାଯିବା ବୃଥା। କିନ୍ତୁ ଏକ ଗଣତାନ୍ତ୍ରିକ ଏବଂ କଲ୍ୟାଣକାରୀ ରାଷ୍ଟ୍ର, ପରିବାର ଏବଂ ଶିକ୍ଷକ ସମୁଦାୟ ଏସବୁ କଥାରୁ ଦୂରେଇ ରଖିବା ଫଳରେ ସମାଜରେ ଅନେକ ଅବ୍ୟବସ୍ଥିତ ପରିସ୍ଥିତି ସୃଷ୍ଟି ହେଉଛି। ବର୍ତ୍ତମାନର ଅବସ୍ଥାରୁ ଭବିଷ୍ୟତର କଳ୍ପନା କରାଯିବା ଉଚିତ୍। ଭବିଷ୍ୟତ କେତେ ଯେ ଭୟାବୟ ହେବ ସେକଥା କହିବାର ଆବଶ୍ୟକତା ନାହିଁ। ବଜାର ମଣିଷର ଆବଶ୍ୟକତାକୁ ପୂରଣ କରୁ କିନ୍ତୁ ଆବଶ୍ୟକତାକୁ ନିର୍ଦ୍ଦେଶିତ ଏବଂ ନିୟନ୍ତ୍ରଣ ନକରୁ। ବଜାର ଯଦି ଆବଶ୍ୟକତାକୁ ନିର୍ଦ୍ଦେଶିତ ଏବଂ ନିୟନ୍ତ୍ରଣ କରିବା ତେବେ ତାହା ସମାଜ ଓ ରାଷ୍ଟ୍ର ପାଇଁ ବିପଦ ସୃଷ୍ଟି କରିବ।


♥ରାମଚନ୍ଦ୍ରପୁର, ରଣପୁର,
ମୋ:-୯୪୩୮୪୮୫୦୯୪


## ତାତି ଅସମ୍ଭାଳ,ନା ' ଆମର ଅବିମୃଶ୍ୟକାରିତା ! ?



**ପ୍ରଦୋଷ କୁମାର ଦାସ**

ବରଷକ ବାର ମାସ ମଧରୁ ଛଅ ମାସରୁ ଉର୍ଦ୍ଧ୍ୱ କାଳ ରୌଦ୍ର ତାପ ଆମ ପ୍ରାଣୀ ଜଗତକୁ ସନ୍ତୁଳି ଚାଲିଛି। ପ୍ରତି ବର୍ଷ ବାରମାସର ଛଅ ଋତୁ ମଧରୁ ଗ୍ରୀଷ୍ମ ଋତୁର ନିଦାଘ ଖରା ଝାଂଜି ବାକି ୫ ଋତୁ ଯଥା ବର୍ଷା ,ଶରତ, ହେମନ୍ତ, ଶୀତ, ବସନ୍ତର ସ୍ୱଭାବିକ ଋତୁ କାଳୀନ ବିଶେଷତାକୁ ଗଭୀର ଭାବେ ପ୍ରଭାବିତ କରି ରଖିଛି। ଏବେ କିଛି ବର୍ଷ ହେଲା କେବଳ ଖରାର ଅସ୍ୱାଭିକତା ବର୍ଷକ ବାର ମାସ ଆମର ସସାଗର ଧରାର ସମଗ୍ର ପ୍ରାଣୀ ଜଗତକୁ ଯନ୍ତ୍ରଣାସିକ୍ତ କରି ରଖି ଆସୁଥିବା ସଭିଁଙ୍କୁ ଜଣା। ବର୍ଷା ଋତୁର ଅସ୍ୱାଭିକତା ତଥା ଅନୀୟମିତତାରୁ ଅସମୟ ଆଗମନ ସମେତ ଅକାଳରେ ପୂର୍ବାପେକ୍ଷା ବାତ୍ୟା ପ୍ରବଣତା ବର୍ତ୍ତମାନ ଆମ ଜୀବଜଗତର ସ୍ଥିତି ଓ ଅବସ୍ଥିତିକୁ କ୍ରମେ ବିପନ୍ନ କରିଚାଲିଛି। ପୂର୍ବାପେକ୍ଷା ଅସମୟ ଏକାଧିକ ବାତ୍ୟା ଓ ଝଡ, କାଳ ବୈଶାଖୀ ଆମ ମହୀମଣ୍ଡଳରେ ତାଣ୍ଡବ ରଚି ସାଧାରଣରେ ସନ୍ତ୍ରସ୍ତ କରି ରଖିଛି। ପାଣିପାଗ ତାର ସ୍ୱଭାବିକ ପ୍ରକ୍ରିୟା ଜାରି ପାଇଁ ଆମକୁ ଗଭୀର ଭାବେ ଅନୁଶୀଳନ କରିବାକୁ ଅପେକ୍ଷା ରଖୁଛି।

ଆମର ଅବିମୃଶ୍ୟକାରିତା ପାଇଁ ଆମ ପରିବେଶକୁ କ୍ଷୟ କରି ଚାଲିଛେ ବୋଲି ଭୂଲିବା ଉଚିତ୍ ନୁହେଁ। ବିଜ୍ଞାନ ଯୁଗର ପ୍ରଗତି ଯେତେ ଯେତେ ଆଗକୁ ଚାଲିଛି, ଆଧୁନିକ ମଣିଷ କ୍ରମେ ଯନ୍ତ୍ର ପାଲଟି ଯାଉଛି। ରକ୍ତ ମାଂସ ଶରୀର ବୁଦ୍ଧିଆ ମଣିଷ ଟିକିଏ ଚିନ୍ତା କଲେ ହୁଏତ ଅବକ୍ଷୟମୁଖୀ ଆମ ଚାରିପାଖ ପରିବେଶ ସୁଧୁରି ପାରନ୍ତା।

ଏବେ ଆମ ଦେଶର ବିଭିନ୍ନ ମେଟ୍ରୋ ନଗରୀ ତଥା ଶିଳ୍ପାଞ୍ଚଳର ସର୍ବନିମ୍ନ ଦୈନିକ ତାପମାତ୍ରା ୪୦ ଡିଗ୍ରିରୁ ଉର୍ଦ୍ଧ୍ୱମୁଖୀ। ସେହିଭଳି ଆମ ରାଜ୍ୟ ଓଡିଶାର ଅବସ୍ଥା ମଧ ସଂଗୀନ। ତାତିଲା ତାୱାରେ ଆମ ରାଜ୍ୟର ସମଗ୍ର ପଶ୍ଚିମ ଓଡିଶା ଏବେ ସାରା ଦିନ କଲବଲ ହେଉଛି। ସକାଳ ୯ରୁ ରୌଦ୍ର ତାପ ୪୦ ଡିଗ୍ରିରୁ ପାରଦ ଚଢୁଛି। ନିଆଁ ବର୍ଷାରେ ଜନ ସାଧାରଣ ଆଉଟୁପାଉଟୁ ହେଉଛନ୍ତି। ଅନେକ ସ୍ଥାନରେ ରେକର୍ଡ ୪୪ ଡିଗ୍ରି ତାପମାତ୍ରାକୁ ଅତିକ୍ରମି ଯିବାର ଆଶଙ୍କା ସତ ହେବା ଅସ୍ୱାବିକ ଆଉ ନୁହେଁ। ଖରା ଓ ଝାଂଜି ପ୍ରଭାବ ସମେତ ଗରମ ଗୁଳୁଗୁଳି ଅଂଶୁଘାତ ଆଶଙ୍କାକୁ ବଳବତ୍ତର କରିଦେଲାଣି। ଏପରି ମାରକ ଖରା ଲାଗି ରହିଲେ ଆଗକୁ ଜୀବନ ବଞ୍ଚିବା ମୁସ୍କିଲ ହୋଇଯିବ।

ତେବେ ସରକାର ଓ ସର୍ବସାଧାରଣ ସଚେତନ ହେଲେ ହୁଏତ ଖରାର ମାରକ ପ୍ରଭାବରୁ ନିସ୍ତାର ମିଳିପାରନ୍ତା।

ସବୁଠାରୁ ବଡ କଥା, ଆମେ କେବଳ ସୂର୍ଯ୍ୟଙ୍କ ଉତ୍ତାପ ବଢିବାକୁ ନେଇ ଚର୍ଚ୍ଚା କରୁଛେ। କ୍ରମେ ଦିନୁଦିନ ବିଗିଡି ଯାଉଥିବା ଆମ ବାୟୁମଣ୍ଡଳର ଅବସ୍ଥିତିକୁ ଆକଳନ କରିଛେକି ? ସବୁଜ ସୁନ୍ଦର ପୃଥିବୀ ରହିଲେ ସିନା ସସାଗର ଆମର ଧରିତ୍ରୀର ସୁରକ୍ଷା ହୋଇପାରିବ। ପ୍ରଦୂଷଣ ସୃଷ୍ଟି ପାଇଁ ଆମେ କିପ୍ରକାର କାରଣ ହେଉଛେ, ନିତି ପ୍ରତିଦିନ ଏଦିଗରେ କରିଚାଲିଥିବା ଅବିଚାରିତ ହେୟଜ୍ଞାନକୁ ସୁଧାରିବାକୁ ଆମେ କଣ ସତରେ ଯତ୍ନବାନ ରହିଛେକି ବୋଲି କେବେ ନିଜକୁ ପଚାରିଛେ ?

ବାୟୁ ମଣ୍ଡଳ ପ୍ରଦୂଷଣ ମୁକ୍ତ ନ ରହିଲେ ଆମ ପରିବେଶର ପାଣିପାଗ ଗଭୀର ଭାବେ ପ୍ରଭାବିତ ହେବ ।ସନ୍ତୁଳନ ବିଗିଡିଗଲେ ଏହି ସୁନ୍ଦର ପୃଥିବୀର ସମୟ ଉପନୀତ ଛଅ ଋତୁର ସମ୍ଭାରକୁ ଆମେ ହରାଇ ବସିବା।

ଆମ ପରିବେଶର ଉତ୍ତାପ ନିୟନ୍ତ୍ରଣ ପାଇଁ ଛୋଟ ଛୋଟ କଥାକୁ ନହେଜିଲେ ଆଗକୁ ନିସ୍ତାର ନାହିଁ। ଆମେ ଆମ ଚାରିପାଖ ପରିବେଶକୁ ସବୁଜ ସୁନ୍ଦର ତଥା ଥଣ୍ଡା ରଖିବାକୁ ହେଲେ ଆମ ପରିବେଶରେ ବ୍ୟାପକ ବୃକ୍ଷ ରୋପଣର ଆବଶ୍ୟକତା ରହିଛି। ଆମ ଚାରିପାଖ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାକୁ ହେଲେ ' ବୃକ୍ଷଟିଏ ଜୀବନଟିଏ ' ବୋଲି ଆମକୁ ବିଚାରିବାକୁ ହେବ। ପ୍ରତି ସ୍ଥାନରୁ ସ୍ଥାନାନ୍ତର ଅସ୍ୱାଭାବିକ କ୍ରମବର୍ଦ୍ଧିଷ୍ଣୁ ତାପନର ହ୍ରାସ ପାଇଁ ପ୍ରତି ଶିଳ୍ପାଞ୍ଚଳରୁ ନିର୍ଗତ ଅଂଗାରକାମ୍ଳ ତଥା ବର୍ଜ ବିଭିନ୍ନ ରାସାୟନିକ ବାଷ୍ପକୁ ଯାନ୍ତ୍ରିକ ଉପାୟରେ ଛାଣି ବାୟୁ ମଣ୍ଡଳକୁ ପ୍ରଦୂଷଣ ମୁକ୍ତ ରଖିବାକୁ ହେବ। ଏଥିରେ ଉଭୟ ସରକାର ସର୍ବସାଧାରଣ ଯତପରୋନାସ୍ତି ଆବଶ୍ୟକ ସଚେତନ ହୋଇ କାର୍ଯ୍ୟରେ କରି ଦେଖାଇବାକୁ ପଡିବ। ଏ କ୍ଷେତ୍ରରେ ବ୍ୟାପକ ଜନ ଜାଗରଣ ସୃଷ୍ଟି କରିବାକୁ ହେବ। ସ୍ଥାନ କାଳପାତ୍ରରୁ ଉର୍ଦ୍ଧ୍ୱରେ ରହି ବିନା କାହାର ପ୍ରଭାବରେ ପ୍ରଭାବିତ ହୋଇ ଅବିଳମ୍ବେ ସରକାରଙ୍କ ପକ୍ଷରୁ ଏଦିଗରେ ଦୃଢ ନିୟମାବଳୀ ପ୍ରସ୍ତୁତ କରି ଅବହେଳାକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ। ଆମ ପରିବେଶର ସୁରକ୍ଷା ତଥା ଅଯଥା ପ୍ରଦୂଷଣ ଓ ତାପ ପ୍ରଶମନ ପାଇଁ ସମସ୍ତେ ସଜାଗ ହେବାକୁ ପଡିବ। ସଭିଁଙ୍କର ସୁରକ୍ଷାକୁ ଧେୟ କରି ଆବଶ୍ୟକ ନୀତି ନିୟମର ଅନୁପାଳନ କରିବାର ଆବଶ୍ୟକତା ମଧ ରହିଛି। ଯାନବାହାନର ଚଳାଚଳରୁ ନିର୍ଗତ ଧୂଆଁ ଆମ ପରିବେଶ ପ୍ରଦୂଷଣ ଓ ସନ୍ତାପିତ ଉତ୍ତାପ ବୃଦ୍ଧିର ଅନ୍ୟତମ କାରଣ ଅଟେ। ଏଣୁ ଏଥି ପ୍ରତି ଆମକୁ ସଂଯତ ହେବାକୁ ପଡିବ। ଆବଶ୍ୟକତା ନଥିଲେ ଅଯଥା ଯାନବାହାନ ଚଳାଚଳକୁ ରୋକିବାକୁ ହେବ। ଏଦିଗରେ ନିଜ ଆଡୁ ସର୍ବନିମ୍ନ ପଦକ୍ଷେପ ସ୍ୱରୂପ ନିଜର ଅନାବଶ୍ୟକ ଓ ଅଯଥା ଗାଡି ଚଳାଚଳକୁ ଏଡେଇବାକୁ ହେବ ।ଏଣୁ ପାରୁପର୍ଯ୍ୟନ୍ତ ସାଇକେଲ କିମ୍ବା ଅଳ୍ପବାଟ ଅତିକ୍ରମିବାକୁ ଥିଲେ ନିଜେ ଅନ୍ୟପାଇଁ ପ୍ରେରଣା ସାଜି ପ୍ରଥମେ ଆଗେଇ ଆସି ଅଳ୍ପ ବାଟ ଦୂରତା ଅତିକ୍ରମ କରିବାକୁ ଥିଲେ ନିଜର ପାଦ ଚଲାକୁ ସାଦରେ ଆଦରିବାକୁ ହେବ। ଫଳରେ ନିଜର ଶରୀର ସୁସ୍ଥ ରହିବା ସହ ଆମେ ଆମ ପରିବେଶକୁ ଅଯଥା ଉତ୍ତାପ ଓ ପ୍ରଦୂଷଣରୁ ରକ୍ଷା କରି ପାରିବା। ପରିବେଶ ସଫା ନାମରେ ଅଳିଆ ପୋଡା ଏବେ ସବୁଠି ଦେଖିବାକୁ ମିଳେ। ଅନେକ ସ୍ଥାନରେ ଡଂମ୍ପିଙ୍ଗ୍ ୟାର୍ଡରେ ନିଆଁ ଲଗାଇଦେଇ ଅଳିଆ ସଫା ନାମରେ କାମ ଖଲାସ କରି ଦେଇଥାନ୍ତି ।ଏହା ସାରା ଦିନ କୁହୁଳି କୁହୁଳି ସମଗ୍ର ବାୟୁମଣ୍ଡଳକୁ ଏହା ଉତ୍ତାପିତ ଓ ପ୍ରଦୂଷିତ କରିଥାଏ। ସେହିଭଳି ପ୍ରତିବର୍ଷ ଫସଲ କଟା ପରେ ବିଲରେ ଚାଷୀ ବର୍ଜ୍ୟ ପାଳକୁଟାରେ ନିଆଁ ନଲଗାଇ ଦେଇଥାଏ। ଏପରି ନକରି ବରଂ ଚାଷୀ ଏହାକୁ ସେହି ଜମିରେ ଖେଳାଇ ବୁଲା ଗାଇ ଗୋରୁମହିଷାଣୀଙ୍କ ଖାଦ୍ୟ ପାଇଁ ଛାଡି ଦେଲେ ଏହା ସେମାନଙ୍କଠାରୁ ଗୋବର ମିଳିବାରେ ପରୋକ୍ଷରେ ସହାୟକ ହୋଇ ଜମିକୁ ମଧ ଖତ ମିଳିପାରନ୍ତା। ଦୋକାନ ବଜାରରେ ନିତି ପ୍ଲାଷ୍ଟିକ ଓ ପଲିଥିନ ଅଳିଆ ବାହାରିଥାଏ। ଏହାକୁ ଦୋକାନୀଟି ଅଳିଆ ସଫା ନାମରେ ନିଆଁ ଲଗାଇ ପୋଡି ଦେଇଥାଏ। ଏଥିରୁ ନିର୍ଗତ ବିଷାକ୍ତ ରାସାୟନିକ ଧୂଆଁ ଆମ ବାୟୁମଣ୍ଡଳକୁ ପ୍ରଦୂଷିତ କରିବାରେ କାରଣ ହେବା ସହ ସାଧାରଣରେ ଗରମ ଗୁଳୁଗୁଳିର କାରଣ ହୋଇଥାଏ। ଜନସାଧାରଣ ବସତି ଅଂଚଳରେ ବେଆଇନ ଇଟା ଭାଟିରେ ଇଟା ପୋଡି ସ୍ଥାନୀୟ ଅଂଚଳରେ ଅଯଥା ଉତ୍ତାପ ବୃଦ୍ଧି ତଥା ପ୍ରଦୂଷଣର କାରଣ ହୋଇଥାଏ। ଜଙ୍ଗଲରେ ଅପରିଣାମଦର୍ଶୀମାନେ ନିଆଁ ଲଗାଇ ଦେଉଥିବାବେଳେ ଆମେ ଅଯଥା ଝାମେଲା ଆଶଙ୍କା କରି ନିରବଦ୍ରଷ୍ଟା ସାଜିଥାନ୍ତି। ହେଲେ ଏହି ଜଂଗଲ ନିଆଁ ଆମ ସମଗ୍ର ପରିବେଶରେ ଅଯଥା ଉତ୍ତାପ ବୃଦ୍ଧିର କାରଣ ହୋଇଥାଏ। ଏଥି ପ୍ରତି ସଜାଗ ଓ ସଚେତନ ରହି ଆମ ଅଂଚଳର ଜଂଗଲର ସୁରକ୍ଷା ପାଇଁ ପ୍ରତି ସ୍ତରରେ ଧାନ ନଦେଲେ ଜଂଗଲ ସଂପଦ ଉଜୁଡିଯିବ। ଜଂଗଲ ନିଆଁର ଆଁରେ ତାର ଉଭିଦ ଓ ପ୍ରାଣୀ ସଂପଦ ନଷ୍ଟ ହେବା ସହ ଆମ ପରିବେଶ ଉତ୍ତାପ ବୃଦ୍ଧିର ମୁଖ୍ୟ କାରଣ ହେବ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)






## ପରିବେଶ ଶିକ୍ଷା !

**ଯୁଧିଷ୍ଠିର କୁଅଁର**

ଇଏ କି ଖରା, ତାତୁଛି ଧରା।
ଝାଞ୍ଜି ପବନରେ ଦେହ ତାହିଯାଏ,
ତତଲା ବାଲିରେ ପାଦ ଜଳିଯାଏ,
ଘିମିରି ଫୁଟୁଛି ଦେହଟା ସାରା ।

ନଈ ଓ ନାଳ, ଶୂନ୍ୟ ତା କୋଳ,
ପଶୁ ପକ୍ଷୀ ଶୋଷେ ଡହଳ ବିକଳ,
ଝାଉଁଳି ଗଲେଣି ବୃକ୍ଷ ଲତା କୂଳ
ଖାଁ ଖାଁ ଲାଗେ ସୃଷ୍ଟିଟା ସାରା ।

ବତାସ ଝଡ, ଅଦିନ ମେଘ,
ବଦଳି ଗଲାଣି ବିଶ୍ୱ ପାଣିପାଗ,
ଲୁପ୍ତପ୍ରାୟ ପୃଥ୍ୱୀ ବହୁବିଧ ଜୀବ
ବିକାଶ ନାମରେ ବିନାଶ ଧାରା ।

ବିଶ୍ୱ ତାପନ, ହ୍ରାସ ଓଜନ,
ବିଷାକ୍ତ ରଶ୍ମିରେ ସୃଷ୍ଟି ଉତ୍ପୀଡନ,
ରୋଗ ଶୋକ ଭୟେ ସଭ୍ୟତା ଉଚ୍ଛନ୍ନ
ଜଳ ମଗ୍ନ ହେବ ଏ ସାରା ଧରା ।

ଆସିଛି ବେଳ, ସଂକଳ୍ପ ତୋଳ,
ସଂରକ୍ଷଣ କର ପ୍ରକୃତି ସମ୍ବଳ,
ପ୍ରଦୁଷଣ ମୁକ୍ତ ଯୋଜନା ସକଳ
ବିଷମୁକ୍ତ ବିଶ୍ୱ ଆମର ନାରା ।

ବୃକ୍ଷ ରୋପଣ, ବନୀ କରଣ,
ସବୁଜ ସୁନ୍ଦର ସ୍ୱାକ୍ଷର ସଂସ୍କାର,
ଜୀବେ ଦୟା ନୀତି ପ୍ରୀତି ଉପଚାର
ପରିବେଶ ଶିକ୍ଷା ଜରୁରୀ ପରା ।


♥ଡଗରପଡା, ବାଲେଶ୍ୱର
ମୋ: ୯୦୪୦୬୩୨୧୯୪


## ସାମ୍ନାରେ ଅଛି ତ ଶିଖର

**ସ୍ନିଗ୍ଧା ପଣ୍ଡା**



ସେ ବିଶ୍ୱାସ କରେ
ସହଜରେ, ସମସ୍ତଙ୍କୁ
ଅନ୍ୟମାନେ ଅବିଶ୍ୱାସ କରନ୍ତି
ତା' କଥା, କାମ, ପୂରାପୂରି ତାକୁ ହିଁ
ସହଜରେ ସେ ମାନିନିଏ
ନିଜକୁ ବୁଝେଇ ଦିଏ
ଏ ସବୁ ଭାଗ୍ୟ ବି, ଭବିତବ୍ୟ ବି
ଯେଉଁଠି ସେ ମାୟା,
ଛଳନାର ଚିତ୍ର ବୋଲି
ପ୍ରମାଣ କରି ପାରିଲେ
ଖୁସି ହୁଅନ୍ତି ସମସ୍ତେ
ସାମ୍ରାଜ୍ୟ ଜିତିଲା ପରି
ସେଇଠି ଆଉ କଣ ବାକିଥାଏ ଯେ
ସେ ସମ୍ପର୍କ ଆରମ୍ଭିବ ନୂଆ କରି ।

ସପ୍ତପଦୀ ମନ୍ତ୍ରରେ
ସାତ କୋଟି ପାଦରୁ ବି ବେଶି
ଏକାଠି ଚାଲିଲା ପରେ
ସାତ ଜନ୍ମ କଥା ଥାଉ
ଲେଉଟାଣି ପାଦ ପଡ଼େ
ଫୁଟ ଦିଆ, କମ କରା ଶବ୍ଦମାନଙ୍କରେ
ଝରୁ ଥାଏ ରକ୍ତ
ଲାଲ୍ ହୁଏ ହଳଦିଆ ପାଦଚିହ୍ନ ଯାକ
ଯେଉଁଠି ତାକୁ ଭାଙ୍ଗିବା ଓ ଫିଙ୍ଗିବାର
ମୋହରେ ଆଚ୍ଛନ୍ନ ସାରା ସୂର୍ଯ୍ୟୋଦୟ
ସେଇଠି କୋଉ ଆଲୋକରେ
ସଜାଡିବ ସେ ନିଜର ସମୟ ।

ପଡୁଥିବ, ଉଠୁଥିବ କେତେ ଥର
ଏବେ ଅଭିଯୋଗ ନାହିଁ, ଅନୁନୟ ନାହିଁ
କେହି କିଛି କହିଦେଲେ
ତଳକୁ ଖସିବାର ନାହିଁ
କାହା ହାତ ଧରିବାର ନାହିଁ
ଥରେ ଖାଲି ଭାବିବାର ଅଛି
ସମ୍ପର୍କ ଓ ସମୟର ନ ଥିବା ବେଳରେ
ତଥାପି ସେ ତିଆରି କରିପାରେ ସ୍ୱର
ନିଜକୁ ଭଲ ପାଇବାର
ନିଜ ପାଦ, ନିଜ ରାସ୍ତା
ଅଙ୍କାବଙ୍କା ହେଲେ ହେଉ
ସାମ୍ନାରେ ଅଛି ତ ଶିଖର ।


♥ଗଣ୍ଡମୁଣ୍ଡା, ଭୁବନେଶ୍ୱର
ମୋ: ୯୮୬୧୩୨୩୬୫୦


## ଶ୍ୱଶୁରଙ୍କ ଚିଠି

**ରଙ୍ଗଲତା ବେହେରା**

ଶ୍ୱଶୁର ଲେଖନ୍ତି ଚିଠିଟି ଶୁଣ ବୋହୂ ମୋହର,
ନାତୁଣୀକୁ ଧରି ଆସିବ ଏହିଥର ରଜର ।

ଆମ ଗାଁ କଥା କହୁଛି ଆଗୋ ବୋହୂମା ଶୁଣ,
କାଦଟିକେ ନାହିଁ ପ୍ରଧାନମନ୍ତ୍ରୀ ପକ୍‌କା ରାସ୍ତାଟି ଜାଣ ।

ଆମ ମାଟିଘର ହୋଇଛି ଏବେ ପକ୍‌କାର ଘର,
ଛୋଟ ହେଲେ ହେଉ ମିଳିଛି ବିଜୁ ପକ୍‌କା ଘର ।

ଗାଁକୁ ଆସିଛି ଲାଇନି ଚାରିଆଡ଼େ ଆଲୁଅ,
ବିପିଏଲ୍ ବଲ୍ ମିଳିଛି ଦିଶୁଛି ଝଲମଲ ।

ଆହୁରି ସୁବିଧା କହୁଛି ଶୁଣ ବୋହୂ ମୋହର,
ଘରେ ପାଇଖାନା ବସିଛି ଏ ସ୍ୱଚ୍ଛ ଭାରତର ।

ସଜଳା ପାଇପି ଲାଗିଛି ଘର ଘରକା ପାଣି,
ଗାଁର କୂଅରେ ବୋହୂମା ଆଉ ଲାଇନ୍ ଦେବନି ।

ଜାଣ ବୋହୂ ତୁମ ଶାଶୁମା ଆଉ ରାନ୍ଧୁନି ଭାତ,
ପାଞ୍ଚଟଙ୍କା ମିଲ୍ ଯୋଗାଉଅଛି ଆହାର କେନ୍ଦ୍ର ।

ଅନ୍ତର୍ଦ୍ଧ୍ୟ କାର୍ଡ ମିଳିଛି ଶୁଣ ବୋହୂ ମୋହର,
୩୫କିଲୋ ଚାଉଳ ମିଳୁଛି କିଲୋ ଏକ ଟଙ୍କାର ।

ବିକୁଛି କିଲୋକୁ କୋଡ଼ିଏ ହେଲା ଅଧିକ ଟଙ୍କା,
ମାଗଣା ମିଳୁଛି କମ୍ବଳ ଛତା ତା ସାଥେ ଜୋତା ।

ବିଜୁ ସ୍ୱାସ୍ଥ୍ୟ କାର୍ଡ ମିଳିଛି ଔଷଧ ମାଗଣାରେ,
ପେଟ କାଟି ଟଙ୍କା ରଖୁଛି ଧନଜନ ଯୋଜନାରେ ।

ଉଜ୍ଜଳା ଯୋଜନାରେ ମନ୍ତ୍ରୀ ଗ୍ୟାସ୍ ଚୂଲା ମିଳିଛି,
କରୁଣା କରିଲେ କାଳିଆ କେତେ ଟଙ୍କା ପାଇଛି ।

ପାଞ୍ଚଶହ ଟଙ୍କା ପାଉଛି ଏହା ମୋହର ଭତ୍ତା,
ସୁକନ୍ୟା ପାସ୍ ବହି ଖୋଲିବି ଏବେ ତାତୁଣୀ ଚିନ୍ତା ।

ଗାଁ ଲୋକ ଏବେ ରହିଲେ କେତେ ବିଦେଶେ ଯାଇ,
ଗାଁରେ ବୋହୂମା କାହାରି କରୋନା ଚିନ୍ତା ନାହିଁ ।

ଗଛଲତା ପୁରି ରହିଛି ମିଳେ ମୁକ୍ତ ପବନ,
ତୃତୀୟ ଲହରୀ ଓମିକ୍ରନ ଶୀଘ୍ର ନନେବ ପ୍ରାଣ ।


ସା/ପୋ- ସର୍ବଣାଘାଟୀ
ଭାୟା- ନୁଦଡିହା
ଜିଲ୍ଲା- ମୟୂରଭଞ୍ଜ
ମୋ: ୯୪୩୭୬୧୨୪୪୫








# ବଲିଉଡରେ ରାଜବଂଶୀ ଲଳନା

ବଲିଉଡ ଇଣ୍ଡଷ୍ଟ୍ରିରେ ସେଲିବ ଚାଇଲ୍ଡମାନଙ୍କ ଦବଦବା ଚାଲିଥିବାବେଳେ ବଲିଉଡରେ ନିଜ ପ୍ରକୃତ ବୁଦ୍ଧି ବିବେକ ବଳରେ ବହୁତ କମ ଲୋକ ନିଜର କ୍ୟାରିୟର ତିଆରି କରିପାରିଛନ୍ତି । ନିଜ ପାଖରେ ଧନ ସମ୍ପତ୍ତିର କୌଣସି ଅଭାବ ନଥିବା ସତ୍ତ୍ୱେ କିଛି ଅଭିନେତ୍ରୀ ଏମିତି ବି ଅଛନ୍ତି ଯେଉଁମାନେ ବଲିଉଡର ଆଲିଶାନ ଭୋଗ ବିଳାଶ ଆଶା ଅଭିମୁଖେ ପାନ କାଢ଼ିଛନ୍ତି ଓ ସଫଳ ମଧ୍ୟ ହୋଇଛନ୍ତି । ତେବେ ଆସନ୍ତୁ ଜାଣିବା ବଲିଉଡ ଇଣ୍ଡଷ୍ଟ୍ରିର ଏମିତି କିଛି ଜଣାଶୁଣା ରାଜବଂଶୀ ଅଭିନେତ୍ରୀଙ୍କ ବିଷୟରେ ଯେଉଁମାନେ ଫିଲ୍ମ ସହିତ କୌଣସି ନା କୌଣସି କ୍ଷେତ୍ରରେ ଯୋଡ଼ି ହୋଇ ରହିଛନ୍ତି ।



**ରିୟା ସେନ:**
ମଡେଲଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲା ରିୟା ସେନ ବଲିଉଡ ଇଣ୍ଡିଷ୍ଟ୍ରିରେ ନିଜର ଭାବଭଙ୍ଗି ଜରିଆରେ ଦର୍ଶକଙ୍କ ମନ କିଣିବାରେ ଜଣେ ସଫଳ ଅଭିନେତ୍ରୀ ରିୟା । ନିଜର ବୋଲ୍ଡ ଓ ସେକ୍ସି ଅନ୍ଦାଜେ ପାଇଁ ରିୟା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି । ରିୟାଙ୍କ ପିତା ଭରତ ବର୍ମା ତ୍ରୀପୁରା 'ଶାହି' ପରିବାରର ସଦସ୍ୟ ଅଟନ୍ତି । ସେହିପରି ରିୟାଙ୍କ ଜେଜେମା' ଇଲା ଦେବୀ ବିହାର ରାଜ ପରିବାରର ସଦସ୍ୟା ମଧ୍ୟ ଥିଲେ । ରିୟା ଏବେବି ବଲିଉଡରେ ସକ୍ରିୟ ଅଛନ୍ତି ।



**ଆଦିତି ରାଓ ହାଇଦ୍ରି:**
ଆସାମର ପୂର୍ବ ଗଭର୍ଣ୍ଣର ମହମ୍ମଦ ସାଲେହଙ୍କ ନାତୁଣୀ ବଲିଉଡ ସହ ଟଲିଉଡ ଜଗତରେ ନା' କରିବାରେ ସଫଳ ହୋଇଛନ୍ତି । ସେହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ଆଦିତି ରାଓ ହାଇଦ୍ରୀ, ଯେ ତେଲେଙ୍ଗାନାର 'ବାନପାର୍ଥି' ରାଜ ପରିବାରର । ଆମିର ଖାନଙ୍କ ପତ୍ନୀ କିରଣ ରାଓଙ୍କ ସମ୍ପର୍କୀୟ ଭଉଣୀ ହେଉଛନ୍ତି ଆଦିତି । ବିଗତ ଦିନ ଓ ଆସନ୍ତା ଦିନମାନଙ୍କରେ ବଲିଉଡରେ ଜଣେ ସଫଳ ନାୟିକା ବନିବାର ଆଶା ରଖିଛନ୍ତି ଆଦିତିଙ୍କ ଫ୍ୟାନ ଓ ନିଜେ ଆଦିତି ।



**ଭାଗ୍ୟଶ୍ରୀ:**
ଜନ୍ମ ତାଙ୍କର ମରାଠୀ ରାଜବଂଶରେ, ଆଉ ନା ତାଙ୍କର ଭାଗ୍ୟଶ୍ରୀ ରାଜେ ପଟ୍ଟବର୍ଦ୍ଧନ । 'ମେନେ ପ୍ୟାର କିୟା' ଫିଲ୍ମରୁ ନିଜର କ୍ୟାରିୟରର ଆରମ୍ଭ କରିଥିଲେ ଯେଉଁଥିରେ ଭାଗ୍ୟଶ୍ରୀଙ୍କ ସହ ଅଭିନୟ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଭାଗ୍ୟଶ୍ରୀଙ୍କ ପରିବାର ମହାରାଷ୍ଟ୍ରରେ ଉପସ୍ଥିତ ରହିଛନ୍ତି । ବିବାହ ପରେ ଭାଗ୍ୟଶ୍ରୀ ବଲିଉଡରେ ଖୁବ କମ ଫିଲ୍ମ କରିବା ପରେ ତାମିଲ ଓ ତେଲୁଗୁ ଫିଲ୍ମରେ କାମ କରିବାକୁ ଲାଗିଲେ, ଏପର୍ଯ୍ୟନ୍ତ ଭାଗ୍ୟଶ୍ରୀଙ୍କୁ କିଛି ଟିଭି ସିରିଏଲରେ ମଧ୍ୟ କାମ କରୁଥିବାର ଦେଖିବାକୁ ମିଳୁଛି ।



**କିରଣ ରାଓ:**
ମିଷ୍ଟର ପ୍ରଫେକ୍ସନିଷ୍ଟଙ୍କ ପତ୍ନୀ କିରଣ ରାଓ । ଫିଲ୍ମରେ ଅଭିନୟ କରନ୍ତି ନାହିଁ କିନ୍ତୁ ଫିଲ୍ମରେ ନିର୍ଦ୍ଦୋନା ଦେବା ସହ ଫିଲ୍ମ ପ୍ରଯୋଜନା କରନ୍ତି ଏହି ରାଜ ବଂଶୀୟ ମହିଳା ଜଣଙ୍କ । କିରଣ ରାଓ 'ବାନାପର୍ଥି'ର ରାଜ ବଂଶୀୟ ପରିବାରରୁ ଆସିଛନ୍ତି । ବର୍ତ୍ତମାନ ଏହି ରାଜ ପରିବାର ତେଲେଙ୍ଗାନାର ମେହେବୁବ ନଗରରେ ବାସ କରୁଛନ୍ତି । କିରଣ ଆମିର ଖାନଙ୍କ ଫିଲ୍ମ 'ଲଗାନ'ରେ ସହ ନିର୍ଦ୍ଦେଶକଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ଏହାପରେ କିରଣ ନିଜର ଫିଲ୍ମି କ୍ୟାରିୟରରେ ଆଗକୁ ବଢ଼ିଚାଲିଛନ୍ତି ।



**ସାଗରିକା ଘାଟଗେ:**
କୋହ୍ଲାପୁର ସାହୁ ମହାରାଜଙ୍କ ବଂଶଜ ହେଉଛନ୍ତି ସାଗରିକା ଘାଟଗେ । ସାଗରୀକା ବିଛିଟା ବଲିଉଡ୍ ଫିଲ୍ମରେ ଅଭିନୟ କରିଥିବାବେଳେ ତାଙ୍କ ଅଭିନୀତ ଫିଲ୍ମ 'ଚକଦେ ଇଣ୍ଡିଆ' ବିଶେଷଭାବେ ଗ୍ରହଣୀୟ ହୋଇଥିଲା । ତେବେ ନିକଟରେ ସାଗରୀକା ଭାରତୀୟ କ୍ରିକେଟର ଜାହିର ଖାନଙ୍କୁ ବିବାହ କରିଛନ୍ତି ।



**ଐଶ୍ୱର୍ଯ୍ୟା ରାୟ ବଚ୍ଚନ:**
ବିଦେଶରେ ସବୁଠୁ ଅଧିକ ଚର୍ଚ୍ଚିତ ଭାରତୀୟ ଅଭିନେତ୍ରୀଙ୍କ ମଧ୍ୟରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଅନ୍ୟତମ । ସେଥିପାଇଁ ଐଶ୍‌ଙ୍କୁ ଅନେକ ଆର୍ନ୍ତଜାତିକ ଫିଲ୍ମରେ କାମ କରିବା ପାଇଁ ସୁଯୋଗ ମିଳିଛି । ବଲିଉଡକୁ 'ଦେବଦାସ', 'ହମ ଦିଲ ଦେ ଚୁକେ ସନମ୍', 'ରୋବଟ୍', ଆଜି ହିଟ୍ ଫିଲ୍ମ ଦେଇଥିବା ଐଶ୍ ତ ପାଖାପାଖି ପାଞ୍ଚୋଟି ହଲିଉଡ୍ ଫିଲ୍ମରେ କାମ କରିଛନ୍ତି ।
ଐଶ୍ ଅଭିନୀତ ପିଙ୍କ୍ ପାନ୍ଥର-୨' ଡ୍ରାକସ କ୍ଲାଉଦିଭ ନାମକ ଜଣେ ଇନ୍ସିପେକ୍ଟରଙ୍କ ଉପରେ ଆଧାରିତ । ଡ୍ରାକସ 'ଟର୍ଣ୍ଣାଡୋ' ନାମକ ଜରେ ସ୍ମାର୍ଟ ଚୋରକୁ ଧରିବା ପାଇଁ ଆନ୍ତର୍ଜାତିକ ଡିଟେକ୍ଟିଭମାନଙ୍କର ସାହାଯ୍ୟ ଲୋଡ଼ିଥାନ୍ତି । ଏଥିରେ ଐଶ୍ ମଧ୍ୟ ଜରେ ଡିକ୍ଟେଟିଭ୍ ଭୂମିକାରେ ଅଭିନୟ କରିଥିଲେ । ହଲିଉଡ୍ ଫିଲ୍ମ 'ଦ ଲାଷ୍ଟ ଲିଜିଅନ୍' (୨୦୦୭) ଏକ ଇଟାଲୀୟ ଉପନ୍ୟାସ ଉପରେ ଆଧାରିତ । ଏଥିରେ ଐଶ୍ ମୀରା ନାମ୍ନୀ ଜଣେ ଯୋଦ୍ଧା ଭାବେ ଅଭିନୟ କରିଥିଲେ । ବିଦେଶରେ ଯାଇ ସ୍ୱାମୀ ଅତ୍ୟାଚାର ଶିକାର ହୋଇଥିବା ପଞ୍ଜାବୀ ମହିଳା ଉପରେ ଏହି ଫିଲ୍ମ ଆଧାରିତ । ହଲିଉଡ ଫିଲ୍ମ 'ମିଷ୍ଟ୍ରେସ ଅଫ୍ ସ୍ପାଇସେସ୍' ରେ ଐଶ୍ ଜଣେ ମସଲା ଦୋକାନୀ ଭାବେ ଅଭିନୟ କରିଥିଲେ । ଐଶ୍ ଦୋକାନକୁ ଜରେ ଆମେରିକୀୟ ଆସିବା ପରେ ସେ କିପରି ତାଙ୍କ ପ୍ରେମରେ ପଡ଼ୁଛନ୍ତି ତାଙ୍କ ଜୀବନରେ କିପରି ପରିବର୍ତ୍ତନ ଆସୁଛି ତାରି ଉପରେ ଏହି ଫିଲ୍ମ ତିଆରି କରାଯାଇଛି । ଇଂରାଜୀ ଫିଲ୍ମ 'ବ୍ରାଇଡ୍ ଆଣ୍ଡ ପିଜ୍ୟୁଡିସ୍' ଏକ ରୋମାଣ୍ଟିକ୍ ମ୍ୟୁଜିକାଲ ଫିଲ୍ମ' । ଏହା ଫେବୃଆରୀ ୧୧, ୨୦୦୫ରେ ମୁକ୍ତିଲାଭ କରିଥିଲା ଗୁରିନ୍ଦର ଚଢ଼ାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଜାନେ ଅଷ୍ଟେନଙ୍କ ଉପନ୍ୟାସ 'ପ୍ରାଇଡ ଆର୍ଡ ପ୍ରିଜୁ୍ୟଡିସ୍' ଉପରେ ଆଧାରିତ । ଏଥିରେ ଐଶ୍ ଲଳିତା ବକ୍ସି ନାମକ ଭାରତୀୟ ଯୁବତୀ ଭୂମିକାରେ ହୋଟେଲ ବିଜିନେସ ମ୍ୟାନ ୱିଲ ଡାର୍ସିଲ ପ୍ରେମରେ ପଡ଼ିଥିଲେ ।
ସଞ୍ଜୟ ଲୀଳା ବନସାଲିଙ୍କ 'ଦେବଦାସ' ଫିଲ୍ମରେ ଅଭିନୟ ପରେ କାନ୍ସ ଫିଲ୍ମ ଫେଷ୍ଟିଭାଲର ଜୁରୀ ଭାବେ ଐଶ୍‌କୁ ମନୋନୀତ କରାଯାଇଥିଲା ।



**ପ୍ରିୟଙ୍କା ଚୋପ୍ରା**
ନିକ୍ ଜୋନ୍ସଙ୍କୁ ବାହାହୋଇ ସମ୍ପୂର୍ଣ୍ଣ ବିଦେଶିନୀ ପାଲଟି ଯାଇଥିବା ପ୍ରିୟଙ୍କା ଚୋପ୍ରା ପ୍ରଥମେ କ୍ୱାଣ୍ଟିକୋ ଭଳି ଆମେରିକୀୟ ଆକ୍ସନ ଟିଭି ଶୋ'ରେ ଅଭିନୟ କରିବା ପରେ ବେୱାଚ ଭଳି ହଲିଉଡର ବଡ଼ ଫିଲ୍ମରେ ଏଣ୍ଟ୍ରି କଲେ । ବଲିଉଡରେ ସେ ଯେମିତି ସଫଳତା ପାଇଥିଲେ, ହଲିଉଡ ଫିଲ୍ମରେ ସାମିଲ ହୋଇ ବିଦେଶରେ ସେହିଭଳି ସୁନାମ ଅର୍ଜନ କଲେ । ୨୦୧୫ ରେ ପ୍ରିୟଙ୍କା ତାଙ୍କ ହଲିଉଡ ଅଭିଯାନ ଆରମ୍ଭ କରିଥିଲେ । ଆମେରିକୀୟ ଟିଭି ସିରିଜ କ୍ୱାଣ୍ଟିକୋରେ ଲିଡ୍ ରୋଲ୍ ପାଇବାରେ ସେ ହେଲେ ପ୍ରଥମ ଦିଣ ଏସିୟା ଆକ୍ଟର । ଇନ୍ ନଟ୍ ଇଟ୍ ରୋମାଣ୍ଟିକରେ ସେ ଲିଏମ ହେମ୍ସ ୱର୍ଥ, ରିବେଲ ୱିଲିସନ ଓ ଆଡମ୍ ଡିଭାଇନଙ୍କ ସହ ଅଭିନୟ କରିଛନ୍ତି

# ଖୁବ ଶୀଘ୍ର ବଲିଉଡରେ ଡେବ୍ୟୁ କରିବେ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ ସାରା



ବଲିଉଡର କେଉଁ ଷ୍ଟାର କିଡ୍ ଏବେ ଡେବ୍ୟୁ କରିବେ, ତା' ଉପରେ ଏବେ ସମସ୍ତଙ୍କ ନଜର। ଶାହାରୁଖଙ୍କ ଝିଅଠାରୁ ଆରମ୍ଭ କରି ବିଗ୍ ବି ଅଭିତାଭ ବଚ୍ଚନଙ୍କ ନାତି ଖୁବ ଶୀଘ୍ର ବଲିଉଡରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଏବେ ଆଉ ଏକ ନାଁକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବର୍ତ୍ତମାନ ଭାରତୀୟ କ୍ରିକେଟର ଭଗବାନ ବୋଲି କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ବଲିଉଡରେ ପ୍ରବେଶ କରିବାକୁ ପ୍ରସ୍ତୁତ ବୋଲି ଚର୍ଚ୍ଚା ଜୋର ଧରିଛି। ସାରା ସବୁବେଳେ ସୋସିଆଲ ମିଡିଆରେ ସେୟାର କରିଥିବା ନିଜ ଫଟୋକୁ ନେଇ ଚର୍ଚ୍ଚାରେ ଥାନ୍ତି। ଫିଲ୍ମ କରିବା ପୂର୍ବରୁ ହିଁ ସାରାଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଛନ୍ତି।
ତେବେ ସେ କେଉଁ ଫିଲ୍ମରୁ ଡେବ୍ୟୁ କରିବେ ତାହା ଜଣାପଡ଼ିନଥିଲେ ବି ସାରା ଏବେ ଅଭିନୟ କରିବା ପାଇଁ ପ୍ରଶିକ୍ଷଣ ନେଉଥିବା କୁହାଯାଉଛି। ସାରା ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ ଶେଷ କରିଥିଲେ ବି ସେ ଗ୍ଲାମର ଦୁନିଆରେ ନିଜ କ୍ୟାରିୟର କରିବାକୁ ଚାହୁଁଛନ୍ତି। ଏନେଇ ସେ ନିଜକୁ ସବୁ ଦିଗରୁ ପ୍ରସ୍ତୁତ କରୁଛନ୍ତି।
ତେବେ କିଛି ଦିନ ତଳେ ଚର୍ଚ୍ଚା ହୋଇଥିଲା ଯେ, ସାରା ଶାହିଦ କପୁରଙ୍କ ବିପକ୍ଷରେ ନଜର ଆସିବେ। ତାଙ୍କ ସହ ହିଁ ସେ ବଲିଉଡରେ ଡେବ୍ୟୁ କରିପାରନ୍ତି ବୋଲି ଖବର ଆସିଥିଲା। ହେଲେ ତାଙ୍କ ଝିଅ ବର୍ତ୍ତମାନ ଅଧ୍ୟୟନ ଉପରେ ଧ୍ୟାନ ଦେଉଛନ୍ତି ବୋଲି କହି ସଚିନ ଏହି ରିପୋର୍ଟକୁ ଅସ୍ୱୀକାର କରିଥିଲେ। ଏବେ ପୁଣି ଥରେ ସାରା ବଲିଉଡରେ ଡେବ୍ୟୁ କରିବାର ଖବର ଚର୍ଚ୍ଚାରେ ରହିଛି। ତେବେ ସାରା ବଲିଉଡରେ ପ୍ରବେଶ କରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।

# 'ଭୁଲ ଭୁଲେୟାଁ-୨' ଟ୍ରେଲର ଦେଖି ଏପରି ପ୍ରତିକ୍ରିୟା ଦେଲେ ବିଦ୍ୟା ବାଲାନ

ଗତକାଲି କାର୍ତ୍ତିକ ଆର୍ଯ୍ୟାନ ଓ କିଆରା ଆଡଭାନୀଙ୍କ ହରର-କମେଡି ଚଳଚ୍ଚିତ୍ର 'ଭୁଲ ଭୁଲେୟାଁ-୨'ର ଟ୍ରେଲର ରିଲିଜ୍ ହୋଇଯାଇଛି। ତେବେ ଏହି ଟ୍ରେଲରକୁ ଦେଖିବା ପରେ ଏଥିରେ ପ୍ରତିକ୍ରିୟା ରଖିଛନ୍ତି 'ଭୁଲ ଭୁଲେୟାଁ'ର ମଞ୍ଜୁଲିକା ବିଦ୍ୟା ବାଲାନ। ପ୍ରଥମ 'ଭୁଲ ଭୁଲେୟାଁ'ରେ ବିଦ୍ୟା ମୁଖ୍ୟ ଭୂମିକାରେ ନଜର ଆସିଥିବା ବେଳେ ତାଙ୍କ ସହ ଥିଲେ ଅକ୍ଷୟ କୁମାର। ଇନ୍‌ଷ୍ଟାଗ୍ରାମରେ ଟ୍ରେଲର ସେୟାର ହେବା ପରେ ଏହାକୁ ବହୁ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ଏହି ଟ୍ରେଲରକୁ ସେୟାର କରି ବିଦ୍ୟା ଲେଖିଛନ୍ତି, 'ଭୂଷଣ କୁମାର ଓ ତାଙ୍କ ଟିମ୍‌କୁ ଶୁଭେଚ୍ଛା। ଟ୍ରେଲରଟି ଚିହ୍ନା ଲାଗୁଥିଲେ ବି ଏହା ଭିନ୍ନ। ଏହାକୁ ଆଉ ଥରେ ଅନୁଭବ କରିବାକୁ ଆଉ ଅପେକ୍ଷା କରି ହେଉନାହିଁ। ଏହି ପାରିବାରିକ ମନୋରଞ୍ଜନକୁ ଦେଖନ୍ତୁ। ଏହା ଚଳିତବର୍ଷ ମେ ୨୦ରେ ରିଲିଜ୍ ହେବାକୁ ଯାଉଛି। କିଛି ପ୍ରଶଂସକ ଟ୍ରେଲର ଦେଖି ଉତ୍ସୁକତା ପ୍ରକାଶ କରିଥିବା ବେଳେ ଆଉ କିଛି ଦର୍ଶକ ଅସଲି ମଞ୍ଜୁଲିକାଙ୍କୁ ଚଳଚ୍ଚିତ୍ରରେ ନଦେଖି ପାରିବାର ଦୁଃଖ ପ୍ରକାଶ କରିଛନ୍ତି। ଜଣେ ସୋସିଆଲ୍ ମିଡିଆ ବ୍ୟବହାରକାରୀ ବିଦ୍ୟାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, 'ଆପଣଙ୍କ ବିନା 'ଭୁଲ ଭୁଲେୟାଁ' ଅସଂପୂର୍ଣ୍ଣ'। ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି, 'ମୋ ପାଇଁ 'ଭୁଲ ଭୁଲେୟାଁ' ମାନେ ମଞ୍ଜୁଲିକା, ମଞ୍ଜୁଲିକା ମାନେ ବିଦ୍ୟା, ବିଦ୍ୟା ଯଦି ନାହାନ୍ତି ତ ମୋର 'ଭୁଲ ଭୁଲେୟାଁ' ଦେଖିବାକୁ ଯିବା ଦରକାର ନାହିଁ।'



# ଫିଲ୍ମ 'ବାଜିରାଓ ମସ୍ତାନୀ'ରେ ଦୀପିକାଙ୍କୁ ଦେଖି ଏଭଳି ଟ୍ୱିଟ କରିଥିଲେ ଏଲନ ମସ୍କ, ଦୀପିକା ବି ଦେଇଥିଲେ ପ୍ରତିକ୍ରିୟା

ନୂଆଦିଲ୍ଲୀ: ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ମାଇକ୍ରୋବ୍ଲଗିଂ ସାଇଟ୍ ଟ୍ୱିଟରର ନୂତନ ମାଲିକ ହେବା ପରେ ଏବେ ତାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ୪୪ ବିଲିୟନ ଡଲାରରେ ଟ୍ୱିଟର କିଣିବା ପରେ ଏବେ ଏଲନଙ୍କ କିଛି ପୁରୁଣା ଟ୍ୱିଟ ଭାଇରାଲ ହେବାରେ ଲାଗିଛି। ସେ କରିଥିବା ଟ୍ୱିଟ ମଧ୍ୟରେ କିଛି ଏଭଳି ଟ୍ୱିଟ ରହିଛି, ଯେଉଁଥିରେ ସେ ଦୀପିକାଙ୍କୁ ପ୍ରଶଂସା କରିଛନ୍ତି। କିଛି ନକହି ବି






ସେ ଇମୋଜି ମାଧ୍ୟମରେ ସବୁ କିଛି କହି ଦେଇଛନ୍ତି। ଡିସେମ୍ବର ୨୧, ୨୦୧୮ରେ ମସ୍କ କରିଥିବା ଏହି ଟ୍ୱିଟରେ ସେ 'ବାଜିରାଓ ମସ୍ତାନୀ' ଲେଖିବା ସହ ଦୁଇଟି ହଳଦିଆ ରଙ୍ଗର ହୃଦୟ ଇମୋଜି ଦେଇଛନ୍ତି। ଏହା ସହ ତଳେ ଏକ ୟୁଟ୍ୟୁବ ଲିଙ୍କ ଦିଆଯାଇଛି। ଲିଙ୍କକୁ ଖୋଲିବା ପରେ ଫିଲ୍ମରେ ଦୀପିକା ନାଚିଥିବା ଗୀତ 'ଦିୱାନୀ ମସ୍ତାନୀ'ର ଭିଡିଓ ଆସୁଛି। ତେବେ କିଛି ନକହି ମଧ ମସ୍କ ଇମୋଜି ଦେଇ ତାଙ୍କୁ ଏହି ଫିଲ୍ମ ଓ ଗୀତ କେତେ ଭଲ ଲାଗିଥିଲା ତାହା ଜଣାଇଛନ୍ତି। ତେବେ ମସ୍କଙ୍କ ଏଭଳି ଟ୍ୱିଟ ପରେ ଉଭୟ ରଣବୀର ସିଂହ ଓ ଦୀପିକା ପାଦୁକୋନ ନିଜର ପ୍ରତିକ୍ରିୟା ଦେଇଥିବା ଦେଖାଯାଇଛି। ରଣବୀର ମସ୍କଙ୍କ ଟ୍ୱିଟକୁ ଲାଇକ୍ କରିଥିବା ବେଳେ ଦୀପିକା ମସ୍କଙ୍କ ଟ୍ୱିଟକୁ ରି-ଟ୍ୱିଟ କରି ହାତ ଯୋଡ଼ି ଧନ୍ୟବାଦ ଜଣାଇଛନ୍ତି।

# ଆଦିବାସୀ ମେଳାରେ ଭୂମିଜ ଜନଜାତିଙ୍କ ଖଜୁରୀପତ୍ର କଳାକୃତିର ଚାହିଦା

ଭୁବନେଶ୍ୱର,୨୮/୦୪ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅପ୍ରେଲ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଆଜି ପଂଚମ ଦିବସରେ ପହଂଚିଛି । ଖରାର କୋପ ସତ୍ୱେ ଆଦିବାସୀ ମେଳାରେ ଲୋକଭିଡ଼ ଅପରାହ୍ନରୁ ଆରମ୍ଭ ହୋଇଯାଇଥିଲା । କିଣାବିକାର ମାହୋଲ ସହ ଜନଜାତି କଳାସାମଗ୍ରୀ ମେଳାରେ ଜନଜାତି କାରିଗରମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସୌଖୀନ ସାମଗ୍ରୀ ପ୍ରସ୍ତୁତି ପ୍ରଣାଳୀକୁ ଦର୍ଶକମାନେ ଖୁବ୍ ଉତ୍ସୁକତାର ସହ ପରଖୁଥିଲେ । କାରିଗରମାନଙ୍କ ସହ କଳାସାମଗ୍ରୀ ପ୍ରସ୍ତୁତି କୌଶଳ ଉପରେ ଆଲୋଚନା କରୁଥିଲେ । ସବୁଠାରୁ ଆକର୍ଷଣୀୟ ଥିଲା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅନ୍ତର୍ଗତ ଶାଳବଣୀରୁ ଆସିଥିବା ଭୂମିଜ ଜନଜାତିର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କଅଁଳ ଖଜୁରୀ ପତ୍ର ଓ ଶିଆଳି ପତ୍ରର ବିଭିନ୍ନ ସୌଖୀନ ସାମଗ୍ରୀ। ବିଭିନ୍ନ ସୌଖୀନ ସାମଗ୍ରୀ ପ୍ରସ୍ତୁତ ଉପରେ ଦର୍ଶକଙ୍କ ନଜର ଲାଗି ରହିଥିଲା । କଅଁଳ ଖଜୁରୀ ପତ୍ରକୁ ସୁନ୍ଦର ଭାବେ ସଜାଇ ଫୁଲଦାନୀ ପାଇଁ ଫୁଲ, ଫାସିଆ, ଝାଲର, କାନ୍ଥରେ ଝୁଲାଇବାର ଭିନ୍ନ ଭିନ୍ନ ଆକୃତିର ସୌଖୀନ ସାମଗ୍ରୀ ବେଶ ମନଲୋଭା ହୋଇଛି । ଶିଆଳି ପତ୍ରର ଟୋପି, ଖରାରୁ ରକ୍ଷା ପାଇବା ପାଇଁ ଏକ ପରିବେଶ ଉପଯୋଗୀ ଓ ସୌଖୀନ ହୋଇଥିବାରୁ ଏହା ପ୍ରତି ସମସ୍ତଙ୍କର ଆଗ୍ରହ ରହୁଥିଲା । ଏହି ସାମଗ୍ରୀଗୁଡ଼ିକ ବର୍ଷ ବର୍ଷ ଧରି ଅତୁଟ ରହୁଥିବାରୁ ଏବଂ ପରିବେଶ ଅନୁକୂଳ ହୋଇଥିବାରୁ ଏହାର ଚାହିଦା ବେଶ୍ ଭଲ ଥିବାର ଭୂମିଜ କାରିଗରମାନେ କହନ୍ତି।

ଆଜି ଅପରାହ୍ନରେ ମୁଖ୍ୟ ମଂଚରେ ବାଲିଗୁଡ଼ା ଅଂଚଳରୁ ଆସିଥିବା କନ୍ଧମାନଙ୍କ ପାରମ୍ପରିକ ନୃତ୍ୟ, କପ୍ତିପଦା ଅଂଚଳର ହୋ ଜନଜାତିମାନଙ୍କ ବା ପରବ ନୃତ୍ୟ, ପାନପୋଷ ସବ୍‌ଡିଭିଜନ୍ ରୁ ଆସିଥିବା ଓରାଓଁମାନଙ୍କ କରମା, ମୁଣ୍ଡା ଜନଜାତି ମାନଙ୍କ ବଡ଼କାରାମ, କପ୍ତିପଦା ଅଂଚଳର ସାନ୍ତାଳ ନୃତ୍ୟ ଏବଂ ପାନପୋଷ ଅଂଚଳର କିସାନମାନଙ୍କ ନୃତ୍ୟ ବିଚିତ୍ରା ଦର୍ଶକଙ୍କୁ ମନ୍ତ୍ରମୁଟ କରିଥିଲା । ମେଳାକୁ ଆସିଥିବା ଦର୍ଶକମାନେ କିଣାକିଣିର ଭରପୂର ଆନନ୍ଦ ନେଇଥିଲେ ।

# ଅଖାଦ୍ୟ ଖାଉଛି ଓଡ଼ିଶା : କାର୍ଯ୍ୟାନୁଷ୍ଠାନ ନେଲେନି, ଲୋକଙ୍କ ଜୀବନ ସହ ଖେଳ

ଭୁବନେଶ୍ୱର,୨୮/୦୪ (ନି.ପ୍ର): କେବଳ ସମ୍ବଲପୁର ଓ ଟିଟିଲାଗଡ଼ ଡିଭିଜନ ନୁହେଁ, ପୁରୀ ଓ ନୟାଗଡ଼ ଭଳି ଜିଲ୍ଲାରେ ମଧ୍ୟ ରାଇସ୍ ମିଲ୍‌ମାନେ ନିମ୍ନମାନର ଚାଉଳ ଯୋଗାଉଛନ୍ତି ବୋଲି ଏଫ୍‌ସିଆଇ ରିପୋର୍ଟରୁ ଜଣାପଡ଼ିଛି। ସଂପୃକ୍ତ କର୍ତ୍ତୃପକ୍ଷ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଖାଦ୍ୟ ଯୋଗାଣ ନିଗମକୁ ଚିଠି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରାଇସ୍ ମିଲ୍ ମାଲିକ ଓ ଦୁର୍ନୀତିଗ୍ରସ୍ତ ଯୋଗାଣ ଅଧିକାରୀଙ୍କ ପ୍ରତି ଯୋଗାଣ ନିଗମର ଏହି ଅନୁକମ୍ପା ପଛର କାରଣ ନେଇ ଚର୍ଚ୍ଚା ବଢ଼ିଲାଣି।

ଏପଟେ ପିଡିଏସ୍ ବିତରଣ ବ୍ୟବସ୍ଥା ଯାଞ୍ଚ କରିବାକୁ ଏଫ୍‌ସିଆଇ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଫ୍‌ସିଆଇକୁ ନିର୍ଦ୍ଦେଶ ଜାରି ହୋଇଛି। ଯେଉଁ ବ୍ୟକ୍ତି ବିତରଣ ବ୍ୟବସ୍ଥାରୁ ବାଦ୍ ପଡ଼ିଥିବେ, ସେମାନଙ୍କୁ କିଭଳି ଏହି ପ୍ରକ୍ରିୟାରେ ସାମିଲ କରାଯାଇ ପାରିବ, ଏଥିପାଇଁ ଏଫ୍‌ସିଆଇ କାର୍ଯ୍ୟ କରିବ। ଚାଉଳ ନେଇ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁଭଳି ମୁହାଁମୁହିଁ ହୋଇ ଅଛନ୍ତି, ଏଭଳି ସ୍ଥିତିରେ କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶ ଗୁରୁତ୍ୱପୂର୍ଣ୍ଣ ଅଟେ।

ସ୍ମରଣଥାଉକି, ସମ୍ବଲପୁର, ଟିଟିଲାଗଡ଼ ଡିଭିଜନ ଅନ୍ତର୍ଗତ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନୂଆପଡ଼ା, ଦେବଗଡ଼, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ କଳାହାଣ୍ଡି ଜିଲ୍ଲାର ୯୧ ପ୍ରତିଶତ ଚାଉଳ ନିମ୍ନମାନର। ଏପରିକି କିଛି ଚାଉଳ ଅଖାଦ୍ୟ ଥିବା ନେଇ କେନ୍ଦ୍ରୀୟ ଟିମ୍ ରିପୋର୍ଟ ଦେଇଛି। ଏହି ଅବସରରେ ସଂଗୃହୀତ ୧୧୨ ଚାଉଳ ନମୁନା ମଧ୍ୟରୁ ୩୯ଟି ନମୁନା ଖାଇବା ପାଇଁ ଅଯୋଗ୍ୟ, ୬୩ ନମୁନା ଖାଇବା ଯୋଗ୍ୟ ହେଲେ ମଧ୍ୟ ଏହା ନିମ୍ନମାନର ଅଟେ। ୧୫ ଦିନ ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ମିଲର କିମ୍ବା ଯୋଗାଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ରାଜ୍ୟ ଯୋଗାଣ ନିଗମ। ବରଂ ତଳିଆ କର୍ମଚାରୀଙ୍କୁ ଫସାଇ ଏହି ସାଂଘାତିକ କେଳେଙ୍କାରୀକୁ ଫାଇଲ ଭିତରେ ସମାଧି ଦେବା ଲାଗି ଷଡ଼ଯନ୍ତ୍ର ଚାଲିଛି।



ଏମିତି ସମୟରେ ଆଉ ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। କେବଳ ଏହି ୯ ଜିଲ୍ଲା ନୁହେଁ, କିଛି ମାସ ପୂର୍ବରୁ ଏଫ୍‌ସିଆଇ ସ୍କ୍ୱାଡ୍ ପୁରୀ ଜିଲ୍ଲା ନିମାପଡ଼ା, ନୟାଗଡ଼ ଓ ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ଚାଉଳ ଗୋଦାମ ଯାଞ୍ଚ କରିଥିଲା। ସେଠାରେ ବି ଚାଉଳ ନିମ୍ନମାନର ଥିବା ନେଇ ସଂପୃକ୍ତ ସଂସ୍ଥା ରିପୋର୍ଟ ଦେଇଛି। ତିନୋଟି ଜିଲ୍ଲାରେ ଥିବା ଗୋଦାମରୁ ଚାଉଳ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେହି ନମୁନା ରିପୋର୍ଟ ନିମ୍ନମାନର ଆସିଛି। ଏଥିଯୋଗୁଁ ଏଫ୍‌ସିଆଇ ସେହି ଚାଉଳ ବଦଳରେ ଅନ୍ୟ ଚାଉଳ ଦେବା ପାଇଁ ମିଲରଙ୍କୁ ନିର୍ଦ୍ଦେଶ ଦେବାକୁ ଯୋଗାଣ ନିଗମକୁ କହିଛି। ହେଲେ ଆଶ୍ଚର୍ଯ୍ୟଜନକ ଭାବରେ ତିନୋଟିଯାକ ଜିଲ୍ଲାର ନିମ୍ନମାନର ଚାଉଳ ସଂକ୍ରାନ୍ତରେ ଯୋଗାଣ ନିଗମ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନାହିଁ।

ଏଫ୍‌ସିଆଇ ଚାଉଳ ଯାଞ୍ଚ ରିପୋର୍ଟକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ ବୋଲି ନିୟମ ରହିଥିଲେ ମଧ୍ୟ ଯୋଗାଣ ନିଗମ ଏଫ୍‌ସିଆଇର ନୟାଗଡ଼ ଚାଉଳ ଯାଞ୍ଚ ରିପୋର୍ଟକୁ ଚ୍ୟାଲେଞ୍ଜ କରିଛି। ଅନ୍ୟଦିଗରେ ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ସ୍ଥିତ ଚାଉଳ ଗୋଦାମ ଯାଞ୍ଚ କରି ଏଫ୍‌ସିଆଇ ଗୋଦାମର ପରିଚ୍ଛନ୍ନତା ନେଇ ପ୍ରଶ୍ନ କରିଛି। ଗତବର୍ଷ ଯାଜପୁରରେ କେନ୍ଦ୍ରୀୟ ଟିମ୍ ଯାଞ୍ଚ ପରେ ଅଖାଦ୍ୟ ଚାଉଳ ଧରାପଡ଼ିଥିଲା। ଏଥିରେ ଗୋଦାମର କିଛି କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା। ମିଲର କିମ୍ବା ବଡ଼ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନଥିଲା।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭ କରୋନା ପଜିଟିଭ ଚିହ୍ନଟ : ଜଣେ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୮/୦୪ (ନି.ପ୍ର): ଗତକାଲି ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ମାତ୍ର ଜଣେ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୬ଟି ଜିଲ୍ଲାରୁ ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୪ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ, ଯାଜପୁର ଜିଲ୍ଲାରୁ ୨ଜଣ, କଳାହାଣ୍ଡିରୁ ୧ ଜଣ, କନ୍ଧମାଳ ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ ଓ ସମ୍ବଲପୁର ଜିଲ୍ଲାରୁ ୧ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।

ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୦୨୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୮, ୭୬୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୮୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ମାଗଣାରେ ବୁଷ୍ଟର ଡୋଜ ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ପାଖେ ଦାବି ରଖନ୍ତୁ

ଭୁବନେଶ୍ୱର,୨୮/୦୪ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧିକୁ ଆଖିଆଗରେ ରଖି ଏହାକୁ ରୋକିବା ଦିଗରେ କି ପଦକ୍ଷେପ ନିଆଯାଇପାରିବ ସେ ନେଇ ଆସନ୍ତା କାଲି ପ୍ରଧାନମନ୍ତ୍ରୀ ଦେଶର ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିବା ପାଇଁ ଯାଉଛନ୍ତି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ। ଆଲୋଚନାକାଳରେ ବୁଷ୍ଟର ଡ଼ୋଜ ଟୀକା ସମସ୍ତଙ୍କୁ ମାଗଣାରେ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପାଖରେ ଦାବି ରଖିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ପୂର୍ବରୁ ଦିଲ୍ଲୀ, ବିହାର ଓ ହରିୟାଣା ରାଜ୍ୟରେ ତାଙ୍କ ରାଜ୍ୟର ୧୮ରୁ ୫୯ ବର୍ଷ ବୟସ୍କ ସମସ୍ତଙ୍କୁ ମାଗଣା ବୁଷ୍ଟର ଡୋଜ ଦେବା ପାଇଁ ଘୋଷଣା କରିଛନ୍ତି। ସେ ଦିଗରେ ଓଡ଼ିଶା, ଆମ୍ଭମାନଙ୍କ ଅନୁରୋଧ ସତ୍ୱେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଘୋଷଣା କରିନାହାଁନ୍ତି। ତେଣୁ ଦେଶବାସୀଙ୍କର ବୃହତର ସ୍ୱାର୍ଥକୁ ଆଖି ଆଗରେ ରଖି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ୍ତା କାଲି ପ୍ରଧାନମନ୍ତ୍ରୀଙ୍କ ସହିତ ହେବାକୁ ଥିବା ବୈଠକରେ ସମସ୍ତଙ୍କୁ ବୁଷ୍ଟର ଡ଼ୋଜ ମାଗଣାରେ ଦେବା ପାଇଁ ଉପସ୍ଥାପିତ କରିବାକୁ ପାର୍ଟି ପକ୍ଷରୁ ଅନୁରୋଧ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି, ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ବୁଷ୍ଟର ଡ଼ୋଜ କାର୍ଯ୍ୟକ୍ରମ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷରେ ଏପର୍ଯ୍ୟନ୍ତ ଆଖିଦୃଶିଆ ସଫଳତା ହାସଲ କରିପାରି ନାହିଁ।

# ଏଆଇପିଏଚ୍ ବିଶ୍ୱବିଦ୍ୟାଳୟକୁ 'ଆଉଟ୍‌ଷ୍ଟାଣ୍ଡିଂ ୟୁନିଭର୍ସିଟି' ପୁରସ୍କାର

ଭୁବନେଶ୍ୱର,୨୮/୦୪ (ନି.ପ୍ର): ଜନସ୍ୱାସ୍ଥ୍ୟ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ରାଜ୍ୟର ପ୍ରଥମ ଉଚ୍ଚଶିକ୍ଷାନୁଷ୍ଠାନ ଭାବେ ପରିଚିତ ଏଆଇପିଏଚ୍ ବିଶ୍ୱବିଦ୍ୟାଳୟକୁ 'ଆଉଟ୍‌ଷ୍ଟାଣ୍ଡିଂ ୟୁନିଭର୍ସିଟି' ପୁରସ୍କାର ମିଳିଛି। ଶିକ୍ଷାକ୍ଷେତ୍ରରେ ସାମଗ୍ରିକ ଉତ୍କର୍ଷତା ପାଇଁ 'ୱାର୍ଲ୍ଡ ଏଜୁକେସନ କଂଗ୍ରେସ' ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ଦିନ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ୱାର୍ଲ୍ଡ ଏଜୁକେସନ କଂଗ୍ରେସ ପକ୍ଷରୁ 'ଓଡ଼ିଶା ଲିଡରସିପ୍ ଆୱାର୍ଡ ୨୦୨୨' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁଣାତ୍ମକ ମାନ, ନିଯୁକ୍ତି, ନେତୃତ୍ୱ, ଶିକ୍ଷା ଭିତ୍ତିଭୂମି, ଛାତ୍ରଛାତ୍ରୀଙ୍କ କ୍ୟାରିୟର ଗଠନ ଏବଂ ଭବିଷ୍ୟତ ପାଇଁ ମାର୍ଗଦର୍ଶନ ଆଦି ଶିକ୍ଷାକ୍ଷେତ୍ରରେ ବିଶେଷ ପ୍ରଦର୍ଶନ ପାଇଁ ଏଆଇପିଏଚ୍ ବିଶ୍ୱବିଦ୍ୟାଳୟକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶଙ୍କ ତରଫରୁ ଏଆଇପିଏଚ୍ ସ୍କୁଲ୍ ଅଫ୍ ପବ୍ଲିକ ହେଲ୍‌ଥ ବିଭାଗର ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଏହି ପୁରସ୍କାର ଗ୍ରହଣ କରିଥିଲେ।

ପୁରସ୍କାର ଗ୍ରହଣ ଅବସରରେ ଶ୍ରୀ ପଣ୍ଡା କହିଥିଲେ, ' ଆମ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ଉଚ୍ଚତର ଶିକ୍ଷା ସହ ଅନ୍ତର୍ଜାତୀୟ ସ୍ତରର ଅଭିଜ୍ଞତା ହାସଲ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ଥିବା ଅତ୍ୟାଧୁନିକ ତଥା ବିଏସ୍‌ଏଲ୍-୩ ଲାବୋରେଟୋରୀ ଦେଶରେ ସ୍ୱତନ୍ତ୍ର। ବିଶ୍ୱବିଦ୍ୟାଳୟରେ ଉନ୍ନତମାନର ଶିକ୍ଷାଦାନ ସହିତ ଗବେଷଣା ଲାଗି ସୁଯୋଗ, ଉନ୍ନତ ପାଠାଗାର ଭଳି ଭିତ୍ତିଭୂମି ରହିଛି। ଜନସ୍ୱାସ୍ଥ୍ୟ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ପ୍ରାୟ ଗୋଟିଏ ଦଶନ୍ଧି ଧରି ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ଯେଉଁଭଳି କାମ କରିଆସୁଛି, ଏହି ପୁରସ୍କାର ତାହାର ଏକ ସ୍ୱୀକୃତି।' ଏଥିପାଇଁ 'ୱାର୍ଲ୍ଡ ଏଜୁକେସନ କଂଗ୍ରେସ' ନିକଟରେ କୃତଜ୍ଞ ବୋଲି ଶ୍ରୀ ପଣ୍ଡା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ, 'ୱାର୍ଲ୍ଡ ସିଏସ୍ ?ଆର୍ ଡେ ଆଣ୍ଡ ୱାର୍ଲ୍ଡ ସଷ୍ଟେନବିଲିଟି'ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଡକ୍ଟର ଆର.ଏଲ୍. ଭାଟିଆ ଏବଂ ସ୍ୟାଣ୍ଡିଜ୍ ଟାୱାରର ନିର୍ଦ୍ଦେଶିକା ଅର୍ଚ୍ଚନା ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି ତଥା ସରକାରୀ ଓ ଘରୋଇ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ଗବେଷଣା ପାଇଁ ଏଆଇପିଏଚ୍ ଅନୁଷ୍ଠାନ ଦୀର୍ଘ ଦୁଇଦଶନ୍ଧି ଧରି ଦେଶବିଦେଶରେ କାମ କରିଆସୁଛି। ଓଡ଼ିଶା ବିଧାନସଭାରେ ପାରିତ ଆଇନ ବଳରେ ୨୦୧୮ ମସିହାରେ ଏହା ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟର ରୂପ ନେବାସହ ଅନୁଷ୍ଠାନ ନିଜର କାର୍ଯ୍ୟ ପରିସରକୁ ଅଧିକ ବ୍ୟାପକ କରିପାରିଛି। ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ବିଭିନ୍ନ ଜନସ୍ୱାସ୍ଥ୍ୟ ବିଷୟରେ ସ୍ନାତକ, ସ୍ନାତକୋତ୍ତର ଡିଗ୍ରୀ, ଡକ୍ଟରାଲ ଓ ପୋଷ୍ଟ ଡକ୍ଟରାଲ ଡିଗ୍ରୀ ପ୍ରଦାନ କରୁଛି। ବିଭିନ୍ନ ପାଠ୍ୟକ୍ରମ ମଧ୍ୟରେ ରହିଛି ପବ୍ଲିକ ହେଲ୍‌ଥ, ହେଲ୍‌ଥ କେୟାର ମ୍ୟାନେଜମେଣ୍ଟ, ଅକୁପେସନାଲ ଥେରାପି, ଫିଜିକାଲ ଏଜୁକେସନ, ମେଡିକାଲ ଲ୍ୟାବ୍ ମେଡିସିନ୍, ଓଷ୍ଟିଓପାଥି, ଡାଏଟେଟିକ୍ସ ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିସନ୍, କ୍ଲିନିକାଲ ସାଇକୋଲୋଜି, ଫିଜିଓଥେରାପି ଓ ମେଡିକାଲ ସୋସିଓଲୋଜି ଇତ୍ୟାଦି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ପ୍ରବାସୀ ଓଡ଼ିଆ ଡାକ୍ତର ପିନାକୀ ପାଣିଗ୍ରାହୀ ଏଆଇପିଏଚ୍‌ର ପ୍ରତିଷ୍ଠାତା ସଭାପତି ଅଛନ୍ତି। ଜନସ୍ୱାସ୍ଥ୍ୟ ଭଳି ଏକ ଆଧୁନିକ ଓ ବ୍ୟାବହାରିକ ବିଷୟରେ ଶିକ୍ଷା ଓ ଗବେଷଣା ପାଇଁ ଖ୍ୟାତିଲାଭ କରିଥିବା ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଭୁବନେଶ୍ୱର ନିକଟସ୍ଥ ଫୁଲନଖରାଠାରେ ଥିବା ଇଷ୍ଟ କ୍ୟାମ୍ପସ୍‌ରେ ଚାଲିଛି।




# ୨୨ ଏମ୍‌ସରେ ଅଛନ୍ତି ୭ ନିର୍ଦ୍ଦେଶକ : ଭୁବନେଶ୍ୱର ଏମ୍‌ସରେ ଔଷଧ ସଂକଟ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ଦେଶରେ ଶ୍ରେଷ୍ଠ ସରକାରୀ ହସ୍ପିଟାଲ କହିଲେ ସାଧାରଣତଃ ଏମ୍‌ସକୁ ବୁଝାଯାଏ। ଏମ୍‌ସ କେବଳ ରୋଗୀ ସେବା ପାଇଁ ଶ୍ରେଷ୍ଠ ନୁହେଁ; ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତର, ନର୍ସ ଭଳି ଦକ୍ଷ ମାନବସମ୍ବଳ ସୃଷ୍ଟି କରିବାରେ ବି ଏହି ସଂସ୍ଥାର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଦେଶରେ ଅଧିକ ସଂଖ୍ୟାରେ ଏମ୍‌ସ ନିର୍ମାଣ କରିବାକୁ ସରକାର ଯୋଜନା କଲେ। ଏବେ ଦେଶରେ ୨୨ଟି ଏମ୍‌ସ କାର୍ଯ୍ୟକ୍ଷମ। ମାତ୍ର ପରିତାପର କଥା ବହୁ ଏମ୍‌ସରେ ଏବେ ନିର୍ଦ୍ଦେଶକ ପଦ ଖାଲି ପଡ଼ିଛି। ୨୨ ନିର୍ଦ୍ଦେଶକ ସ୍ଥାନରେ ମାତ୍ର ୭ ଜଣ ନିର୍ଦ୍ଦେଶକ ଅଛନ୍ତି। ଜଣେ ଜଣେ ନିର୍ଦ୍ଦେଶକ ଏକାଧିକ ଏମ୍‌ସର ଦାୟିତ୍ୱରେ ଅଛନ୍ତି। ଏମିତି ଏକାଧିକ ଏମ୍‌ସ ଦାୟିତ୍ୱରେ ଥିବା ନିର୍ଦ୍ଦେଶକମାନେ କୌଣସି ଗୋଟିଏ ଏମ୍‌ସର ପରିଚାଳନା ଭଲରେ କରିପାରୁନଥିବା ଅଭିଯୋଗ ହେଉଛି। ଭୁବନେଶ୍ୱର ଏମ୍ ?ସ ଏହାର ବଡ଼ ଉଦାହରଣ। ଦିଲ୍ଲୀ ଏମ୍‌ସ ପରେ ଭୁବନେଶ୍ୱର ଦେଶର ଦ୍ୱିତୀୟ ଶ୍ରେଷ୍ଠ ଏମ୍‌ସର ମାନ୍ୟତା ପାଇଥିଲେ ସ୍ଥାୟୀ ନିର୍ଦ୍ଦେଶକ ନଥିବାରୁ ଏବେ ବହୁ ସମସ୍ୟା ଦେଇ ଗତିକରୁଛି। ଏମିତିକି ଏଠାରେ ଏବେ ଔଷଧ ସଂକଟ ରୋଗୀମାନଙ୍କ ପାଇଁ ବଡ଼ ସମସ୍ୟା ଠିଆ କରାଇଛି।

ଗତ ଡିସେମ୍ବର ୧୯ରେ ନିର୍ଦ୍ଦେଶକ ଗୀତାଞ୍ଜଳି ବି'ଙ୍କ କାର୍ଯ୍ୟକାଳ ସମାପ୍ତ ହେଲା। ପରେ ପରେ ଡିସେମ୍ବର ୨୦ ରୁ ଭୁବନେଶ୍ୱର, ଭୋପାଳ, ପାଟନା, ଋଷିକେଶ, ଗୌହାଟି, ଅବନ୍ତିପୁର ଏବଂ ଦରଭଙ୍ଗା ଏମ୍‌ସ ପାଇଁ ସ୍ଥାୟୀ ନିର୍ଦ୍ଦେଶକ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦେଶର ଅଭିଜ୍ଞ ତଥା ଯୋଗ୍ୟତାସମ୍ପନ୍ନ ୧୨୪ ପ୍ରଫେସର ଏହି ଦୌଡ଼ରେ ଥିଲେ। ଏମ୍‌ସ ଭଳି ସ୍ୱୟଂଶାସିତ ସଂସ୍ଥାର ନିର୍ଦ୍ଦେଶକ ପଦବି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ନିଯୁକ୍ତି ପ୍ରକ୍ରିୟା ଶୀଘ୍ର ସରିବ ବୋଲି ଆଶା କରାଯାଉଥିଲା। ମାତ୍ର ଆଜି ଯାଏ ତାହା ହୋଇପାରିଲାନାହିଁ। ବର୍ତ୍ତମାନ ମଙ୍ଗଳଗିରି ଏମ୍‌ସର ନିର୍ଦ୍ଦେଶକଙ୍କୁ ଭୁବନେଶ୍ୱର ଏମ୍ ?ସର ଦାୟିତ୍ୱ ଦିଆଯାଇଛି। ସେ ବିଭିନ୍ନ ସମୟରେ ଭୁବନେଶ୍ୱର ଏମ୍‌ସ ଆସୁଥିଲେ ମଧ୍ୟ ବହୁ ଜରୁରୀ କାର୍ଯ୍ୟକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି।

ଏହାର ପରିଣାମ ସ୍ୱରୂପ ଏବେ ଏଠାରେ ବ୍ୟାପକ ଔଷଧ ସଙ୍କଟ ଦେଖାଦେଉଛି। ଅଧିକାଂଶ ରୋଗୀଙ୍କୁ ରିହାତି ଦରରେ ଔଷଧ ମିଳିପାରୁନାହିଁ ବୋଲି ପ୍ରତିଦିନ ଅଭିଯୋଗ ହେଉଛି। ନିୟମାନୁସାରେ, ଭୁବନେଶ୍ୱର ଏମ୍‌ସ ପକ୍ଷରୁ ପ୍ରତି ମାସରେ ପ୍ରାୟ ୨ କୋଟି ଟଙ୍କାର ଔଷଧ କ୍ରୟ କରାଯାଇଥାଏ। ଏହାବାଦ୍ ଯେଉଁ ଜରୁରୀ ଔଷଧର ଆବଶ୍ୟକ ହୁଏ, ନିର୍ଦ୍ଦେଶକ ନିଜ କ୍ଷମତା ବଳରେ କ୍ରୟ ବ୍ୟବସ୍ଥା କରନ୍ତି। ମାତ୍ର ଏବେ ଅଧିକାଂଶ ସମୟରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଅନୁପସ୍ଥିତ ଥିବାରୁ ଏହା ହୋଇପାରୁନାହିଁ। ସେହିଭଳି ଆହୁରି ଅନେକ ସମସ୍ୟା ମଧ୍ୟ ଅସମାହିତ ହୋଇ ରହିଛି। ଗତ ଡିସେମ୍ବର ମାସରୁ ଏମସର ବର୍ଣ୍ଣ ସେଣ୍ଟର ଓ ଧର୍ମଶାଳା ନିର୍ମାଣ ସମାପ୍ତ ହୋଇସାରିଛି। କିନ୍ତୁ ସ୍ଥାୟୀ ନିର୍ଦ୍ଦେଶକ ନଥିବାରୁ ଏହି ଦୁଇ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବର୍ତ୍ତମାନ ସ୍ଥିତିରେ କୌଣସି ବ୍ୟକ୍ତି ୩୦ରୁ ୫୦ ପ୍ରତିଶତ ପୋଡ଼ି ଯାଇଥିଲେ ମଧ୍ୟ ତାଙ୍କୁ ଏଠାରେ ଚିକିତ୍ସା ସେବା ମିଳୁନାହିଁ। ତାଙ୍କୁ ଅନ୍ୟତ୍ର ରେଫର କରାଯାଉଛି। ବର୍ଣ୍ଣ ସେଣ୍ଟର କ'ଣ ପାଇଁ ଉଦ୍‌ଘାଟିତ ହୋଇପାରୁନାହିଁ, ତାହାର ଉତ୍ତର କାହା ପାଖରେ ନାହିଁ। ସେହିଭଳି ରୋଗୀ ଓ ସେମାନଙ୍କ ସହାୟକମାନଙ୍କ ରହଣି ପାଇଁ ଧର୍ମଶାଳା ନିର୍ମାଣ ସରିଥିବା ବେଳେ ଆସବାବପତ୍ର ମଧ୍ୟ କିଣାସରିଥିବା ଜଣାପଡ଼ିଛି। ମାତ୍ର ଉଦ୍‌ଘାଟନ କରାଯାଉନାହିଁ। ଫଳରେ ଶହଶହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ହସ୍ପିଟାଲ ବାହାରେ ଖରା, ବର୍ଷା, କାକରରେ ପଡୁଛନ୍ତି।

ଦୀର୍ଘ ବର୍ଷର ଅପେକ୍ଷା ପରେ ରାଜ୍ୟ ସରକାର ଏମ୍‌ସ ସୁପରସ୍ପେସାଲିଟି ସେଣ୍ଟର ପାଇଁ ଜମି ଯୋଗାଇଦେଲେ। ଏଥିପାଇଁ ଭୂମି ପୂଜନ ମଧ୍ୟ ହେଲା। ମାତ୍ର ଉକ୍ତ ଜମିରେ ଇଟା ଖଣ୍ଡେ ପଡ଼ିପାରିନାହିଁ। ଏହିଭଳି ଅନେକ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଏବେ ତ ପ୍ରାୟ ଅଧ ଘଣ୍ଟା ବିଳମ୍ବରେ ଓପିଡି ସେବା ଆରମ୍ଭ ହେଉଛି ବୋଲି ଅଭିଯୋଗ ହେଉଛି। ସେହିଭଳି ଏକକାଳୀନ ଦୁଇ ଦୁଇ ଦିନ ଧରି ଆଇସିୟୁ ଏସି ବନ୍ଦ ରହୁଛି। ଫଳରେ ଗୁରୁତର ରୋଗୀମାନଙ୍କୁ କିଭଳି ଉତ୍ତମ ଚିକିତ୍ସା ସେବା ମିଳୁଛି, ତାହା ସହଜରେ ଅନୁମେୟ। ଏବେ ପୁଣି ଦିଲ୍ଲୀରେ ମହାମାରୀ କରୋନା ଦେଖାଦେଲାଣି।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ପାଟଣାଗଡ଼ ଗସ୍ତ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ପାଟଣାଗଡ଼ ଗସ୍ତରେ ଆସି ବଲାଙ୍ଗିର ଜିଲ୍ଲାର ବେଲପଡା ବ୍ଲକରେ ଥିବା ଭୁଲିଆବନ୍ଧରେ ରହୁଥିବାଦୁଇ ଭାଇ ସଚ୍ଚି ମେହେର ଓ ଶରତ ମେହେର କରିଥିବା ମେହେର ବ୍ରଦର୍ସର ସାରସ କୁକୁଡ଼ା ଫାର୍ମକୁ ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହି କୁକୁଡ଼ା ଫାର୍ମଉନ୍ନତମାନର ଜ୍ଞାନ କୌଶଳରେ ଆରମ୍ଭ କରାଯାଇ ବର୍ତମାନ ସାରା ରାଜ୍ୟରେ ଏକ ନମ୍ବରରେ ପରିଣତ ହୋଇଥିବାବେଳେ ଏହି ଫାର୍ମରୁ ହେଚେରିଫାର୍ମରୁ କୃତ୍ରିମ ଅର୍ଗାନିଜ ପ୍ରଜଜନମାଧ୍ୟମରେ ଅଣ୍ଡାରୁ ଛୁଆ ପ୍ରସ୍ତୁତ କରାଯାଇ ସମଗ୍ର ଦେଶକୁ ଯୋଗାଇ ଦିଆଯାଉଛି । ଏହି ଅଣ୍ଡା ଦିଆ କୁକୁଡ଼ା ପାଇଁ ୩୦ଏକର ସ୍ଥାନରେ ଆଠଗୋଟି ସେଡ଼ ନିର୍ମାଣ କରାଯାଇ ୬୫ ହଜାର କୁକୁଡ଼ା ରଖାଯାଇଥିବା ବେଳେ ୧୦ ହଜାର ଅଣ୍ଡିରା କୁକୁଡ଼ାରୁ ସିମେନ୍ସ ବାହାର କରାଯାଇ କରି ମାଈ କୁକୁଡାକୁ ଇଂଜେକ୍ସଟ କରିଛୁଆଦିଆ ଅଣ୍ଡା ବାହାର କରି ସେମାନେ ନିଜେ ଏହାକୁ ଇନକ୍ୟୁବେଟରରେ ପକାଇ ଅନ୍ୟ ସ୍ଥାନରେ ଛୁଆ ପ୍ରସ୍ତୁତ କରି ପାରୁଛନ୍ତି।

ଶ୍ରୀ ତ୍ରିପାଠୀଙ୍କ ସହ ବଲାଙ୍ଗିର ଜିଲାପାଳ ଚଂଚଳ ରାଣା, ପାଟଣାଗଡ଼ ଉପଜିଲ୍ଲାପାଳ ବିଜୟା ନନ୍ଦ ସେଠୀ, ପାଟଣାଗଡ଼ ଏସ .ଡି.ପି.ଓ ଜୋତିର୍ମୟ ଭୁକ୍ତା, ବଲାଙ୍ଗିର -ପାଟଣାଗଡ଼ - ବେଲପଡା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ପଦାଧିକାରୀ ଏହି କୁକୁଡ଼ା ଫାର୍ମ ବୁଲି ଦେଖିଥିଲେ। ଏଥିପାଇଁ ଫାର୍ମ ଦ୍ୱାରା ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ଋଣ ଆଣି ପରିଶୋଧ କରାଯାଉଛି। ତାଙ୍କର ତିନି ଫାର୍ମରେ ୫୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସବୁ ଦିନିଆ ରୋଜଗାର ଦେଉଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ଙ୍କ ପ୍ରମୁଖ ପରାମର୍ଶଦାତା ମେହେର ବ୍ରଦର୍ସଙ୍କୁ ଭୁରି ଭୁରି ପ୍ରଶଂସା କରିବା ସହିତ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି କହିଛନ୍ତି ।

# ଓମଫେଡ ଆମ ଦାନାପାଣି ଛଡ଼ାଇ ନେଲା : ଆମେ ଧାରଣାରେ ବସିଲୁ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ଗତ ୪ ମାସ ହେଲା ଓମଫେଡ ନିଜର ୧୬୭ ଜଣ କର୍ମଚାରୀଙ୍କୁ ଏକକାଳୀନ ଛଟେଇ କରିଥିବା ବେଳେ ସେମାନଙ୍କୁ ଥଇଥାନ କରିବା ନାଁ ଧରୁନି। ଏ ଉକ୍ତ ଛଟେଇ କର୍ମଚାରୀଙ୍କ ମଧ୍ୟରେ ୯୦% ମହିଳା ଥିବା ବେଳେ ସେମାନେ ଏବେ ଦୟନୀୟ ଭାବେ ଜୀବନ କାଟୁଛନ୍ତି। ନିଜ ନାର୍ଯ୍ୟ ଦାବି ପାଇଁ 'ବେଆଇନ ଛଟେଇ ଓମଫେଡ କର୍ମଚାରୀ ସଂଘ' ପକ୍ଷରୁ ଗତକାଲିଠୁ ଧାରଣା ଦିଆଯାଇଛି। ପୁନଃ ନିଯୁକ୍ତି ଦାବିରେ ଓମଫେଡର ୧୬୭ ଜଣ କର୍ମଚାରୀ ଧାରଣାରେ ବସିଛନ୍ତି। ଓମଫେଡ ଆମ ଦାନାପାଣି ଛଡ଼ାଇ ନେଲା। ବର୍ଷେ ବର୍ଷ ଏଠାରେ କାମ କରିବା ପରେ ଏବେ କୁଆଡ଼େ ଯିବୁ, କ'ଣ କରିବୁ । ତେଣୁ ଆମେ ଓମଫେଡ ଫ୍ୟାକ୍ଟ୍ରି ଆଗରେ ଧାରଣାରେ ବସିଛୁ। ରାଜ୍ୟ ସରକାର ଆମକୁ ସ୍ଥାୟୀ ନିଯୁକ୍ତି ଓ ସମସ୍ତ ବକେୟା ଦେୟ ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି ଛଟେଇ କର୍ମଚାରୀ । ଭୁବନେଶ୍ୱର ସହର ମଧ୍ୟରେ ପୂର୍ବରୁ କାର୍ଯ୍ୟ କରୁଥିବା ଓମଫେଡର ଦୁଗ୍ଧ ପ୍ଲାଣ୍ଟକୁ ଆଧୁନିକୀକରଣ କରିବା ଉଦ୍ଦେଶ୍ୟରେ କଟକ ଜିଲ୍ଲା ଅରିଲୋ ନିକଟରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ଦ୍ୱାରା ୨୬୩ କୋଟି ଟଙ୍କା ବ୍ୟୟରେ ନୂତନ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଗତ ଜାନୁଆରୀ ୧ ତାରିଖରେ ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲା । ହେଲେ ତା' ପରଦିନ ଅର୍ଥାତ ୨ ଜାନୁଆରୀରେ ସମସ୍ତ ୧୬୭ କର୍ମଚାରୀଙ୍କୁ ବିନା କ୍ଷତିପୂରଣ ଓ ଦୁଇ ମାସର ଦରମା ନ ଦେଇ ଛଟେଇ କରିଦିଆଗଲା। ଛଟେଇ ପୂର୍ବରୁ ସଂଘ ସହିତ କୌଣସି ଆଲୋଚନା ମଧ୍ୟ ରାଜ୍ୟ ସରକାର କରିନାହାନ୍ତି। ସମସ୍ତ ଠିକା ଶ୍ରମିକଙ୍କୁ ବିନା ନୋଟିସରେ ବହିଷ୍କାର କରିବା ଗଣତନ୍ତ୍ରକୁ ପୁଞ୍ଜିତନ୍ତ୍ରରେ ପରିଣତ କରିବାର ଅନ୍ୟତମ ନମୁନା ବୋଲି ଅଭିଯୋଗ କରିଛି ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ । ଛଟେଇ କର୍ମଚାରୀଙ୍କ ମଧ୍ୟରୁ ବହୁ କର୍ମଚାରୀ ୨୦୦୪ ମସିହାରୁ ଦୈନିକ ୨୦ ଟଙ୍କାରେ ଏହି ପ୍ଲାଣ୍ଟରେ ଯୋଗ ଦେଇଥିଲେ। ଦୀର୍ଘ ୧୫ ବର୍ଷ ଲଗାତର କାର୍ଯ୍ୟ କରିବା ସତ୍ତ୍ୱେ ସେମାନଙ୍କୁ ସ୍ଥାୟୀ କରାଯାଇନଥିଲା। ରାଜ୍ୟରେ ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ଦୈନିକ ୩୧୫ ଟଙ୍କା ଥିବା ସତ୍ତ୍ୱେ ଉକ୍ତ କର୍ମଚାରୀମାନଙ୍କୁ (ମେସିନ ଅପରେଟର ଠାରୁ ପ୍ୟାକିଙ୍ଗ ପର୍ଯ୍ୟନ୍ତ) ମାତ୍ର ୨୭୫ ଟଙ୍କା ଦିଆଯାଉଥିଲା, ଯାହା ଶ୍ରମ ଆଇନର ବିରୁଦ୍ଧାଚରଣ କରୁଛି। ଏହାସତ୍ତ୍ୱେ ସେମାନେ ନିରବଚ୍ଛିନ୍ନ ଭାବେ କାମ କରି ଚାଲୁଥିବା ବେଳେ ଶେଷରେ ରାଜ୍ୟ ସରକାର ସେମାନଙ୍କ ଭାତ ହାଣ୍ଡିକୁ ଗୋଇଠା ମାରିଲେ ବୋଲି ଅଭିଯୋଗ କରିଛି ସଂଘ ।

## ତାତି ଅସମ୍ଭାଳ,ନା ’ ଆମର...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ସଂପ୍ରତି ଆମ ସମାଜରେ ଚାଲିଥିବା ଧୂମପାନକୁ ନିରୋଧ କରାଯିବା ଆବଶ୍ୟକ। ନିତି ପ୍ରତିଦିନ ଆମ ଚାରିପାଖରେ ବସବାସ କରିରହିଥିବା ଧୂମପାନକାରୀଙ୍କ ଠାରୁ ନିର୍ଗତ ମାରାତ୍ମକ ନିକୋଟିନ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରି ରଖିଛି। ଏହାକୁ ଟିକିଏ ନହେଜିଲେ ଉପରୋକ୍ତ ସମସ୍ତ କାରଣ କ୍ରମେ ଆମ ପରିବେଶକୁ ରେଣୁ ରେଣୁ ହୋଇ ନଷ୍ଟବିନଷ୍ଟ କରି ଅଯଥା ଉତ୍ତାପ ବୃଦ୍ଧିର କାରଣ ହେବ। ଏହା ଆମକୁ ଆମର ଗୋଡରେ ଆମରି ଦ୍ୱାରା କୁରାଢି ଚୋଟ ମାରିବା ପରି ସର୍ଭିଙ୍କର ସ୍ୱାସ୍ଥ୍ୟକୁ ସଂକଟ ଆଡକୁ ଟାଣି ନେବ। ଯାହା କେବେ ମଧ ଅସ୍ୱାବିକ ନୁହେଁ।

ଆମକୁ ଆମ ଚାରିପାଖ ପ୍ରଦୂଷଣମୁକ୍ତ ତଥା ଅଯଥା ସୃଷ୍ଟ ଉତ୍ତାପରୁ ରକ୍ଷା କରିବାକୁ ହେଲେ ଏକ ଧୂମ ମୁକ୍ତ ତଥା ସୁସ୍ଥ ପରିବେଶର ବଳୟ ସୃଷ୍ଟି କରିବାକୁ ଯତ୍ନବାନ ହେବାକୁ ପଡିବ। ନହେଲେ ଆଗକୁ ଫଳ ବିଷମୟ ହେବ। ଶେଷରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆମେ ଏକ ଯୁଦ୍ଧ ଲିପ୍ତ ପୃଥିବୀର ବାସିନ୍ଦା। ସମଗ୍ର ପୃଥିବୀର ସାନ୍ନିଧତା ସୂର୍ଯ୍ୟର ପ୍ରକାଶ, ପବନର ଅନଭବ,ଆକାଶର ବିଶାଳତା, ସାଗରର ଉଦବେଳନ ଆଦିର ଅନୁଭୂତିରେ ଜୀବନମୟ ମଣିଷର ଜୀବନଯାତ୍ରା ରେହେତୁ ଜଡିତ, ତାର ପରିବେଶ ଓ ପରିସ୍ଥିତିର ସୁରକ୍ଷା ଏବେ ସଂକଟରେ ପଡିଛି। ସୂର୍ଯ୍ୟର ଉତ୍ତାପ ବଢିବା ସହ କଣ ଆମର ଅବମୃଶ୍ୟକାରୀତା କଣ ଆମକୁଯେ ଏକ ରଡ ନିଆଁ ଉପରେ ବସିଥିବା ତାତିଲା ତାୱାରେ ସନ୍ତାପିତ ନୁହେଁକି ? ଦୁଃଖର ବିଷୟ, ଯୁଦ୍ଧର ଘନଘଟାରେ ପୃଥିବୀର ଅନେକ ରାଷ୍ଟ୍ର ବିଧ୍ୱସ୍ତ, ଭୂଲୁଣ୍ଠିତ ତଥା ସନ୍ତ୍ରସ୍ତ। ଗୁଳିଗୋଳା, କ୍ଷେପଣାସ୍ତ୍ର ପ୍ରୟୋଗ, ଯୁଦ୍ଧାସ୍ତ୍ରର ପରୀକ୍ଷଣରୁ ସୃଷ୍ଟ ବହଳ ଧୂମାଚ୍ଛନ୍ନ କୁହେଳିକାରେ ସାରା ବିଶ୍ୱର ପରାବେଶରେ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି। କ୍ଷମତା ଅନ୍ଧ ରାଷ୍ଟ୍ରମାନଙ୍କ ଦ୍ୱାରା ଅବିଚାରିତ ଅଣୁ ଅସ୍ତ୍ର ପରୀକ୍ଷଣରୁ ସୃଷ୍ଟ ମାରାତ୍ମକ ତେଜସ୍କ୍ରିୟ ରଶ୍ମୀ ପ୍ରଭାବରେ ବିଶ୍ୱ ତାପମାତ୍ରା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱ ପରିବେଶର ପ୍ରାଣକୁ ସୁରକ୍ଷା ନିମିତ୍ତ କ୍ରମବର୍ଦ୍ଧିଷ୍ଣୁ ଉତ୍ତପ୍ତ ପୃଥିବୀର ଉତ୍ତାପ ପ୍ରଶମନ କରିବାକୁ ହେବ। ବିଶ୍ୱର ରାଷ୍ଟ୍ର ନାୟକମାନେ ଏକମନ ଏକ ପ୍ରାଣ ହୋଇ ଜୀବ ଜଗତର ସୁରକ୍ଷା ପ୍ରତି ଯତ୍ନବାନ ହୋଇ ଆବଶ୍ୟକ ପୃଥିବୀ କଲ୍ୟାଣ ପନ୍ଥା ଆପଣାଇବାକୁ ହେବ। ଏଣୁ ବସୁଧୈବ କୁଟୁମ୍ବକମ୍ ନ୍ୟାୟରେ ଯୁଦ୍ଧମୁକ୍ତ ପୃଥିବୀର ଆବଶ୍ୟକତା ଉପରେ ବିଶ୍ୱ ସମୁଦାୟ ଆବଶ୍ୟକ କାର୍ଯ୍ୟପନ୍ଥା ଆପଣାଇବାକୁ ପଡିବ। କାରଣ ପୃଥିବୀ ରକ୍ଷା ସର୍ଭିଙ୍କର ଜୀବନ ରକ୍ଷା।

ଆମେ ସଜାଗ ଓ ସଚେତନ ରହିଲେ ଆମ ପୃଥିବୀ ଜୀବନମୟ ହୋଇ ଶାନ୍ତ ଓ ସୁନ୍ଦର ରହିବ। ବରଷକ ବାର ମାସ ଓ ଛଅ ଋତୁଚକ୍ରର ସୁନ୍ଦର ପ୍ରାକୃତିକ ପ୍ରଭାବ ଆମ ଧରଣୀ ଛାତିରେ ପରମ ସାନ୍ନିଧ ପ୍ରଦାନ କରି ଆମ ଜନ ଜୀବନକୁ ସନ୍ତୁଷ୍ଟି ପ୍ରଦାନ କରିବହିଁ କରିବ, ଏଥିରେ ଦ୍ୱିମତ ନାହିଁ।

ସା/ପୋ:- ନାଚୁଣୀ, ଜିଲ୍ଲା:- ଖୋରଧା, ପିନ୍-୭୫୨୦୩୪(୬୩୭୦୪୯୫୯୪୪)

## ମଧୁବାବୁଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୮/୦୪ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧୁବାବୁଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମହାନ୍ ବିନ୍ଧାଣୀ ’ଉତ୍କଳ ଗୌରବ’ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ....

ଦୁଇଦିନ ପୂର୍ବରୁ ଦାଖଲ କରିବା ପାଇଁ ଏଏସଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ କେତେକ ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଚାଲିଥିବା ବୟାନବାଜି ଶୁଣିବା ପରେ ତାଙ୍କ ମନରେ ବାରମ୍ବାର ସନ୍ଦେହ ଆସିଥିଲା । ଗଜପତି ମହାରାଜା ମଧ ଶ୍ରୀମନ୍ଦିର ପ୍ରକଳ୍ପ ଯୋଗୁ ଶ୍ରୀମନ୍ଦିର ପ୍ରତି କୌଣସି ବିପଦ ନାହିଁ ବୋଲି କହିବା ପରେ ତାଙ୍କ ମନରେ ଥିବା ସନ୍ଦେହ ଅଧିକ ବଢ଼ିଥିଲା । ତେଣୁ ସେ ନିଜେ କାହାକୁ କିଛି ନକହି ରବିବାର ଶ୍ରୀମନ୍ଦିରକୁ ଯାଇ ନିର୍ମାଣ କାର୍ଯ୍ୟ ଦେଖିଛନ୍ତି । ଆଉ ତାହା ଦେଖିବା ପରେ ତାଙ୍କ ମନରେ ଥିବା ସନ୍ଦେହ ଅଧିକ ଦୃଢ଼ୀଭୂତ ହୋଇଛି । ବଡ଼ବଡ଼ ଗାତ ଖୋଳାଯାଇଛି ଓ ସେସବୁ ପୋତା ଯାଇଛି । ମନ୍ଦିରର ୧୦୦ମିଟର ପରିସର ଭିତରେ ଏଏସଆଇର ବିନା ଅନୁମତିରେ ନିର୍ମାଣ କରାଯିବା କଥା ନୁହେଁ । ସ୍ଥାନୀୟ ସାଂସଦ କହୁଛନ୍ତି ୪ଟି ପାଇଖାନା ନିର୍ମାଣ ହେଉଛି । ମାତ୍ର ତାକୁ ଦେଖିଲେ ଲାଗୁଛି ୫ କି ୧୦ ମହଲା କୋଠା ନିର୍ମାଣ ହେବା ଭଳି କାର୍ଯ୍ୟ ହୋଇଛି । ଆଉ ତାଙ୍କ ପାଖରେ ଯେତିକି ଖବର ଅଛି, ଏସବୁ ନିର୍ମାଣ ପାଇଁ ଏଏସଆଇର ଅନୁମତି ଦେଇନାହିଁ । ଶ୍ରୀମନ୍ଦିର ଚାରିପଟେ ଏଭଳି ଖନନକୁ ନେଇ ଗୃହରେ ଉଦବେଗ ପ୍ରକାଶ ପାଇବା ପରେ ମାର୍ଚ୍ଚ ୩୧ ତାରିଖରେ ବାଚସ୍ପତିଙ୍କ ଅଧକ୍ଷତାରେ ଗୃହ କମିଟି ଗଠନ ହୋଇଥିଲା। ଗୃହ କମିଟି ସବୁ କ୍ଷମତାର ଅଧିକାରୀ। ଗୃହ କମିଟି ଏହି ନିର୍ମାଣ ପ୍ରସଙ୍ଗରେ ବିଶେଷଜ୍ଞଙ୍କ ମତାମତ ଲୋଡ଼ିବା ସହ ଯେଉଁମାନେ କାମ କରୁଛନ୍ତି ତାଙ୍କୁ ମଧ ଡାକି ବୟାନ ରେକର୍ଡ କରିପାରିବ। ଏପରିକି ହାଇକୋର୍ଟଙ୍କଠୁ ମଧ ଗୃହ କମିଟିର କ୍ଷମତା ଅଧିକ। ଗୃହ କମିଟି ତତକ୍ଷଣାତ ପରିଦର୍ଶନ କରିବା କଥା। କିନ୍ତୁ ତାହା ହୋଇନି। ସେପଟେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ରାଜନୀତି ଚାଲିଛି । ଶ୍ରୀମନ୍ଦିର ପ୍ରତି ବିପଦ ଅଛି ବୋଲି କିଏ କହୁଛି । ବହୁତ ଲୋକ ବହୁ କଥା କହୁଛନ୍ତି । ଏସବୁ ରାଜନୀତି ସରିଯାଉ । ତା’ପରେ ବିଧାନସଭା ଗୃହ କମିଟି ଅନୁଧାନ କରିବାକୁ ଯିବ ଓ ଆସିକି ରିପୋର୍ଟ ଦେବ । ବିଧାନସଭାର ଗୃହ କମିଟି ଖୁବଶୀଘ୍ର ବସିବ ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

### ତୈଳ ଉପରେ ଭାଟ କମାଇବାକୁ ....

ତାମିଲନାଡୁ ଶାସକ ଦଳ ଡିଏମକେ ମୁଖପାତ୍ର ଏ ସରଭାନନ । ତେଣୁ କେନ୍ଦ୍ର ସରକାର ସେସ୍ ନିଅନ୍ତୁ ନାହିଁ ଓ ଭାଟ ଲଗାଇବାକୁ ରାଜ୍ୟ ସରକାରଙ୍କୁ ବାଧ କରନ୍ତୁ ନାହିଁ । ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଳର ମୂଲ୍ୟ ବଢିବା ପରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ହୋଇଛି । ଯାହାର ପ୍ରଭାବ ସିଧାସଳଖ ଲୋକଙ୍କ ପକେଟ ଉପରେ ପଡୁଛି । ଦେଶର ମୁଦ୍ରାସ୍ଫିତି ପ୍ରଭାବିତ ହେଉଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟଳସ କମାଇବାକୁ ଆହ୍ୱାନ କରିଛନ୍ତି ଅର୍ଥନୈତିକ ବିଶେଷଜ୍ଞ । ଏହାରି ଭିତରେ ମହାରାଷ୍ଟ୍ର ସରକାରଙ୍କୁ ଟାର୍ଗେଟ କରି ଟୁଇଟ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ । ମହାରାଷ୍ଟ୍ର ସରକାର ୨୦୧୮ ପରଠାରୁ ଟିକସ ବାବଦରେ ପ୍ରାୟ ୮୦ ହଜାର କୋଟି ଟଙ୍କା ପାଇଥିବା ବେଳେ ଚଳିତ ବର୍ଷ ୩୩ ହଜାର କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି । ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଉଦ୍ଧବ ସରକାର ଭାଟ ହ୍ରାସ କରିବା ଉଚିତ କି ନୁହେଁ ବୋଲି ପ୍ରଶ୍ନ କରିଛନ୍ତି ।

# ଅନୁଗୁଳରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର୍ସର ଟିଏମଟି ରିବାର୍ ମିଲକୁ ଲୋକାର୍ପଣ କଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ



ଅନୁଗୁଳ/ଭୁବନେଶ୍ୱର, ୨୮/୦୪ (ନି.ପ୍ର): କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ ରାମ ଚନ୍ଦ୍ର ପ୍ରସାଦ ସିଂ ଅନୁଗୁଳ ଠାରେ ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସପି)ର ଅତ୍ୟାଧୁନିକ ଟିଏମଟି ରିବାର ରିବାର୍ ମିଲକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । କମ୍ପାନୀର ୬ ଏମଟିପିଏ କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ କମ୍ପ୍ଲେକ୍ସ ପରିସରରେ ଏହି ମିଲ୍ ଉଦ୍‌ଘାଟିତ ହୋଇଛି । ବାର୍ଷିକ ୧୪ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏହି ଟିଏମଟି ରିବାର ମିଲ ବିଶ୍ୱର ସର୍ବବୃହତ ତଥା ଅତ୍ୟାଧୁନିକ ରିବାର ମିଲ୍ ମଧରୁ ଅନ୍ୟତମ । ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାରର ଅଧକ୍ଷ ଶ୍ରୀ ନବୀନ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭିଆର ଶର୍ମା ଏବଂ ଇସ୍ପାତ ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଡି. ନେ. ରସ୍ତୋଗୀ ଏହି ଅବସରନର ଉପସ୍ଥିତ ରହି ପ୍ଲାଣ୍ଟ ପରିସରରେ କେନ୍ଦ୍ର ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଇସ୍ପାତ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶ୍ରୀ ରସିକା ଚୌବେ ମଧ ଉପସ୍ଥିତ ଥିଲେ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂ କହିଥିଲେ ଯେ, ବୃହତ ଅର୍ଥବ୍ୟବସ୍ଥାମାନଙ୍କୁ ପଛରେ ପକାଇ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଇସ୍ପାତ ଉତ୍ପାଦନକାରୀ ରାଷ୍ଟ୍ର ହୋଇପାରିଛି । ଓଡ଼ିଶାରୁ ସର୍ବାଧିକ ପରିମାଣର ଇସ୍ପାତ ଉତ୍ପାଦନ କରାଯାଉଛି । ଓଡ଼ିଶାରେ ଏପରି ସୁଦୃଶ୍ୟ ବିଶାଳ ଇସ୍ପାତ କାରଖାନା ପ୍ରତିଷ୍ଠା କରିଥିବାରୁ କେନ୍ଦ୍ର ମନ୍ତ୍ରୀ ଏହି ଅବସରରେ ନବୀନ ଜିନ୍ଦଲଙ୍କୁ ପ୍ରଶଂସା କରିଥିଲେ । ଇସ୍ପାତ କାରଖାନାର କ୍ଷମତା ବାର୍ଷିକ ୨୫.୨ ନିୟୁତ ଟନ୍‌କୁ ବଢ଼ାଇବା ଲାଗି ଜେଏସ୍‌ପିର ଯୋଜନାକୁ ମଧ କେନ୍ଦ୍ର ମନ୍ତ୍ରୀ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ୨୦୩୦ ସୁଦ୍ଧା ଦେଶର ୧୦ ପ୍ରତିଶତ ଇସ୍ପାତ ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର ଦ୍ୱାରା ଅନୁଗୁଳରୁ ଉତ୍ପାଦିତ ହେବ । କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ଅଂଶବିଶେଷ ସ୍ୱରୂପ, କୋଭିଡ-୧୯ ମହାମାରୀ ସମୟରେ ଦେଶର ବିଭିନ୍ନ ସ୍ଥାନକୁ ତରଳ ଚିକିତ୍ସକୀୟ ଅକ୍ସିଜେନ ଯୋଗାଇ ଦେବାରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ପ୍ରୟାଦସକୁ କେନ୍ଦ୍ର ମନ୍ତ୍ରୀ ପ୍ରଶଂସା କରିଥିଲେ । ଇସ୍ପାତ ଉତ୍ପାଦନ ପାଇଁ ବ୍ୟବହୃତ ପ୍ରଥମ କୋଇଲା ବାଷ୍ପୀକରଣ କାରଖାନା (ସିଜିପି)କୁ ମଧ କେନ୍ଦ୍ର ମନ୍ତ୍ରୀ ପରିଦର୍ଶନ କରିଥିଲେ । ଏହି ଅବସରରେ ଇସ୍ପାତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଶ୍ୱର ପ୍ରଥମ ସିନଗ୍ୟାସ ଆଧାରିତ ଡିଆରଆଇ ପ୍ଲାଣ୍ଟକୁ ସିନ୍ଥେଟିକ୍ ଗ୍ୟାସ ଯୋଗାଇ ଦେବା ପାଇଁ ଏହି କାରଖାନାରେ ହାଇ ଆଶ୍ ଏବଂ ସ୍ଥାନୀୟ ସ୍ତରରେ ଉପଲବ୍ଧ ନନ-କୋକିଂ କୋଇଲା ବ୍ୟବହାର କରାଯାଉଛି । ଏହି ଜ୍ଞାନକୌଶଳ ମାଧ୍ୟମରେ ଦେଶରେ ଥିବା ପ୍ରଚୁର କୋଇଲା ଭଣ୍ଡାରକୁ ଉପଯୋଗ କରାଯାଇପାରିବ ଏବଂ କୋଇଲା ଆବଶ୍ୟକତା କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହୋଇପାରିବ । କୋକିଂ କୋଇଲା ଆମଦାନୀ ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳତା ହ୍ରାସ ପାଇବ ।

# କୂଳବୃଦ୍ଧ ମଧୁସୂଦନ ଦାସଙ୍କ ୧୩୭ତମ ଜନ୍ମଜୟନ୍ତୀ




ବସ୍ତା ୨୮।୪ (ନି.ପ୍ର.) : କୂଳବୃଦ୍ଧ ମଧୁସୂଦନ ଦାସ କେବଳ ଓଡ଼ିଆ ଜାତିର ପ୍ରତୀକ ବା ସ୍ୱାଭିମାନ ନ ଥିଲେ ସେ ଓଡ଼ିଶାର ଟେକ ରଖିବା ପାଇଁ ଶତତ ଚେଷ୍ଟିତ ଥିଲେ। ତାଙ୍କ ଜୋତା କାରଖାନାର ଗୋଟିଏ ଜୋତା ଖରାପ ଥିବାରୁ ସବୁ ଜୋତାକୁ ନଷ୍ଟ କରି ଦେଇଥିଲେ। କାରଣ ଓଡ଼ିଶା ବଦନାମ ହୋଇଯିବ। ଏହି ନୀତିକୁ ବଜାୟ ରଖିଥିଲେ ମଧୁସୂଦନ ବୋଲି ଗୁରୁବାର ବସ୍ତା ପ୍ରେସ୍ କ୍ଲବରେ ଆମ ଓଡ଼ିଶା ଓ ସମ୍ବାଦ ଆନୁକୂଲ୍ୟରେ ଆୟୋଜିତ ସ୍ୱାଭିମାନ ଦିବସରେ ମତପ୍ରକାଶ ପାଇଛି। ସମାଜସେବୀ ଶ୍ୟାମାପ୍ରସାଦ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ରେବତୀ ସଂପାଦିକା ସୁବାସିନୀ ଜେନା ମୁଖ୍ୟଅତିଥି, ବାଲିଆପାଳର ପୂର୍ବତନ ଅଧକ୍ଷ ବିଜନ କୁମାର ନାୟକ ମୁଖ୍ୟବକ୍ତା, ବସ୍ତା ବ୍ଲକର ପ୍ରାକ୍ତନ ଅଧକ୍ଷ ଲକ୍ଷ୍ମୀଧର ଦାସ ସମ୍ମାନୀତ ବକ୍ତା, ପ୍ରାକ୍ତନ ସରପଞ୍ଚ ଅନୀଲକୁମାର ମହାନ୍ତି ସମ୍ମାନୀତ ଅତିଥି, ବସ୍ତା ସେବା ସମବାୟ ସମିତିର ପୂର୍ବତନ ସଭାପତି ମନୋଜକୁମାର ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ରବୀନ୍ଦ୍ରକୁମାର ଦାସ, ସମାଜସେବୀ ସୁଧାଂଶୁ କୁମାର ଯେନା, ପ୍ରାକ୍ତନ ଏବିଡିଓ ଶଙ୍କରକୁମାର କର, ଯୁବନେତା ବିରାଜ ସିଂଦେଓ, ଦେବାଶିଷ କର, ଅବସରପ୍ରାପ୍ତ ଶିକ୍ଷକ କୁମୁଦରଂଜନ ଗିରି, ସାମ୍ବାଦିକ ରାମଚନ୍ଦ୍ର ଦେବ, ବିଜୟକୁମାର ଭୂୟାଁ, ସେକ ଜାଗିରୁଦ୍ଦିନ, ଭରତକୁମାର ଦାସ, ଚିତ୍ତରଂଜନ ଦାସ, ସରପଞ୍ଚ ଭବାନୀ ଯେନା, ନାରୀନେତ୍ରୀ ସବିତା ଦାସ, ସବିତା ଜେନା, ବୀଣାପାଣି ସେନାପତି, ଦୀପାଞ୍ଜଳୀ ଗିରି ପ୍ରମୁଖ ମଧୁସୂଦନଙ୍କ ତ୍ୟାଗ ଓ ଜୀବନୀ ଉପରେ ଆଲୋଚନା କରିଥିଲେ। ଆବାହକ ସଂଜୟକୁମାର ସାମଲ ପ୍ରାରମ୍ଭିକ ସୂଚନା ଓ ସାମ୍ବାଦିକ ସୁଶାନ୍ତକୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାକସେବା ଲାଗି ପୋଷ୍ଟାଲ ଫୋରମ୍‌ର ୪ର୍ଥ ବୈଠକ

ଜଳେଶ୍ୱର, ୨୮/୦୪ (ନି.ପ୍ର): ସମଗ୍ର ଉତ୍ତର ବାଲେଶ୍ୱରରେ ଡାକସେବା ସମ୍ପର୍କରେ ସଚେତନ, ସୁବିଧା ସୁଯୋଗ ଯୋଗାଣ ଓ ପରାମର୍ଶ ଲାଗି ଜଳେଶ୍ୱର ମୁଖ୍ୟ ଡାକଘରେ ଏକ ପୋଷ୍ଟାଲ ଫୋରମ୍ କାର୍ଯ୍ୟ କରୁଥିବାରୁ ଆଜି ତାର ୪ର୍ଥ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଡାକପାଳ ରାମେଶ୍ୱର ହେମ୍ବ୍ରମ ଅଧ୍ୟକ୍ଷତା କରିଥିଲେ । ସଦସ୍ୟ ଥିବା ପ୍ର’ସେର ବିପିନ ବିଶ୍ୱାଳ, କଂଜୁମାର ଫୋରମର ପୂର୍ବତନ ଜିଲା ସଭାପତି ସୁକୁମାର ରଣା, ବରିଷ୍ଠ ଆଇନ୍ ଜିବୀ ଚିନ୍ମୟ ଦାସ, କମର୍ଦ୍ଦ କଲେଜ ଅଧ୍ୟକ୍ଷ ସରୋଜ ରଂଜନ ସେନାପତି, ସାମ୍ବାଦିକ ଅବନୀ ଚାନ୍ଦ, ରମାଜସେବୀ ଅଶ୍ୱିନୀ ନାଥ ଓ ଶିବ ଶଂକର ଚାଟାର୍ଜୀ ପ୍ରମୁଖ ଯୋଗ ଦେଇ ଡାକସେବା ଅଧିକ ଲୋକପ୍ରିୟ ଓ ଜନାଦୃତ ହେବା ସଂପର୍କରେ ଆଲୋଚନା କରାଯାଇଥିଲା । ଭକ୍ତକବି ଦୀନକୃଷ୍ଣ ନାମରେ ଡାକଟିକଟ ପ୍ରଚଳନ, କର୍ମଚାରୀ ମାନଙ୍କ ଡ୍ରେସ୍‌କୋଡ ପ୍ରଚଳନ, ଜଳେଶ୍ୱର ଭଳି ବାଲିଆପାଳ, ହାତୀଗଡ, ଦେହୁର୍ଦ୍ଦାଠାରେ ୩ଟି ଏଟିଏମ୍ ପଚଳନା, ଜଳେଶ୍ୱର ଏଟିଏମ୍‌ର ୨୪ ଘଣ୍ଟିଆ ସେବା ଯୋଗାଣ, ଡାକସେବା ନିର୍ଦ୍ଦିଷ୍ଟ ସମୟରେ କରାଯିବାକୁ ପରାମର୍ଶ ଦିଆଯାଇଥିଲା ।

# ରୂପସା ରେଲୱେ କଲୋନୀରେ ମୁନି ସମାଜର ଜ୍ଞାନଯଜ୍ଞ



ରୂପସା, ୨୮/୦୪ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର କୋଷାଧକ୍ଷ ଯୋଗୀ ଭିକାରି ଚରଣ ମୁନି-ଯୋଗଶିକ୍ଷିକା କଳ୍ପନା ମିସ୍ତ୍ରୀ ମହୋଦୟାଙ୍କ ଜ୍ୟେଷ୍ଠପୁତ୍ର ମୁନି ଶାନ୍ତନୁ କୁମାର ଏବଂ ପୁତ୍ରବଧୂ ମୁନି ମତୀ ମୋନାଲିସାଙ୍କର ପଞ୍ଚମ ବିବାହ ବାର୍ଷିକ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି ଯୋଗୀ ଅନନ୍ତ ମୁନିଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଥିଲେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ଥିଲେ, ଗୁଡିଖାଲ ଜୋନ୍ ସଙ୍ଗଠକ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ଥିଲେ, ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା, ଗୁଡିଖାଲ ସବ୍ ଜୋନ୍ ସଙ୍ଗଠକ ମୁନି ରାଜ ଅମୂଲ୍ୟ ମୁନି । ମୁନି ସଙ୍ଗୀତ ଗାନ କରିଥିଲେ, ଆଶ୍ରମର ଯୋଗଶିକ୍ଷିକା ମଞ୍ଜୁଲତା ବେହେରା, ମୁନି ମତୀ ଶକୁନ୍ତଳା ପରିଡ଼ା । ଉପସ୍ଥିତ ଥିଲେ, ମୁନି ବିଶ୍ୱଜିତ୍ ମିସ୍ତ୍ରୀ, ମୁନି ମତୀ ସୁକାନ୍ତୀ ରଣା,ଫୁଲମଣୀ ବେହେରା ଏବଂ ମୁନି କୁମାର ତ୍ରୀଶାନ୍ ମିସ୍ତ୍ରୀ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ,ଶାନ୍ତୀ ପାଠ କରାଯାଇ ଦମ୍ପତ୍ତୀଙ୍କୁ, ଦୀର୍ଘ ନୀରୋଗ, ନୀରାମୟ ଆନନ୍ଦମୟ ଯୋଗ୍ୟ ଜୀବନର ଶୁଭ ସମୂହ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ଏଇ ପରିବାର ହିଁ ବୈକୁଣ୍ଠ ପୁର । ଯେଉଁ ପରିବାରରେ ପରସ୍ପର ମଧରେ ସ୍ନେହ ଶ୍ରଦ୍ଧା ଭରପୁର ଭାବରେ ରହିଥାଏ । ସେହି ପରିବାର ଧନ୍ୟ, ଯେଉଁ ପରିବାରର ପିଲାମାନେ ସେମାନଙ୍କର ପିତା ମାତାଙ୍କୁ ଈଶ୍ୱରଙ୍କ ସତ୍ତାର ପ୍ରତିମୂର୍ତ୍ତୀ ହିସାବରେ ଦେଖିବାରେ ସକ୍ଷମ ହୋଇଛନ୍ତି । ପରିବାରର ସମସ୍ତେ ପ୍ରତିଦିନ ସନ୍ଧ୍ୟା ୭ଟା ସମୟରେ ଏକମନ, ଏକ ପ୍ରାଣ, ଏକ୍‌ଆତ୍ମା ଏବଂ ଏକ ଭାବନାରେ ତଲ୍ଲୀନ ହୋଇ ସମୂହ ପ୍ରଣବ ଶୁଭ ଭାବନା ଭଳି ବ୍ରହ୍ମର ଉପାସନା କରିଥାନ୍ତି, ଏହା ଗୃହ କର୍ତ୍ତା ଯୋଗୀ ଭିକାରି ଚରଣ ମୁନି ପ୍ରକାଶ କରିଥିଲେ । ଶେଷରେ ସେ ଉପସ୍ଥିତ ସମସ୍ତଙ୍କ ଧନ୍ୟବାଦ ପ୍ରଦାନ କରି, ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ଆମେ ନିଜକୁ ସ୍ୱାଭିମାନୀ ପରିଚୟ ଦେବାର ଦମ୍ଭ ହରାଇ ବସିଛୁ : ବିଜୟ କୁମାର ମିଶ୍ର



ଉଦଳା, ୨୮/୦୪ (ନି.ପ୍ର): ଆଜି ଏପ୍ରିଲ ୨୮ ତାରିଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୫ ତମ ଜୟନ୍ତୀ (ସ୍ୱାଭିମାନ ଦିବସ) କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ବେଳେ ସାମାଜିକ କର୍ମୀ ବିଜୟ କୁମାର ମିଶ୍ର, ଆମେ ଓଡ଼ିଶା ବାସୀ ନିଜକୁ ସ୍ୱାଭିମାନୀ ବୋଲି ପରିଚୟ ଦେବାର ଦମ୍ଭ ହରାଇ ବସିଛୁ, ମତ ବ୍ୟକ୍ତ କରିଛନ୍ତି । କଥାଟିକୁ ସ୍ପଷ୍ଟ କରିବାକୁ ଯାଇ ସେ କହିଛନ୍ତି ଯେଉଁ ରାଜ୍ୟର ରାଜା ନିଜେ ମଦ୍ୟପ ଏବଂ ପ୍ରଜାଙ୍କୁ ନିଶାଗ୍ରସ୍ତ କରିବା ପାଇଁ ପ୍ରସ୍ୱାହନ ଯୋଗାଉଛନ୍ତି , ପ୍ରଜା ମଧ ଏପରି ରାଜାଙ୍କୁ ପସନ୍ଦ କରି ୧ନଂ ରାଜା କହି, ବାରମ୍ବାର ରାଜଗାଦିରେ ବସାଉଛନ୍ତି , ଏପରି ରାଜ୍ୟର ରାଜା ଓ ପ୍ରଜା ଉଭୟେ ନିଜକୁ ସ୍ୱାଭିମାନୀ ବୋଲି ପରିଚୟ ଦେବାର ଦମ୍ଭ ହରାଇ ବସିଛନ୍ତି। ତେବେ ସାମାଜିକ କର୍ମୀ ଶ୍ରୀଯୁକ୍ତ ମିଶ୍ରଙ୍କର ଏପରି ମନ୍ତବ୍ୟ ଶୁଣି ନିର୍ଦ୍ଧିଷ୍ଟ ଏକ ରାଜନୈତିକ ଦଳର କର୍ମୀ ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ସତ କିନ୍ତୁ ବିଭିନ୍ନ ମହଲରେ ଏହାର ପ୍ରଶଂସା ଶୁଣିବାକୁ ମିଳୁଛି। ଏହା ଏକ ଅପ୍ରିୟ ସତ୍ୟକଡଥା ବୋଲି ଅନେକ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

# ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଧୁ ଜୟନ୍ତୀ ପାଳିତ



ବାଲିଆପାଳ, ୨୮/୦୪ (ନି.ପ୍ର): ବାଲିଆପାଳ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ମଧୁ ଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ ନାଗରିକ ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ପୌରହିତ୍ୟ କରିଥିଲେ। ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଚି ରଞ୍ଜନ ଦାସ, ପୁର୍ଣ୍ଣଚନ୍ଦ୍ର ରାଜ, କା ୀକ ରାଉତ ପ୍ରମୁଖ ମ ।ସୀନ ଥିବା ବେଳେ ପ୍ରାକ୍ତନ ଅଧକ୍ଷ ଡ. ବିଜୟ କୁମାର ଦେ, କବି ସନ୍ୟାସୀ ବେହେରା, କୁଞ୍ଜକାନ୍ତ ପାତ୍ର,କମଳ ଲୋଚନ ପିଳା, ଧିରେନ୍ଦ୍ର ହାଜିରା, ରାଜକୃଷ୍ଣ ପାତ୍ର, ଝାଡେଶ୍ୱର ଦାସ, ବିଜୟ କୁମାର ପାତ୍ର, ବୀରମାଧବ ଦାସ, ବେଣୁଧର ମଣ୍ଡଳ, ଶମ୍ଭୁନାଥ ଗିରି, ହରେନ୍ଦ୍ରନାଥ ଦେ, ଗୁଣାକର ପାଳ, ଡ. ବଙ୍କୀମଚନ୍ଦ୍ର, ଅନନ୍ତ କୁମାର ଗିରି, ଦେବେନ୍ଦ୍ର ଅଣ୍ଡିଆ, ହୃଦୟରଞ୍ଜନ ଗିରି, ଅଜୟ କୁମାର ଦାସ, ରାମଚନ୍ଦ୍ର ପାତ୍ର, ଝାଡେଶ୍ୱର ଦାସ, ବିଦ୍ୟାଧର ପରିଡା, ଭାସ୍କର ପ୍ରଧାନ, ହରିହର ଗିରି, ନିଆସୀ ଚରଣ ପାଳ, ଶିଶିର କୁମାର ମଣ୍ଡଳ, ପଞ୍ଚାନନ ସାହୁ, କମଳ ଲୋଚନ ପିଳା, ଭୀମଚରଣ ବେହେରା, ମିଡିଆ ଫୋରମ ସଭାପତି ପ୍ରତାପ ପାତ୍ର, ସମାଜସେବୀ ବ୍ୟୋମକେଶ ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ସମସ୍ତ ଅତିଥି ମାନେ ମଧୁବାବୁଙ୍କ ତୈଳଚିତ୍ରରେ ପୁଷ୍ପ ଅର୍ଘ୍ୟ ପ୍ରଦାନ କରିଥିଲେ ।

## ଅଗ୍ନିକାଣ୍ଡରେ ଜଳିଗଲା ୩ବଖରା

ବସ୍ତା, ୨୮/୦୪ (ନି.ପ୍ର): ବସ୍ତାବ୍ଲକର ସିଂଲାଥାନା ଅନ୍ତର୍ଗତ କୁସଡିହା ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୩ବଖରା ଘର ଭସ୍ମିଭୂତ ହୋଇଯାଇଛି। ଏହି ଗ୍ରାମର ହାଡିବନ୍ଧୁ ପାତ୍ରଙ୍କ ପୁଅ ବାବାଜୀ ପାତ୍ରଙ୍କ ଘରେ ନିଆଁ ଲାଗି ଯାଇଥିଲା। ଏହା ଫଳରେ ତାଙ୍କର ବିପୁଳ ସଂପତ୍ତି ନଷ୍ଟ ହୋଇଛି। ଖବରପାଇ ବସ୍ତା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ସଠିକ କାରଣ ଜଣାପଡିନାହିଁ।

# ହରି ହର ପଲି କ୍ଲିନିକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



ବାଲେଶ୍ୱର, ୨୮/୦୪ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲାୟନ୍ସ କ୍ଲବ୍ ଓ ଉତ୍ କଳା କଲଚୁରାଲ ଏକାଡେମୀ ଅନୁଷ୍ଠାନ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ସ୍ଥାନୀୟ ଷ୍ଟେସନ ଛକରେ ହରିହର କ୍ଲିନିକ୍‌ରେ ଅନୁଷ୍ଠୀତ୍ ହୋଇଥିଲା ଏଥିରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରିୟ କୁମାର ଘୋଷ ବହୁଳ ମାତ୍ରାରେ ରୋଗୀ ଦେଖି ରୋଗର ନିରାକରଣ କରିଥିଲେ, ଲୟନ୍ସ କ୍ଲବ୍ ପ୍ରେସିଡେଣ୍ଟ ଅୟନ୍ ସେନ୍, ସେକ୍ରେଟାରୀ ଲାଇପ୍ସୁ ମିଶ୍ର ତତୁଆ ବାଧନ ରେ ପାଖା ପାଖି ୬୦ରୁ ଅଧିକ ରୋଗୀ ଇସିଜି ଓ ମେଡ଼ିସିନ୍ ଓ ଟେଷ୍ଟ୍ କରାଇ ଥିଲେ ଏଥିରେ ଲାୟନ ସ୍ କ୍ଲବ୍ କର୍ମ କର୍ତ୍ତା ଶୋଭନ ଦାସ ମହାପାତ୍ର, ନବେଲ ଖଣ୍ଡେଲ୍ ୱାଲ୍ , ହରି ହର ପୋଲି କ୍ଲିନକ୍ ରଜନୀ କାନ୍ତ ପାଣିଗ୍ରାହୀ, ମଧୁସ୍ମିତା ମହଆପତ୍ର, ସଂଯୋଗ ତ୍ରିଜୟ। ପାଣିଗ୍ରାହୀ, ଫରମ୍ସିଷ୍ଟ ଦେବାଶିଷ ବାରିକ୍, ଲାବ୍ ଟେକ୍ନିକଲ ସୁକାନ୍ତ କୁମାର ସିଂ, ମେଡ୍ ଚିନ୍ମୟ କୁମାର ମଳିକ ଉପୋସ୍ଥିତୋ ଥିବା ବେଳେ ଉତ୍ କଳା କଲ୍ଚରାଲ ଅନୁଷ୍ଠାନ ଅଧକ୍ଷ୍ ବିକ୍ରମ ବାରିକ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ବା ସହ ଏ ଭଳି ଅନେକ ସ୍ୱାସ୍ଥ୍ୟ ଶିବିର ହରି ହର ପୋଲି କ୍ଲିନିକ୍‌ରେ ଆଗକୁ ହେବ ବୋଲି ପ୍ରତିଶୃତି ଦେଇଥିଲେ ।

# ବାଲେଶ୍ୱର ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କୃଷିମେଳା ଅନୁଷ୍ଠିତ

ନୀଳଗିରି, ୨୨୮/୦୪ (ନି.ପ୍ର): ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ୨୦୧୯-୨୦ ମସିହା ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ ଏବଂ କୃଷିମେଳା ନୀଳଗିରି ବ୍ଲକ ମଝୁଆ ପଂଚାୟତ ସିଙ୍ଗିରି ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସରକାର ମାଟି ପରୀକ୍ଷଣ ପାଇଁ ଋଷୀକୁ ମୃତିକା ସ୍ୱାସ୍ଥ୍ୟକାର୍ଡ ଦେବା ପାଇଁ ଏକ ପାଇଲଟ ପ୍ରକଳ୍ପ ଗଠନ କରିଥିଲେ । ଏହି କ୍ରମରେ ନୀଳଗିରି ବ୍ଲକ ମଝୁଆ ପଂଚାୟତ ସିଙ୍ଗିରି ଗ୍ରାମକୁ ପାଇଲଟ୍ ଗ୍ରାମ ଭାବେ ନିଆଯାଇଥିଲା । ଗୁରୁବାର ଦିନ ପ୍ରାୟ ୧୧ଘଟିକା ସମୟରେ ସିଙ୍ଗିରି ଠାରେ ଏହି କୃଷିମେଳା ଅନୁଷ୍ଠିତ ହୋଇଥିବା ବେଳେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧକ୍ଷ ଜ୍ୟୋର୍ତିମୟ ପୁଥାଳ, ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ମୃତିକା ରାସାୟନବିତ ପ୍ରଦୀପ କୁମାର ନାୟକ, ଆତ୍ମାର ଚ୍ୟାୟାରମେନ୍ ଗଙ୍ଗାଧର ମିଶ୍ର, ନୀଳଗିରି ବ୍ଲକ କୃଷି ଅଧିକାରୀ ନୀଳିମା ପ୍ରିୟଦର୍ଶନୀ ମହାପାତ୍ର, ସହକାରୀ କୃଷି ଅଧିକାରୀ ତଟିନୀ ତପସ୍ୱିନୀ ଏ.ଏ.ଓ. ପ୍ରଜ୍ଞାଶ୍ରୀ ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ଏହି କୃଷିମେଳାକୁ ସଂଚାଳନ କରିଥିଲେ। ବ୍ଲକର ପ୍ରତି ପଂଚାୟତର ପ୍ରାୟ ସମସ୍ତ ସରପଂଚ / ସମିତିସଭ୍ୟ ଉପସ୍ଥିତ ଥିବା ବେଳେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ । ସିଙ୍ଗିରି ଗ୍ରାମର ପୂର୍ବରୁ ଯାଂଚ କରାଯାଇ ମାଟି ପରୀକ୍ଷଣ ପରେ ଚାଷୀମାନଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ କରାଯାଇଥିଲା ।

# ଜିକେ ଭଟ୍ଟର ହସ୍ପିଟାଲ ପରିଚାଳନା କମିଟି ବୈଠକ

ଜଳେଶ୍ୱର, ୨୮/୦୪ (ନି.ପ୍ର): ସମଗ୍ର ଉତ୍ତର ବାଲେଶ୍ୱର ଓ ପଶ୍ଚିମବଂଗର ଦକ୍ଷିଣ ମେଦିନୀପୁର ଅଂଚଳବାସୀଙ୍କ ଜୀବନରକ୍ଷାର କବଚଭାବେ ପରିଚିତ ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍ପିଟାଲ ପରିଚାଳନା କମିଟିର ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଅଧ୍ୟକ୍ଷତା କରି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଡାକ୍ତର ନିଯୁକ୍ତି, ହସ୍ପିଟାଲ ପରିସରରେ ଥିବା ବିଦ୍ୟୁତ୍ ପଙ୍ଖା, ଏସିର ମରାମତି ଏବଂ ଦୀର୍ଘ ୩ ମାସ ଧରି ଏକ୍ସ-ରେ ମେସିନ୍ କାର୍ଯ୍ୟ କରୁନଥିବାରୁ ବିଧାୟକ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଏବେ ଖରାଦିନରେ ହସ୍ପିଟାଲ ଆଗରେ ଥିବା ନୟନଯୋରିରେ ପାଣିନିଷ୍କାସନ ହେଉନଥିବାରୁ ବର୍ଷାଦିନେ ସମସ୍ୟା ହେବା ସମ୍ପର୍କରେ ଆଲୋଚନା କରିଥିଲେ । ହସ୍ପିଟାଲ ଗୃହର ମରାମତି, ରଂଗ ଦେବା, ବିକାଶ ଓ ଉନ୍ନତି ପାଇଁ ଏନ୍ଆର୍ଏଚ୍ଏମ୍ ବିଭାଗରୁ ଅର୍ଥ ଯୋଗାଇବା ସମ୍ପର୍କରେ ଡିପିଏମ୍ ଅନିଲ କୁମାର ମହାନ୍ତି ପରାମର୍ଶ ଦେଇଥିଲେ । ନିଷେଚକ ଡାକ୍ତର ନ ଥିବାରୁ ଯୋଗାଇ ଦେବାକୁ ଭାରପ୍ରାପ୍ତ ଡାକ୍ତର ତଥା ପ୍ରସୂତିବିଭାଗ ମୁଖ୍ୟ ଡ. ଦିଲ୍ଲୀପ ପାତ୍ର ନିବେଦନ କରିଥିଲେ । ବିଧାୟକ ତାଙ୍କ ହାତପାଣ୍ଠିରୁ ଦେଇଥିବା ୧୨ଲକ୍ଷ ଟଙ୍କାର ଖର୍ଚ୍ଚ ସଂପର୍କରେ ପଚାରି ବୁଝିଥିଲେ । ଦୀର୍ଘଦିନ ଧରି ରକ୍ତ ଯୋଗାଣ କେନ୍ଦ୍ର ବନ୍ଦ ରହିଥିବାରୁ ଆସନ୍ତା ୪ ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବା ସଂପର୍କରେ ଆଲୋଚନା ହୋଇଥିଲା । ଚକ୍ଷୁବିଭାଗ ସଶକ୍ତ କରିବା, ବର୍ଷରେ ଛଡ଼ା ହେଉଥିବାରୁ ସେଠାରେ ଛାଉଣୀ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଏହି ଆଲୋଚନାରେ, ମ୍ୟୁନିସିପାଲଟି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ସିଡିପିଓ ନିହାରିକା ମହାନ୍ତି, ଇଂ ରତନ ମାଝୀ, ଡ. ରମାକାନ୍ତ ଭଞ୍ଜ, ବିପିଏମ୍ ସ୍ମିତା ପଟ୍ଟନାୟକ, 'କିର ପ୍ରଧାନ, ଅଶୋକ ପାତ୍ର, ଶଙ୍କର ଘୋଷ, ଡ. ସଂଜୟ ପଣ୍ଡା, ବିନୋଦ ପ୍ରଧାନ, ସୌମ୍ୟରଂଜନ ଷଡଙ୍ଗୀ, ଆଶୋତୋଷ ପ୍ରଧାନ, ଶଶିକାନ୍ତ ଜେନା, ବନମାଳି ଜେନା, ଅବନୀ ଚାନ୍ଦ ପ୍ରମୁଖ ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ଭାରତୀୟ ବେରୋଜଗାର ମୋର୍ଚ୍ଚା ପକ୍ଷରୁ ଧାରଣା ଓ ଦାବିପତ୍ର ପ୍ରଦାନ



ବାରିପଦା, ୨୮/୦୪ (ନି.ପ୍ର): ଭାରତୀୟ ବେରୋଜଗାର ମୋର୍ଚ୍ଚା ପକ୍ଷରୁ ଆଜି ଜିଲ୍ଲା ପାଳଙ୍କୁ ଅଫିସ ସମ୍ମୁଖରେ ଧାରଣ ପ୍ରଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବୀପତ୍ର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ସଂଯୁକ୍ତ ରାଷ୍ଟ୍ର ୨୦୧୪ ର ରିପୋର୍ଟ ଅନୁସାରେ ଭାରତରେ ବହୁ ସଂଖ୍ୟାରେ ଯୁବବିଦ୍ୟାର୍ଥୀ, ବେରୋଜଗାର ଅଛନ୍ତି, ସେମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦିଆନଯିବାରୁ ସେମାନଙ୍କର ମାନସିକ ଚାପ ବଢିବା ସହିତ ସଠିକ ବାଟରେ ନଯାଇ ଅପୋରାଧ, ନିଶାଦ୍ରବ୍ୟ, ଆତ୍ମହତ୍ୟା ଇତ୍ୟାଦି ବାଟରେ ଯାଉଛନ୍ତି । ଏନସିଆରବି ରେପୋର୍ଟ ଅନୁସାରେ ପ୍ରତିଦିନ ଶିକ୍ଷିତ ଯୁବ, ବିଦ୍ୟାର୍ଥୀ ବେରୋଜଗାରୀ କରଣରୁ ୩୬ ଜଣ ଆତ୍ମହତ୍ୟା କରୁଛନ୍ତି । ଏଣୁ ଖାଲି ପୋଡ଼ି ଥିବା ପଦପଦବୀରେ ତୁରନ୍ତ ନିଯୁକ୍ତି ଦେବା, ଘୋରାଇ କରଣ ବନ୍ଦ କରାଯିବା, ଶିକ୍ଷିତ, ଯୁବ, ବିଦ୍ୟାର୍ଥୀ, ବେରୋଜଗାରୀ ମାନଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଅନୁସାରେ ବେରୋଜଗାର ଭତା ଦିଆଯିବା ଆଦି ଦାବୀପତ୍ର ରେ ଉଲ୍ଲେଖ କରା ଯାଇଛୀ । ଯଦି ସରକାର ବେରୋଜଗାର ସମସ୍ୟାକୁ ଅତିଶିଘ୍ର ସମାଧାନ ନକରନ୍ତି ତେବେ ଆଗାମୀ ଦିନରେ ରାଷ୍ଟ୍ରବ୍ୟାପି ବିକ୍ଷୋଭ ଏବଂ ଆନ୍ଦୋଳନ କରାଯିବ ବୋଲି କୁହା ଯାଇଛି ।

# ନାବାଳିକାକୁ ଅପହରଣ ଉଦ୍ୟମ : ଅଭିଯୁକ୍ତ ଅଟକ

ଜଳେଶ୍ୱର, ୨୮/୪(ନି.ପ୍ର): ଆଜି +୨ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ସହରରେ ଥିବା ଏକ ମହିଳା କଲେଜ ସାମ୍ନାରୁ ପରୀକ୍ଷା ଦେବାକୁ ଆସିଥିବା ଜଣେ ନାବାଳିକାକୁ ଅନ୍ୟ କେତେକ ଯୁବକ ଜବରଦସ୍ତ ଅପହରଣ କରିବାର ପ୍ରଚେଷ୍ଟା ବ୍ୟର୍ଥ ହୋଇଛି । ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଅମରଦା ଅଂଚଳର ୪/୫ ଜଣ ଯୁବକ ନାବାଳିକାକୁ ଜବରଦସ୍ତ ଉଠାଇ ନେବାକୁ ଚେଷ୍ଟା କରିଥିବାର ବେଳେ ନାବାଳିକା ସହ ଆସିଥିବା ସମ୍ପର୍କୀୟମାନେ ବିରୋଧ କରିଥିଲେ । ଫଳରେ ଉଭୟପକ୍ଷ ମୁହାଁମୁହି ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିଯୁକ୍ତକୁ କାବୁ କରିଥିଲା । ସୁଯୋଗ ଉଣ୍ଡି ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇ ହୋଇଥିଲେ । ଏହା ମହିଳା କଲେଜ ହୋଇଥିବାରୁ କେତେକ ଅସାମାଜିକ ଯୁବକ ନା ବାଳିକା ମାନଙ୍କୁ ଖରାପ ଆଚର ପ୍ରଦର୍ଶନ କରୁଥିବାରୁ ସେଠାରେ ପୁଲିସ୍ ପେଟ୍ରୋଲିଂର ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

# ଗ୍ରୀଷ୍ମ ପ୍ରବାହକୁ ପ୍ରତିହତ କରିବା ପାଇଁ ଜଳଛତ୍ର



ଭଦ୍ରକ, ୨୮/୦୪ (ନି.ପ୍ର): ପବିତ୍ର ମଧୁ ଜୟନ୍ତୀରେ 'ଜ୍ଞାନ ବଗିଚା ଫାଉଣ୍ଡେସନ୍ ଏବଂ ଚାରିଟେବଲ ଟ୍ରଷ୍ଟ' ତରଫରୁ ଭଦ୍ରକ ସହରର ହେଡପୋଷ୍ଟ ଅଫିସ ଛକରେ ପଥଚାରୀଙ୍କ ପାଇଁ ଏକ ସୁସ୍ୱାଦୁ ଜଳଛତ୍ରର ବନ୍ଦୋବସ୍ତ କରାଯାଇଛି । ଦହି ସରବତ, ଲେମ୍ବୁ ସରବତ, ଜଳଜିରା ଓ ଗ୍ଲୁକୋଜ ଯୁକ୍ତ ପାନୀୟ ଷ୍ଟଲ୍ କୁ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମଲ୍ଲିକ ଫିତାକାଟି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ର. ଅଟଳ ବିହାରୀ ନାୟକ ଓ ଫାଉଣ୍ଡେସନର ମୁଖ୍ୟ ଉପଦେଷ୍ଟା ତଥା ସମ୍ବାଦ ପତ୍ର 'ସୂର୍ଯ୍ୟପ୍ରଭା'ର ଜିଲ୍ଲା ପ୍ରତିନିଧି ଜ୍ଞାନ ପ୍ରକାଶ ପାଣୀ ଉକ୍ତ ପାନୀୟ ଷ୍ଟଲ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ତ୍ରିଲୋଚନ ଦତ୍ତ, ଭାଇସ୍ ଚେୟାରମ୍ୟାନ୍ ଲକ୍ଷ୍ମୀପ୍ରିୟା ପ୍ରଧାନ, ସାଧାରଣ ସମ୍ପାଦକ ନିର୍ମଳ ଦେବଶର୍ମା, କୋଷାଧ୍ୟକ୍ଷ ଶ୍ରୀମତୀ ଶାନ୍ତିଲତା ସାହୁ, ଶିକ୍ଷା ସମ୍ପାଦକ ସୋନୁ କୁମାର, କୃଷି ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ, ଜ୍ୟୋର୍ତିମୟୀ ପ୍ରଧାନ, ସରସ୍ୱତୀ ମହାକୁଡ଼, ମଞ୍ଜୁଲତା ପରିଡ଼ା, ସହ ସମ୍ପାଦକ ବାସନ୍ତୀ ଲତା ମାହୁନ୍ତ, ଅଫିସ ସହଯୋଗୀ ରାଧାମୋହନ ପ୍ରଧାନ, ସମାଜସେବୀ ଅଶୋକ ଦାସ, ସମାଜସେବୀ ପ୍ରମୋଦ କୁମାର ମହାନ୍ତି, ଜଗବନ୍ଧୁ ବାରିକ୍, ପାର୍ବତି ସାହୁ, ବିକାଶ ଶତ୍‌ପଥୀ, ବାପି ବାବୁ, ବୈଜୟନ୍ତୀ ବେହେରା, ମେନେଜର ଗୌରହରି ଜେନା, ଗୌରବ କୁମାର ମହାନ୍ତି, ଅକ୍ଷୟ ଭୋଳ ପ୍ରମୁଖ ଜଳଛତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଗଣା ମୋତିଆବିନ୍ଦୁ ଚିହ୍ନଟ ଓ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ



ନୀଳଗିରି, ୨୮/୦୪ (ନି.ପ୍ର): ବାଲେଶ୍ୱର ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଏବଂ ନୀଳଗିରି ସଞ୍ଜିବନୀ କମ୍ୟୁନିଟି ସେଂଟର ଆନୁକୂଲ୍ୟରେ ଏକ ମାଗଣା ମୋତିଆବିନ୍ଦୁ ଚିହ୍ନଟ ଏବଂ ଅସ୍ତ୍ରପଚାର ଶିବିର ନୀଳଗିରି ଘାଟଘରସାହିସ୍ଥିତ ସଞ୍ଜିବନୀ କମ୍ୟୁନିଟି ସେଂଟର ଠାରେ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଅନୁଷ୍ଠିତ ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ଲାୟନ୍ସ ହସପିଟାଲ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅରୁପ ଦେ, ମ୍ୟାନେଜର ପ୍ରିୟଦର୍ଶୀ ସିଂହ ସାମନ୍ତ, ହସପିଟାଲ ସହକାରୀ କର୍ମଚାରୀ ସଂଜୀବ ଦାସ, ଜୟନ୍ତ ନାୟକଙ୍କ ଉପସ୍ଥିତିରେ ମୋଟ ୭୩ଜଣ ଚକ୍ଷୁ ରୋଗୀ ପଞ୍ଜିକୃତ କରିଥିବା ବେଳେ ସେଥିମଧ୍ୟରୁ ୧୮ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ କରାଯାଇଛି । ସମାଜସେବୀ ରାଜେନ୍ଦ୍ର କୁମାର ଜେନା, ସରୋଜ କୁମାରଦାଶ, ରାଜୁ ସିଂ (କାଉନସିଲର), ରଂଜିତ କୁମାର ସାହୁ, ରମେଶ ସ, ତାପସ ପାଣି, ସାମ୍ବାଦିକ ରବି ରାଉତ ଙ୍କ ମିଳିତ ଉଦ୍ୟମରେ ସଂଜିବନୀ କମ୍ୟୁନିଟି ସେଂଟର ଠାରେଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ସଂଜୀବନୀ କମ୍ୟୁନିଟି ସେଂଟର ଏବଂ ଲାୟନ୍ସ ଚକ୍ଷୁ ହସ୍‌ପିଟାଲ ର ଏଭଳି ଉଦ୍ୟମକୁ ଅଂଚଳରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ବାଲିଆପାଳରେ ମଧୁବାବୁ ଜୟନ୍ତୀ ପାଳିତ



ବାଲିଆପାଳ, ୨୮/୦୪ (ନି.ପ୍ର): ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୫ତମ ଜୟନ୍ତୀ ସ୍ଥାନୀୟ କ୍ରୀଡା ମହାବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି । ପ୍ରାକ୍ତନ ଅଧ୍ୟକ୍ଷ ତଥା ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖାର ସ୍ଥାୟୀ ସଭାପତି କୁଞ୍ଜକାନ୍ତ ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ କାର୍ଯ୍ୟକାରୀ ସଭାପତି ଝାଡେଶ୍ୱର ପ୍ରଧାନ, ସଂପାଦକ କବି ସନ୍ୟାସୀ ବେହେରା, ସହ ସଂପାଦକ ଅର୍ଦ୍ଧେନ୍ଦୁ ପ୍ରାଣୀଗ୍ରାହୀ ପ୍ରମୁଖ ମଂଚାସୀନ ହୋଇଥିଲେ । ମଂଚାସୀନ ଅତିଥିମାନେ ବାଲିଆପାଳ ମାଟିର ଗୌରବ ଡ. ଅଦ୍ୱୈତ ପାତ୍ର ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ରୂପେ ଓଡିଆ ମାତୃଭାଷା ଓ ଓଡିଶା ସୀମା ରକ୍ଷା ଉପରେ ଯେଭଳି କାର୍ଯ୍ୟ କରିଚାଲିଛନ୍ତି ସମେସ୍ତେ ସମେସ୍ତେର ଭୁରି ଭୁରି ପ୍ରସଂସା କରିଥିଲେ । ବାଲିଆପାଳ ମାଟିକୁ ସାରା ଓଡିଶାରେ ପରିଚୟ କରିପାରିଛନ୍ତି । ଏହି ସଭାରେ ଅନ୍ୟମାନଙ୍କ ମମଧ୍ୟରେ ଡ. କୃଷ୍ଣାକୁମାରୀ ନାୟକ, ଡ.ରଶ୍ମିତା ପାଣୀଗ୍ରାହୀ, ବୀରମାଧବ ଦାସ, ଶ୍ରୀହରି ମଣ୍ଡଳ, ବିଜୟ ପାତ୍ର ସେହ୍ନଲତା ନାୟକ ପ୍ରମୁଖ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ମଂଚାସୀନ ଅତିଥି ମାନେ ମଧୁବାବୁଙ୍କର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମଧୁବାବୁଙ୍କର ପ୍ରଚେଷ୍ଟା ଏବଂ ଓଡିଆ ଭାଷାକୁ ବଂଚାଇ ରଖିବା ପାଇଁ ତାଙ୍କ ଉଦ୍ୟମକୁ ମନେ ପକାଇଥିଲେ ।

# ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ



ବାରିପଦା, ୨୮/୦୪ (ନି.ପ୍ର): ଲୋକଙ୍କୁ କମ ଦାମରେ ଉଚ୍ଚ ମାନର ଔଷଧ ଯୋଗାଇଦେବା ଲକ୍ଷରେ କେନ୍ଦ୍ର ସରକାର ପ୍ରଚଳନ କରିଥିବା ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନାରେ ବାରିପଦା ବାଘଡାରୋଡ କମଳାନେହେରୁ ଲେନରେ ଆଜି ଅପରାହ୍ନରେ ଏକ ଜନ ଔଷଧି କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଜନଔଷଧି କେନ୍ଦ୍ରର ସତ୍ୱାଧିକାରିଣୀ ସଂଧାରାଣି ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବାରିପଦାର ବିଶିଷ୍ଟ ସମାଜସେବୀ ଶରତଚନ୍ଦ୍ର ନାୟକ ଓ ସାମ୍ବାଦିକ ଅକ୍ଷୟ କୁମାର ଅଗ୍ରୱାଲା ଯୋଗଦେଇ ଫିତାକାଟି କେନ୍ଦ୍ରକୁ ଉଦଘାଟନ କରି ବାରିପଦାରେ ଜନଔଷଧି କେନ୍ଦ୍ର ଖୋଲା ହେବା ଦ୍ୱାରା ସାଧାରଣ ବର୍ଗର ଲୋକେ ବେଶ ଉପକୃତ ହେବେ ବୋଲି କହିଥିଲେ । ଏହି ଅବସର ରେ ବାସୁଦେବ ସାହୁ, ସାମ୍ବାଦିକ ଦୀପକ କୁମାର ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏହି ଜନଔଷଧି କେନ୍ଦ୍ରରେ ସରକାରୀ ଯୋଜନା ମୁତାବକ ସମସ୍ତ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ୧୦ରୁ ୯୦ ଶତକଡା ରିହାତିରେ ଗ୍ରାହକ ମାନେ ପାଇପାରିବେ ବୋଲି କେନ୍ଦ୍ର ର ସତ୍ୱାଧିକାରିଣୀ ଶ୍ରୀମତୀ ସାହୁ କହିଛନ୍ତି ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

ବସ୍ତା, ୨୮।୪ (ନି.ପ୍ର.) : ବସ୍ତାବ୍ଲକର ସରଡିହା ଗ୍ରାମରେ ହାତୀ ଦଳିଦେବା ଯୋଗୁଁ ଜନୈକ ଯୁବକ ଗୁରୁତର ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ ଚଳାଇଥିବା ଜଣାପଡିଛି । ପ୍ରକାଶ ଯେ, ବାଲେଶ୍ୱର ଓ ମୟୁରଭଞ୍ଜ ଜିଲା ସୀମାରେ ହାତୀ ଉପଦ୍ରବ ଉତ୍କଟ ହୋଇଛି । ଗୁରୁବାର ସକାଳେ ବସ୍ତାବ୍ଲକ ପତ୍ରଝଡା ପଞ୍ଚାୟତର ସରଡିହା ଗ୍ରାମରେ ହାତୀପଲ ଉପଦ୍ରବ ଚଳାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହ ରାସଗୋବିନ୍ଦପୁର ବ୍ଲକର ପୁରୁଣାପାଣି ଅଞ୍ଚଳର ରାମଚନ୍ଦ୍ର କିସ୍କୁଙ୍କ ପୁଅ ଲକ୍ଷ୍ମୀଧର କିସ୍କୁ (୩୨) ହାତୀ ଘଉଡାଉଥିବା ବେଳେ ଗୋଟିଏ ହାତୀ ତାଙ୍କୁ ଗୋଡରେ ଦଳି ଦେଇଥିଲା । ଏଥିଯୋଗୁଁ ସେ ଗୁରୁତର ହୋଇପଡିଥିଲେ । ତାଙ୍କୁ ପ୍ରଥମେ ସ୍ଥାନୀୟ ବସ୍ତା ହସପିଟାଲ ଓ ପରେ ଅବସ୍ଥା ଗୁରୁତର ଥିବାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତପଲକୁ ଘଉଡାଇବାର ବ୍ୟବସ୍ଥା କରିଥିଲେ ।

# ଉର୍ଦ୍ଦୁଶିକ୍ଷା ପ୍ରତି ସରକାରୀ ଉଦାସୀନତା ବିରୋଧରେ ସ୍ମାରକପତ୍ର

ବାଲେଶ୍ୱର,୨୮/୦୪ (ନି.ପ୍ର): ରାଜ୍ୟରେ ଉର୍ଦ୍ଦୁଶିକ୍ଷା ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବାଲେଶ୍ୱର ସଂଖ୍ୟାଲଘୁ ସୁରକ୍ଷା ମଞ୍ଚ । ସଂଗଠନର କର୍ମକର୍ତ୍ତାଙ୍କ ଅଭିଯୋଗ ଅନୁସାରେ କଟକର ଉର୍ଦ୍ଦୁ ସିଟି ଟ୍ରେନିଂ ସେଣ୍ଟର ବନ୍ଦ ପାଇଁ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଆଗାମୀ ଦିନରେ ଉର୍ଦ୍ଦୁ ଶିକ୍ଷାର୍ଥୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ବିଶେଷ କରି ବିଦ୍ୟାଳୟରେ ଉର୍ଦ୍ଦୁକୁ ନିଜର ମାତୃଭାଷା ଭାବେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣରୁ ବଞ୍ଚିତ ହେବେ ବୋଲି କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ଚଳିତ ଶିକ୍ଷାବର୍ଷ ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଅନ୍ୟାନ୍ୟ ସବୁ ବିଷୟର ବହି ବଣ୍ଟନ ଶେଷ ହୋଇଥିବା ବେଳେ ଉର୍ଦ୍ଦୁ ସାହିତ୍ୟ ବହି ଦିଆଯାଇନାହିଁ । ଏହା ବ୍ୟତୀତ ପୂର୍ବରୁ ଫାଜିଲ ପାସ କରିଥିବା ଶିକ୍ଷକମାନେ ହାଇସ୍କୁଲରେ ଉର୍ଦ୍ଦୁ ଭାଷାରେ ପାଠ ପଢ଼ାଉଥିବା ବେଳେ ରାଜ୍ୟ ସରକାର ଉର୍ଦ୍ଦୁ ଶିକ୍ଷକଙ୍କ ପାଇଁ ଫାଜିଲ ସହିତ ବି.ଏଡ. ବାଧ୍ୟତାମୂଳକ ବୋଲି ଘୋଷଣା କରିଛନ୍ତି । ଓଡ଼ିଶାରେ ଉର୍ଦ୍ଦୁ ଭାଷାରେ ବି.ଏଡ. ପାଇଁ କୌଣସି ସୁଯୋଗ ନିଥିବା ବେଳେ ଏପରି ଘୋଷଣାକୁ ନେଇ ମଞ୍ଚର କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାରଙ୍କ ଏହି ଭଳି ପଦକ୍ଷେପ ମୁସଲିମ ସମାଜ ବିରୋଧୀ ବୋଲି ସେମାନେ କହିଛନ୍ତି । ସରକାର ତୁରନ୍ତ ଉଚିତ ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ଉର୍ଦ୍ଦୁ ଶିକ୍ଷାର୍ଥୀଙ୍କ ପାଇଁ ଉଚିତ ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି ।

# ପ୍ରଜାପତିର ଡେଣାରେ ଲେଖା କବିତା ପୁସ୍ତକ ଲୋକାର୍ପିତ




ଭୁବନେଶ୍ୱର, ୨୮/୦୪ (ନି.ପ୍ର): ଯୁବକବି ଦେବିପ୍ରସାଦ ମହାପାତ୍ରଙ୍କ କବିତା ପୁସ୍ତକ 'ପ୍ରଜାପତିର ଡେଣା' ରେ ଲେଖା କବିତାର ଲୋକାର୍ପଣ ଆଜି ପୁରୀ ଯୁଥ୍ ହଷ୍ଟେଲରେ ଅନୁଷ୍ଠିତ ହୋଇଯାଇଛି । ପକ୍ଷୀଘର ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟିକୁ ଡ.କୈଳାସ ଟିକାୟତରାୟ, ଗାଳ୍ପିକ ଅଜୟ ସ୍ୱାଇଁ, ବିଶିଷ୍ଟ ସଂଳାପକାର ଡ.ରଜନୀ ରଞ୍ଜନ, ବିପିନ୍ ଦଳାଇ, ଗାୟକ ସଚ୍ଚିଦାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ସଭା ପରିଚାଳନା କରିଥିଲେ ବନୋଜ ତ୍ରିପାଠୀ । ଅନ୍ୟାନ୍ୟଙ୍କ ମଧ୍ୟରେ କବି ଉମାକାନ୍ତ ମହାପାତ୍ର, ଶ୍ୟାମାପ୍ରସାଦ ସେନାପତି, ହେମାଙ୍ଗିନୀ ମହାନ୍ତି ପ୍ରମୁଖ ଯୋଗଦେଇ ପୁସ୍ତକ ଉପରେ ଆଲୋଚନା କରିଥିଲେ ।

# ଉଦଳା ଓକିଲ ସଂଘ ପକ୍ଷରୁ ମଧୁସୂଦନ ଜୟନ୍ତୀ ପାଳିତ



ଉଦଳା, ୨୮/୦୪ (ନି.ପ୍ର): ଉଦଳା ଓକିଲ ସଂଘ ପକ୍ଷରୁ ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୫ ତମ ଜୟନ୍ତୀ (ଆଇନଜୀବି ଦିବସ) ପାଳିତ ହୋଇ ଯାଇଛି । ଏହି ଅବସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଆଇନଜୀବିଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବଣିକ ସଂଘର କର୍ମକର୍ତ୍ତା ଓ ସାମାଜିକ କର୍ମୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ପ୍ରଭାତରେ ସମସ୍ତେ ମିଳିମିଶି ସହର ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଓକିଲ ସଂଘ ବୈଠକ ଗୃହ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମଧୁବାବୁଙ୍କ ଜୀବନଇତିହାସ ଓ ଉତ୍କଳ ସମ୍ମିଳନୀର ଗଠନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ମଞ୍ଚ ପରିଚାଳନା କରିବା ସହିତ ଆମଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା କ୍ଷେତ୍ରରେ ଆଇନଜୀବି ମାନେ କିପରି ଭୂମିକା ଲିଭାଉଛନ୍ତି ବର୍ଣ୍ଣନା କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବି ନିରାକାର ମହାପାତ୍ର, ପ୍ରଭୁପଦ ପରିଡ଼ା, ଶ୍ରୀକୃଷ୍ଣ ବେହେରା ପ୍ରମୁଖ ଅଂଶ ଗ୍ରହଣ କରି ମଧୁବାବୁଙ୍କର ଓକିଲାତି ଜୀବନ, ସାରସ୍ୱତ ସାଧନା ଓ ରାଜନୈତିକ ଜୀବନ ବିଷୟରେ ବର୍ଣ୍ଣନା କରିଥିଲେ । ଏହାପରେ ସଂଘର ବରିଷ୍ଠ ସଦସ୍ୟ କୃଷ୍ଣ ମୋହନ ବେହେରା ଏବଂ ସଭାପତି ଲମ୍ବୋଦର ବେହେରାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଆଜିର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିଥିବାରୁ ସମ୍ପାଦକ ଶ୍ରୀଯୁକ୍ତ ପରିଡ଼ା ଧନ୍ୟବାଦ ଜଣାଇଥିଲେ ।

# ବିଜୁ ପଟ୍ଟନାୟକ ବିକାଶ ଗ୍ରୁପ୍ ଅଫ ନର୍ସିଂ ଟ୍ରେନିଂ ସେଣ୍ଟରର ସଫଳତା

ବାରିପଦା, ୨୮/୦୪ (ନି.ପ୍ର): ବାରିପଦା ଦେବେନ୍ଦ୍ରପୁର ଠାରେ ଥିବା ବିଜୁ ପଟ୍ଟନାୟକ ଏଏନଏମ, ଜିଏନଏମ, ବିଏସି ନର୍ସ ଟ୍ରେନିଂ ସେଣ୍ଟର, ବାଲେଶ୍ୱର ଜିଲ୍ଲାର ରେମୁଣା ଠାରେ ଥିବା ବିକାଶ ଏଏନଏମ ନର୍ସ ଟ୍ରେନିଂ ସେଂଟର, କେନ୍ଦୁଝର ଜିଲ୍ଲାର ଘୁଟୁର ଠାରେ ଥିବା ବ୍ରିଲିଆଣ୍ଟ ଜିଏନଏମ ନର୍ସିଂ ଟ୍ରେନିଂ ସେଣ୍ଟର ଏବେ ନର୍ସିଂ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଉତମ ପ୍ରଦର୍ଶନ ପୂର୍ବକ ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ପାଲଟିଛି । ଏଠାରେ ପାଠ ପଢୁଥିବା ପିଲାମାନେ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିବା ସହ ବଡ଼ବଡ଼ ହସ୍ପିଟାଲରେ ନିଯୁକ୍ତି ପାଉଛନ୍ତି । ୨୨ ବର୍ଷର ପୁରୁଣା ଏହି ଅନୁଷ୍ଠାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ସ୍ୱୀକୃତି ପାଇଛି । ଚଳିତ ବାର୍ଷିକ ପରୀକ୍ଷାରେ ଏହି ଅନୁଷ୍ଠାନର ଶତପ୍ରତିଶତ ଛାତ୍ରଛାତ୍ରୀ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି । ବିଜୁ ପଟ୍ଟନାୟକ ନର୍ସିଂ କଲେଜର ତୃତୀୟ ବର୍ଷର ଛାତ୍ରୀ ସୋମା ମାଇତି ସର୍ବାଧିକ ୯୦.୩୩ ପ୍ରତିଶତ ନମ୍ବର ସହ ପ୍ରଥମ, ତ୍ରିପରଳା ଦାସ ଦ୍ୱିତୀୟ ଓ ତ୍ରିନା ଦାସ ତୃତୀୟ ସ୍ଥାନରେ ରହିଛନ୍ତି । ଦ୍ୱିତୀୟ ବର୍ଷର ଅର୍ପିତା ବେରା ୮୫.୭୯ ପ୍ରତିଶତ ନମ୍ବର ସହ ପ୍ରଥମ, ନବନିତା ପରି ଦ୍ୱିତୀୟ, କୋଏଲ ସାହୁ ତୃତୀୟ ସ୍ଥାନରେ ଅଛନ୍ତି । ପ୍ରଥମ ବର୍ଷର ପ୍ରିୟାଲି ମାଇତି ସର୍ବାଧିକ ୮୬ ପ୍ରତିଶତ ନମ୍ବର ସହ ପ୍ରଥମ, ତପପ୍ରିୟା ଘୋଷ ଦ୍ୱିତୀୟ ସଂଯୁକ୍ତା ତରାଇ ତୃତୀୟ ସ୍ଥାନ ହାସଲ କରିଛନ୍ତି । ବାଲେଶ୍ୱର ଜିଲ୍ଲା ଜାନୁଗଞ୍ଜ ଠାରେ ଥିବା ବିକାଶ ନର୍ସିଂ ଟ୍ରେନିଂ ସ୍କୁଲର ଜିଏନଏମ ତୃତୀୟ ବର୍ଷର ବୁଲୁଟି ଜାନା ୮୮.୧୭ ପ୍ରତିଶତ ନମ୍ବର ସହ ପ୍ରଥମ, ଜୟଶ୍ରୀ ସାହୁ ଦ୍ୱିତୀୟ ଓ ଦେବସ୍ମିତା ମାଲ ତୃତୀୟ ସ୍ଥାନରେ ଅଛନ୍ତି । ଦ୍ୱିତୀୟ ବର୍ଷର ଆରତି ସିଂହ ୮୩.୨୯ ପ୍ରତିଶତ ନମ୍ବର ସହ ପ୍ରଥମ, ଶ୍ୱେତା ସିଂହରାୟ ଦ୍ୱିତୀୟ ଓ ମଧୁମିତା ଦାସ ତୃତୀୟ ସ୍ଥାନରେ ଅଛନ୍ତି । ସେହିପରି ଜିଏନଏମ ପ୍ରଥମ ବର୍ଷର ଛାତ୍ରୀ ବିୟୁଟି ଓଝା ପ୍ରଥମ, ଜାହ୍ନବୀ ଦାସ ଦ୍ୱିତୀୟ ଓ ସଙ୍ଗୀତ ଭୁନିୟା ତୃତୀୟ ସ୍ଥାନ ହାସଲ କରିଛନ୍ତି । ଏମାନଙ୍କ ବ୍ୟତୀତ କଲେଜର ଅନ୍ୟ ପିଲାମାନେ ୭୦ ପ୍ରତିଶତରୁ ଅଧିକ ନମ୍ବର ସହ ଉତୀର୍ଣ୍ଣ ହୋଇଛନ୍ତି । ତେବେ କୃତି ଛାତ୍ରୀ ମାନଙ୍କୁ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ସେଠୀ ଓ ସମ୍ପାଦକ ବିକାଶ ଚନ୍ଦ୍ର ସେଠୀ ଏବଂ ଅନ୍ୟାନ୍ୟ କର୍ମକର୍ତା ମାନେ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜଳ ଭବିଷ୍ୟତ କାନା କରିଛନ୍ତି ।

# ଯୁକ୍ତ ୨ ପରୀକ୍ଷା ଦେଉଥିବା ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮/୦୪ (ନି.ପ୍ର): ଆଜି ଠାରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ପରୀକ୍ଷା ଦେଉଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଯୁକ୍ତ ୨ ପରୀକ୍ଷା ଦେବାକୁ ଯାଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଚାପମୁକ୍ତ ହୋଇ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ଦିଗରେ ଯତ୍ନବାନ ହେବା ସହ ସମସ୍ତଙ୍କର ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ସଂଖ୍ୟାଲଘୁ ସଂପ୍ରଦାଦାୟର ଯୁବକକୁ ଅକ୍ରମଣ ଘଟଣା : ଅଭିଯୁକ୍ତକୁ ଗିରଫ ଦାବିରେ ବିଜେପି ପକ୍ଷରୁ ଥାନା ସମ୍ମୁଖରେ ଧାରଣା



ବାଲିଆପାଳ, ୨୮/୦୪ (ନି.ପ୍ର): ବାଲିଆପାଳଥାନା ଅନ୍ତର୍ଗତ କଚୁଆପଡା ଗ୍ରାମର ସେଖ ସାକତଙ୍କ ପୁଅ ଶେଖ ରାଜତୁଲ୍ଲା (୨୮)ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ୭ ଦିନ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତ ସାହା ବୁଦ୍ଦିନ ସାହାକୁ ଗିରଫ କରିବାରେ ବିଫଳ ହୋଇଛି । ଅଭିଯୁକ୍ତକୁ ତୁରନ୍ତ ଗିରଫ ଦାବିରେ ଆଜି ବାଲିଆପାଳ ବିଜେପି ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଦିଆଯାଇଛି । ଶେଖ ରାଜତୁଲ୍ଲାଙ୍କ ପରିବାର ସଦସ୍ୟ ସମେତ ବିଜେପି ନେତା ଅରବିନ୍ଦ ବେହେରା, ମହେଶ୍ୱର ଜେନା, ଗୌରବ ଅଣ୍ଡିଆ, କ୍ଷିତୀଶ ଜେନା, ମନୋଜ ସୀ, ଭୃଗୁରାମ ବିଶ୍ୱାଳ, ସତ୍ୟରଞ୍ଜନ ମଣ୍ଡଳ, ନୀଳକଣ୍ଠ ଜେନା, ଅଜୟ କୁମାର ସାହୁ, ବର୍ଷାରାଣି ପଢିଆରୀ, ହରେକୃଷ୍ଣ ବାରିକ, ଦେବାନନ୍ଦ ପିଳା, ପ୍ରଦୀପ କୁମାର ସୀ, ରୀତାଞ୍ଜଳୀ ଜେନା, ଜୟନ୍ତ କୁମାର ଜେନା, ନରୋ ମ ଗିରି, ବସ୍ତା ବିଜେପି ନେତା ସୂର୍ଯ୍ୟନାରାୟଣ ସାହୁ,ଧୀରେନ କୁମାର ସେଠୀ ସମେତ ଦଳୀୟ ନେତୃମଣ୍ଡଳୀ ଥାନା ସମ୍ମୁଖରେ ଧାରଣାରେ ବସିରହିଛନ୍ତି । ଅଭିଯୁକ୍ତ ସାହାବୁଦ୍ଦିନ ଗତ ୨୨ ତାରିଖରେ ରାଜତୁଲ୍ଲା ଙ୍କୁ ଘରୁ ଡାକିଆଣି ତା ବେକରେ ରଶି ଲଗାଇ ମାରିଦେବାକୁ ଉଦ୍ୟମ କରିଥିଲା । ରାତୁଲ୍ଲା ଗୁରୁତର ଅବସ୍ଥାରେ କଟକ ବଡମେଡିକାଲରେ ଚିକିତ୍ସିତ ହେଉଛି । ଏନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୯୬/୨୨ରେ ମାମଲା ରୁଜ୍ଜୁ କରିବା ସହ ଅଭିଯୁକ୍ତ ଶାହାବୁଦ୍ଦିନଙ୍କୁ ଥାନାରେ ।ଟକ ରଖି ପଚରା ଉଚୁରା କରିଥିଲା । ମାତ୍ର ଘଟଣା ଦିନ ରାତ୍ରୀରେ ଶାହା ବୁଦ୍ଦିନକୁ ଛାଡିଦେଇଥିଲା । ତେବେ ୩୦୭ ଭଳି ସଙ୍ଗୀନ ଦଫା ଲାଗିଥିବା ବଳେ ପୋଲିସ କାହା ଚାପରେ ଶାହା ବୁଦ୍ଦିନକୁ ଛାଡିଥିଲା ତାକୁ ନେଇ ବିଜେପି ନେତାମାନେ ପ୍ରଶ୍ନ ଉଠାଇଛନ୍ତି । ବାଲିଆପାଳର ବହୁ ଚର୍ଚ୍ଚିତ ରାଜଧାନୀ ଢାବା ନାବାଳକ ମୃତ୍ୟୁ ମାମାଲାରେ ଶାହା ବୁଦ୍ଦିନ ଢୁଖ୍ୟ ଅଭିଯୁକ୍ତ ଭାବେ ଜାମିନରେ ଅଛନ୍ତି ।ଶାସକ ଦଳର ଚାପରେ ପୋଲିସ ଶାହାବୁଦ୍ଦିନଙ୍କୁ ସୁରକ୍ଷା ଦେଉଛି ବୋଲି ବିଜେପି ପକ୍ଷରୁ ଅଭିଯୋଗ କରଯାଇଛି ।ଯେ ପର୍ଯ୍ୟନ୍ତ ପୋଲିସ ଶାହାବୁଦ୍ଦିନଙ୍କୁ ଗିରଫ ନକରିଛି ସେ ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରା ଗଣମାଧଯୟମକୁ ସୂଚନା ପ୍ରଦାନ କରିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo